ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୬୭
୨୪ ନଭେମ୍ବର, ୨୦୨୫ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 167
24th November, 2025 Monday
Bhubaneswar

ODISHA EXPRESS  SIGHTS TRUTH WRITES TRUTH  ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in  E-mail : odishaexpress@gmail.com  RNI Regd. No. ODIODI/2006/23033  Postal Regd. No. : BN/169/13-15  ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ବିତ୍ତେ ତ୍ୟାଗଃ କ୍ଷମା ଶକ୍ତୌ ଦୁଃଖେ ଦୈନ୍ୟବିହୀନତା
ନିର୍ଦମ୍ଭତା ସଦାଚାରେ ସ୍ୱଭାବୋୟଂ ମହାତ୍ମନାମ୍**

ମହାତ୍ମାମାନେ ଧନଶାଳୀ ହେଲେ ତ୍ୟାଗ କରନ୍ତି, ଶକ୍ତିଶାଳୀ ହେଲେ କ୍ଷମା ଆଚରଣ କରନ୍ତି, ଦୁଃଖରେ ଦୀନତା ପ୍ରକାଶ କରନ୍ତି ନାହିଁ, ସଦାଚାରରେ କପଟତା ଅବଲମ୍ବନ କରନ୍ତି ନାହିଁ। ଏହା ସେମାନଙ୍କର ସ୍ୱଭାବ ।

### ଓପାଡଡ

**... ବାଜିଗଲେ ଦୋଷ ନାହିଁ**

**ସବୁବେଳେ ଗରିବଙ୍କୁ ଧରିବ...**

# ୧ରୁ ଶୀତ ଅଧିବେଶନ: ଆସିପାରେ ୧୨ ବିଲ୍

**ନୂଆଦିଲ୍ଲୀ, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଡିସେମ୍ବର ୧ ତାରିଖରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନ ପାଇଁ ସରକାର ୧୨ଟି ବିଲ୍ ତାଲିକାଭୁକ୍ତ କରିଛନ୍ତି। ଏଥିରେ ୧୦ଟି ନୂଆ ବିଲ୍ ଅନ୍ତର୍ଭୁକ୍ତ ରହିଛି। ଏସବୁ ବିଲ ମଧ୍ୟରେ ରହିଛି ଘରୋଇ କ୍ଷେତ୍ର ପାଇଁ ପରମାଣୁ କ୍ଷେତ୍ରକୁ ଖୋଲିବା, ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ଏବଂ ବିଧାନସଭା ନଥିବା ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ଚଣ୍ଡିଗଡ଼ର ପ୍ରଶାସନକୁ ସମାନ ସ୍ତରକୁ ଆଣିବା ପାଇଁ ବିଲ୍।

ଆହୁରି ମଧ୍ୟ ବୀମା କ୍ଷେତ୍ର ସହିତ ଜଡିତ ବିଲ୍, ସିକ୍ୟୁରିଟିଜ୍ ବଜାରରେ ସଂସ୍କାର ଏବଂ ରାଜପଥ ପାଇଁ ଜମି ଅଧିଗ୍ରହଣକୁ ସରଳ କରିବା ସଂପର୍କିତ ଏକ ବିଲ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ତଥାପି ଗୋଟିଏ ବିଲ୍ ପୂର୍ବରୁ ବିବାଦ ସୃଷ୍ଟି କରିଛି। ସମ୍ବିଧାନର ୧୩୧ତମ ସଂଶୋଧନ ପାଇଁ ବିଲ୍ ମଧ୍ୟ ତାଲିକାଭୁକ୍ତ ହୋଇଛି।

ଏହି ବିଲ୍ ଚଣ୍ଡିଗଡ଼କୁ ସମ୍ବିଧାନର



ଧାରା ୨୪୦ ଅଧୀନରେ ଅନ୍ତର୍ଭୁକ୍ତ କରିବାର ପ୍ରସ୍ତାବ ରଖିଛି ଯାହା ଦ୍ୱାରା ଏହାର ପ୍ରଶାସନକୁ ଅନ୍ୟ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସହିତ ସମାନ କରାଯାଇପାରିବ ଯେଉଁଠାରେ ବିଧାନସଭା ନାହିଁ। ଯେପରିକି ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଦାମନ ଏବଂ ଦିଉ, ଏବଂ ପୁଡୁଚେରୀ (ଯେତେବେଳେ ଏହାର ବିଧାନସଭା ଭଙ୍ଗ କିମ୍ବା ସ୍ଥଗିତ କରାଯାଏ)। କିନ୍ତୁ କଂଗ୍ରେସ, ଅକାଳୀ ଦଳ ପରି ଦଳ ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରୁଛନ୍ତି ।

ଧାରା ୨୪୦ ରାଷ୍ଟ୍ରପତିଙ୍କୁ କିଛି ସ୍ୱତନ୍ତ୍ର କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ, ଯେପରିକି ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଲକ୍ଷଦ୍ୱୀପ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଦାମନ ଏବଂ ଦିଉ, ଏବଂ ପୁଡୁଚେରୀ (ଯେତେବେଳେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଚଣ୍ଡିଗଡ଼ ପ୍ରଶାସନ ଉପରେ କୌଣସି ବିଧେୟକ ଅଣା ଯିବନି: ଗୃହ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ, ୨୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ଶାସିତ ପ୍ରଦେଶ ଚଣ୍ଡିଗଡ଼ର ବୈଧାନିକ ସ୍ଥିତି ବଦଳିବା ନେଇ ରିପୋର୍ଟ ଓ ବିବାଦ ଭିତରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ଦେଇଛି। ଗୃହ ମନ୍ତ୍ରଣାଳୟ କହିଛି ଯେ ଚଣ୍ଡିଗଡ଼ ପାଇଁ କେନ୍ଦ୍ର ପକ୍ଷରୁ ଆଇନ ପ୍ରଣୟନ ପ୍ରକ୍ରିୟାକୁ ସରଳ କରିବା ପାଇଁ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖରେ ବିଚାରଧୀନ ରହିଛି। ଏହି ସମ୍ବନ୍ଧରେ ସଂସଦର ଶୀତକାଳୀନ ଅଧିବେଶନରେ ବିଧେୟକ ଆଣିବାର କୌଣସି ପ୍ରସ୍ତାବ ନାହିଁ।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା ଯେ ସରକାର କେନ୍ଦ୍ର ଶାସିତ ପ୍ରଦେଶ ଚଣ୍ଡିଗଡ଼ର ବୈଧାନିକ ସ୍ଥିତି ବଦଳାଇବା ଦିଗରେ କାମ କରୁଛନ୍ତି। ଏହି ରିପୋର୍ଟ କାରଣରୁ ରାଜନୈତିକ ମହଲରେ ଉଷ୍ମତା ବଢିଛି। ଏହାକୁ ଦେଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରବିବାର ସୋସିଆଲ୍ ମିଡିଆରେ ଏକ ପୋଷ୍ଟରେ କହିଛି ଯେ ଚଣ୍ଡିଗଡ଼ ସହ ପଞ୍ଜାବ କିମ୍ବା ହରିୟାଣାର ପରମ୍ପରାଗତ ସମ୍ବନ୍ଧକୁ ବଦଳାଇବା ବିଷୟରେ କୌଣସି ଆଲୋଚନା ଚାଲି ନାହିଁ। ଗୃହ ମନ୍ତ୍ରଣାଳୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏହି ବିଷୟ ଉପରେ କୌଣସି ବି ପ୍ରକାରର ଚିନ୍ତା କରିବାର ଆବଶ୍ୟକତା ନାହିଁ। ଶୀତକାଳୀନ ଅଧିବେଶନରେ ଏହି ମାମଲାରେ କୌଣସି ବିଲ୍ ଉପସ୍ଥାପନ କରିବା ନେଇ ସରକାରଙ୍କ କୌଣସି ଲକ୍ଷ୍ୟ ନାହିଁ।

## ଯୁବକଙ୍କୁ ହାତୁଡ଼ିରେ ପିଟିପିଟି ହତ୍ୟା

**ନୟାଗଡ, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ନୟାଗଡ ଜିଲ୍ଲା ଟାଉନ୍ ଥାନା ବୃନ୍ଦାବନପୁର ଗାଁରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତକ ପିଣ୍ଟୁ ମାଝୀ ବୋଲି ଜଣାପଡିଛି।

ଘଟଣା ଅନୁଯାୟୀ, ବୃନ୍ଦାବନପୁର ଗାଁର କୈଳାଶ ମାଝୀ ଏବଂ ତାଙ୍କ ଭିଣୋଇ ଯୁଗଳ ପରିଡାଙ୍କ ମଧ୍ୟରେ କିଛି ଦିନି ହେଲା ବିବାଦ ଲାଗି ରହିଥିଲା। ଭଣଜା ଜାଗୁଲା କିଛି ଦିନ ହେଲା ମାମୁ କୈଳାଶଙ୍କ ଘର ଆଗରେ ଗାଳି ଗୁଲଜ କରୁଥିଲେ। ଗତ ରାତିରେ ଜାଗୁଲା ପୁଣି ଗାଳି କରିବାରୁ କୈଳାଶଙ୍କ ପୁଅ ପିଣ୍ଟୁ ଏହାକୁ ବିରୋଧ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପ୍ରେମିକାର ତଣ୍ଟି କାଟି ଦେଲେ ପ୍ରେମିକ

**ଭୁବନେଶ୍ୱର, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରରେ ଜଣେ ଯୁବକ ତାଙ୍କ ପ୍ରେମିକାର ତଣ୍ଟି କାଟି ଦେଇଥିବା ଅଭିଯୋଗ ହୋଇଛି। ପ୍ରେମିକାର ଅବସ୍ଥା ଗୁରୁତର ଥିବାବେଳେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଥାନାରେ ଅଟକ ଅଛନ୍ତି। ଉଭୟ ପ୍ରେମିକ ଓ ପ୍ରେମିକା ଦାର୍ଜିଲିଂର ବାସିନ୍ଦା। ସେମାନେ ଭୁବନେଶ୍ୱରରେ ରହି ବୁଦ୍ଧ ପାର୍କ ନିକଟରେ ମୋମୋ ବ୍ୟବସାୟ କରୁଥିଲେ। ପ୍ରେମିକା ଆଉ କାହା ପ୍ରେମରେ ପଡିଯାଇଥିବା ଯୁବକ ଜଣଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦିଲ୍ଲୀ ସ୍ଥିତି ଗମ୍ଭୀର: ଘରେ ରହି କାମ କରିବେ ୫୦% କର୍ମଚାରୀ



**ନୂଆଦିଲ୍ଲୀ, ୨୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଦିଲ୍ଲୀରେ ବାୟୁ ପ୍ରଦୂଷଣ ଉଦବେଗଜନକ ସ୍ଥିତିରେ ରହିଛି। ଦିଲ୍ଲୀ ସହ ନୋଏଡାର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ବେସରକାରୀ ଅଫିସମାନଙ୍କରେ ୫୦ ପ୍ରତିଶତ କର୍ମଚାରୀଙ୍କୁ ଘରେ ରହି କାମ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଲଗାତାର ୯ମ ଦିନ ପାଇଁ ପ୍ରଦୂଷଣ ଖରାପ ଥିବାରୁ ଏହି କଟକଣା ଜାରି କରାଯାଇଛି। କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ଅନୁଯାୟୀ, ଦିଲ୍ଲୀ ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶ ରହିଛି।

ସେପଟେ ଏମ୍ସ ଏକ ପୃଥକ ପରାମର୍ଶ ଜାରି କରିଛି ଏବଂ ଦିଲ୍ଲୀରେ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କରିବାକୁ ଆହ୍ୱାନ ଆରମ୍ଭ ହୋଇଛି, କାରଣ ଦିଲ୍ଲୀର ବିଷାକ୍ତ ବାୟୁ ଶ୍ୱାସକ୍ରିୟା ସମସ୍ୟା ଏବଂ ହୃଦରୋଗ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିପଦକୁ ବୃଦ୍ଧି କରିପାରେ। ଏହି ବାୟୁ ବିଶେଷ କରି ପିଲା, ବୃଦ୍ଧ ଏବଂ ଶ୍ୱାସରୋଗ ରୋଗୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପାରେ।

## ଭୋଟରଙ୍କୁ ଅଜିତ ପାୱାରଙ୍କ ଧମକ

# ଭୋଟ ନଦେଲେ ଟଙ୍କାଏ ଦେବିନି

**ମାଲେଗାଓଁ, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ମାଲେଗାଓଁରେ ଦେଇଥିବା ବୟାନ ଏବେ ରାଜନୈତିକ ବିବାଦ ସୃଷ୍ଟି କରିଛି। ସେ ଭୋଟରଙ୍କୁ କହିଛନ୍ତି ଯେ ତୁମ ପାଖରେ 'ଭୋଟ' ଅଛି ଆଉ ମୋ ପାଖରେ 'ପାଣ୍ଠି', ଯଦି ଭୋଟର ଏନସିପି ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରନ୍ତି ତେବେ ଧନର ଅଭବ ରହିବ ନାହିଁ। ସେ ଏହା ବି କହିଛନ୍ତି ଯେ ଯଦି ଭୋଟର ଏନସିପି ପ୍ରାର୍ଥୀଙ୍କୁ ସମର୍ଥନ ନ କରନ୍ତି ଓ ଅସ୍ୱୀକାର କରନ୍ତି ତେବେ ସେ ମଧ୍ୟ ଭୋଟରଙ୍କୁ ରିଜେକ୍ଟ କରିପାରନ୍ତି। ମାଲେଗାଓଁ ନଗର ପଞ୍ଚାୟତ ନିର୍ବାଚନ ପ୍ରଚାର ଅବସରରେ ପାୱାର ଏହା କହିଛନ୍ତି।

ସେ କହିଛନ୍ତି ଯଦି ଆପଣମାନେ ସମସ୍ତ ୧୮ ଜଣ ଏନସିପି ପ୍ରାର୍ଥୀଙ୍କୁ ବିପୁଳ ମତରେ ନିର୍ବାଚିତ କରନ୍ତି ମୁଁ ଯାହା ବି ପ୍ରତିଶ୍ରୁତି ଦେଉଛି ପୂରଣ କରିବାକୁ ସଂକଳ୍ପବଦ୍ଧ। ଏଥିରେ ଯଦି ତୁମେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଏବେ ନୁହେଁ, ରାଜ୍ୟସଭା ନିର୍ବାଚନ ପରେ ମୋହନ ସରକାରଙ୍କ ନବକଳେବର !

**ଭୁବନେଶ୍ୱର, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଢ଼ବର୍ଷ ଧରି ରାଜ୍ୟ ମନ୍ତ୍ରୀ ପରିଷଦରେ ୬ଟି ମନ୍ତ୍ରୀପଦ ଖାଲି ଥିବାରୁ ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସଂପ୍ରସାରଣ ଓ ଅଦଳବଦଳ ହେବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ହେଲେ ଆସନ୍ତାବର୍ଷ ଏପ୍ରିଲରେ ରାଜ୍ୟସଭାର ଚାରୋଟି ଆସନ ଲାଗି ନିର୍ବାଚନ ହେଉଥିବାରୁ ରାଜ୍ୟସଭା ନିର୍ବାଚନ ପୂର୍ବରୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସମ୍ଭାବନା କମ୍ ବୋଲି କୁହାଯାଉଛି। ସଂଖ୍ୟା ଦୃଷ୍ଟିରୁ ବିଜେପି ୪ରୁ ୨ଟି ରାଜ୍ୟସଭା ଆସନ ହାତେଇବାର ସମ୍ଭାବନା ଥିଲେ ହେଁ ବିଜେଡି ରାଜନୀତିରେ ଚାଲିଥିବା ଛକାପଞ୍ଝା ଦୃଷ୍ଟିରୁ ତୃତୀୟ ଆସନ ବିଜେଡି ନେବା ପରେ ବିଜେଡିର ବଳକା ଭୋଟ୍ ଓ ଅନ୍ୟ ସୂତ୍ରରୁ ଯୋଡ଼ାଯୋଡ଼ିରେ ବିଜେପି ଅଧିକ ଗୋଟିଏ ଆସନ ହାସଲ କରିବାର ସମ୍ଭାବନା ରହିଛି। ତେଣୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣ କରି ନିଜ ଦଳରେ ସାମାନ୍ୟ ଅସନ୍ତୋଷ ସୃଷ୍ଟି ହେବାର ରିସ୍କ ନେବାକୁ ଚାହୁଁନି ଦଳ। ଆବଶ୍ୟକ ସ୍ଥଳେ ବହୁ ବିଭାଗ ପାଖରେ ରଖି ଭାରାକ୍ରାନ୍ତ ହେଉଥିବା ମନ୍ତ୍ରୀଙ୍କ ଭାର କମ୍ କରାଇବାକୁ କିଛି ବିଭାଗରେ ହୁଏତ ଅଦଳବଦଳ କରାଯାଇପାରେ। କିନ୍ତୁ ନୂଆ ମୁହଁକୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାର ରିସ୍କ ରାଜ୍ୟସଭା ନିର୍ବାଚନ ପୂର୍ବରୁ ନେବାର ସମ୍ଭାବନା କମ୍। ଆକଳନ ଅନୁଯାୟୀ ଯଦି ସବୁକିଛି ଠିକ୍‌ଠାକ୍ ଚାଲେ ଓ ରାଜ୍ୟସଭା ନିର୍ବାଚନରେ ବିଜେପି *(ଶେଷ ପୃଷ୍ଠା ଦେଖନ୍ତୁ)*

# ତିନି ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର

**ରାଉରକେଲା, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ଭୋର ସମୟରେ ଲାଠିକଟା କୁଚେଇତା ନିକଟରେ ତିନି ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ ଏନକାଉଣ୍ଟର କରାଯାଇଛି। ରାଉରକେଲାର ସ୍ୱତନ୍ତ୍ର ପୁଲିସକୁ ଚକମାଦେଇ ଖସି ପଳାଉଥିଲା ବେଳେ ପୁଲିସ ଗୁଳି ଚଳାଇଥିଲା। ତିନି ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟ ପାଞ୍ଚ ଜଣଙ୍କୁ ପୁଲିସ ଘଟଣାସ୍ଥଳରୁ ଗିରଫ କରିଛି।

ଏହି ଅପରାଧୀମାନେ କୋଇଡା ଓ ଅନ୍ୟାନ୍ୟ ଅଞ୍ଚଳରେ ଡକାୟତି କରି ଫେରାର ହୋଇ ଯାଉଥିଲେ। ନିକଟରେ ଲହୁଣୀପଡ଼ା ବରସୁଆଁ ଟ୍ରାନ୍ସପୋର୍ଟ ଅଫିସ ଓ କୋଇଡାର ଅନ୍ୟ ଏକ ଟ୍ରାନ୍ସପୋର୍ଟରେ ପଶି




କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ କରି ଚମ୍ପଟ ମାରିଥିଲେ। ସେହିପରି ବଣାଇରେ ଜଣେ ବ୍ୟବସାୟୀଙ୍କ ପରିବାରଙ୍କୁ ବାନ୍ଧି ଲୁଟପାଟ ଘଟଣାରେ ଏମାନଙ୍କ ଜଡିତ ଥିବା ଜଣାପଡିଛି।

ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ଲହୁଣିପଡା ଥାନା ଅନ୍ତର୍ଗତ ବରସୁଆଁ ସାଇଡିଂ ନିକଟସ୍ଥ ବିଏନ୍‌ଆର୍ ଟ୍ରାନ୍ସପୋର୍ଟ ଅଫିସ୍‌ରେ ୮ରୁ ୧୦ ଜଣ ମୁଖାପିନ୍ଧା ଯୁବକ ହାତରେ ମାରଣାସ୍ତ୍ର ଧରି ପଶିଥିଲେ। କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଦେବା ସହ ୩ ଲକ୍ଷ ୫୯ ହଜାର ନେଇ ଫେରାର ହୋଇଯାଇଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ଠାକୁରାଣୀଙ୍କ ନିକଟରେ ଗାଡି ପାର୍କିଂକୁ କେନ୍ଦ୍ର କରି ହତ୍ୟା

**ରାଜନଗର, ୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମା' ଥାନପତିଙ୍କ ନିକଟରେ ରନ୍ଧାଭୋଗ ସରିଥିଲା । ସେଠାରେ ଖାଇବାକୁ ଯାଇଥିବା ଲୋକମାନେ ଗାଡି ରଖିଥିଲେ। ଯାହାଫଳରେ ରାସ୍ତା ଜାମ ହୋଇଯାଇଥିଲା। ବିଶେଷକରି ଠାକୁରାଣୀଙ୍କ ଗେଟ ସମ୍ମୁଖରେ ପିକଅପ ଭ୍ୟାନ, ସ୍କର୍ପିଓ ଓ କିଛି ବାଇକ୍ ରଖାଯାଇଥିଲା। ଏହି ପିକଅପ ଭ୍ୟାନ, ସ୍କର୍ପିଓ ଓ ବାଇକ୍ ହଟାଇବାକୁ କହିବାରୁ ବଚସା ଆରମ୍ଭ ହୋଇଥିଲା। ଏହି ବଚସା କ୍ରମଶଃ ଗଣ୍ଡଗୋଳରେ ପରିଣତ ହୋଇଥିଲା। ସେଠାରେ ଜଣଙ୍କର ମୃତ୍ୟୁ ଘଟିଛି। ଏନେଇ ରାଜନଗର ଥାନାରେ ରିଘାଗଡ ଗ୍ରାମର ମୃତ ବୁଦ୍ଧଦେବ ସାହୁ(୫୭)ଙ୍କ ପୁଅ ସୂର୍ଯ୍ୟକାନ୍ତ ସାହୁ ରାଜନଗର ଥାନାରେ କରିଥିବା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ରାଜନଗର ବ୍ଲକ ଇଶ୍ୱରପୁର ପଚାଂୟତ ରିଘାଗଡ ଗ୍ରାମରେ ଥିବା ମା'ଥାନପତିଙ୍କ ନିକଟରେ ଭକ୍ତ, ଶ୍ରଦ୍ଧାଳୁ ଓ ମାନସିକଧାରୀ ବ୍ୟକ୍ତିବିଶେଷ ରନ୍ଧା ଭୋଗ କରିଥାନ୍ତି। ରବିବାର ଥିବାରୁ ପ୍ରାୟ ୧୭ଜଣଙ୍କର ରନ୍ଧାଭୋଗ ହୋଇଥିଲା। ପ୍ରବଳ ଗହଳି ହୋଇଥିଲା। କଣ୍ଡିରା ପଚାଂୟତ ଜଗନ୍ନାଥପୁର ଗ୍ରାମର ଚିତ୍ତରଞ୍ଜନ ପରିଡା ରନ୍ଧା ଭୋଗ କରି ତାଙ୍କ ସଂପର୍କୀୟ ଓ ବନ୍ଧୁ ପରିଜନଙ୍କୁ ଖାଇବାକୁ ଦେଇଥିଲେ। ଦୁଇଟି ବିବାହ ଭୋଜି ମଧ୍ୟ ଏଠାରେ ଥିଲା। ଚିତ୍ତରଞ୍ଜନଙ୍କ ଦୁଇଟି ଗାଡି ସହ ବାଇକକୁ ମା'ଙ୍କ ମୁଖ୍ୟ ଗେଟ ସମ୍ମୁଖରୁ ହଟାଇ ଅନ୍ୟତ୍ର ରଖିବାକୁ କମିଟିର କର୍ମକର୍ତ୍ତାମାନେ କହିଥିଲେ। ଚିତ୍ତ ଉତ୍‌କ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କମିଟିର କର୍ମକର୍ତ୍ତାଙ୍କ ସହ ବୁଦ୍ଧଦେବଙ୍କୁ ଆକ୍ରମଣ କରିଥିଲେ। ବୁଦ୍ଧଦେବଙ୍କୁ ତଟିଂଆ ମାରି ତଳେ ପକାଇ ଦେଇଥିଲେ। ଚିତ ଓ ତାଙ୍କର ସହଯୋଗୀମାନେ ତଳେ ପଡି ଯାଇଥିବା ବୁଦ୍ଧଦେବଙ୍କୁ ବିଧା ଗୋଇଠା ମାରି ଚାଲିଥିଲେ। ବୁଦ୍ଧଦେବ ମରିଗଲି ମରିଗଲି ଚିତ୍କାର କରୁଥିଲେ ମଧ୍ୟ କେହି ଶୁଣିନଥିଲେ। ଗୁରୁତର ଅବସ୍ଥାରେ ବୁଦ୍ଧଦେବଙ୍କୁ ଉଦ୍ଧାର କରି ଇଶ୍ୱରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବୁଦ୍ଧଦେବଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇ ଦେଇଥିଲେ ଡାକ୍ତର। ବୁଦ୍ଧଦେବ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚିବା ପରେ ଡାକ୍ତର ପରୀକ୍ଷା ନିରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଶବକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ମା'ମାନେ ସବୁଠୁ ଅସୁରକ୍ଷିତ: ନବୀନ

**ଭୁବନେଶ୍ୱର, ୨୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ଚାଲିଥିବା ବ୍ୟବସ୍ଥା ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣିଥରେ ମୁହଁ ଖୋଲିଛନ୍ତି। ରାଜ୍ୟ ସରକାରଙ୍କୁ ଟାର୍ଗେଟ କରି ସେ କହିଛନ୍ତି, ଗୋଟିଏ ପରେ ଗୋଟିଏ ଘଟଣା ଘଟୁଛି। ରାଜ୍ୟର ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି। କିନ୍ତୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ନବୀନ କହିଛନ୍ତି, ଖୋର୍ଦ୍ଧାଜିଲ୍ଲା ବାଘମାରୀରେ ନାବାଳିକାଙ୍କୁ ଅପହରଣ ଏବଂ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସ୍ପର୍ଶକାତର ଏବଂ ହୃଦୟବିଦାରକ। ସେହିପରି ଭଦ୍ରକ ଅରଞ୍ଜିରେ ମା'ର ମୃତ୍ୟୁ ପରେ କିସ୍ତି ଟଙ୍କା ପାଇଁ ଜଣେ ଯୁବତୀଙ୍କୁ ଗାଁ ଦାଣ୍ଡରେ ଏସଏଚଜିର ମହିଳାମାନେ ନିସ୍ଥୁକ ମାଡ଼ ମାରିବା ପରି ଘଟଣା ସଭ୍ୟ ସମାଜରେ କଦାପି ଗ୍ରହଣୀୟ ନୁହେଁ। ବିଜୁ ଜନତା ଦଳର ସରକାର ସମୟରେ ମିଶନ ଶକ୍ତି ଜରିଆରେ ମା'ମାନେ ସଫଳତାର ସିଡ଼ି ଚଢୁଥିଲେ, ନିଜର ପରିଚୟ ସୃଷ୍ଟି କରୁଥିଲେ।

ବିଜେଡି ସଭାପତି ଆହୁରି କହିଛନ୍ତି, ବିଜେପି ସରକାରରେ ମା'ମାନେ ସବୁଠୁ ଅସୁରକ୍ଷିତ ହୋଇପଡିଛନ୍ତି, ବିକାଶ ଠପ୍ *(ଶେଷ ପୃଷ୍ଠା ଦେଖନ୍ତୁ)*



ଆଜି ଅହମ୍ମଦାବାଦରେ ଅନୁଷ୍ଠିତ ଅହମ୍ମଦାବାଦ ଆନ୍ତର୍ଜାତୀୟ ପୁସ୍ତକ ମେଳାରେ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ପିଲାମାନଙ୍କୁ ପୁସ୍ତକ ବଣ୍ଟନ କରିଥିଲେ ଏବଂ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ।

# ଅନୁପ୍ରବେଶକାରୀଙ୍କ ଧରପଗଡ଼ ରାଜଧାନୀରେ କେବେ ?

**ଭୁବନେଶ୍ୱର, ୨୩।୧୧: ତଥ୍ୟ**

ବଙ୍ଗଳାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ରାଜ୍ୟରେ ପୁଲିସ୍ ପ୍ରଶାସନ ତତ୍ପର ହୋଇ ଉଠିଥିବାବେଳେ ରାଜଧାନୀରେ କିନ୍ତୁ ତଲାସୀ ଜୋରଦାର ହେଉନାହିଁ । ରାଜଧାନୀର ବସ୍ତିଗୁଡିକରେ କେଉଁ କେଉଁମାନେ ରହୁଛନ୍ତି ତାହାର ତଲାସୀ କରାଗଲେ ଏଠାରୁ ମଧ୍ୟ ଅନୁପ୍ରବେଶକାରୀ ବାହାରିବେ ବୋଲି କୁହାଯାଉଛି।

ରାଜଧାନୀରେ ସରକାରୀ ହିସାବରେ ୪୩୬ଟି ବସ୍ତି ଥିବାବେଳେ ବେଆଇନ୍ ବସ୍ତି ସଂଖ୍ୟା ହଜାରେକୁ ଟପିଗଲାଣି । ଏହିସବୁ ବସ୍ତିରେ କିଏ କେଉଁଠାରୁ ଆସି ରହୁଛି ତାହାର ତାଲିକା ପୁଲିସ୍ ନିକଟରେ ନାହିଁ। ସେହିଭଳି ସରକାରୀ ତାଲିକାରେ ଥିବା ବସ୍ତିରେ ବି କେଉଁମାନେ ରହୁଛି ତାହାର ତାଲିକା ଜାଣିବାକୁ ବି ପୁଲିସ୍ ପ୍ରଶାସନ ଆଗ୍ରହ ପ୍ରକାଶ କରୁନାହିଁ।

ସହରର ବିଭିନ୍ନ ବସ୍ତିରେ ଏବେ ମାଳ ମାଳ ଅଣଓଡିଆ ବସବାସ କରୁଛନ୍ତି। ରାଜ୍ୟ ବାହାରର ଲୋକେ ମଧ୍ୟ ଏଠାରେ ରହି ବିଭିନ୍ନ ବ୍ୟବସାୟ ଚଳାଉଛନ୍ତି । ସହର ସାରା ରାତି ପାହିଲେ ଏମାନଙ୍କର ପସରା ଖୋଲୁଥିବାବେଳେ ବାସ୍ତବରେ ଏମାନଙ୍କ ଠିକଣା କିନ୍ତୁ କାହାରି ପାଖରେ ନାହିଁ।



ଗତ କିଛିମାସ ତଳେ ବଙ୍ଗଳାଦେଶୀଙ୍କୁ ନେଇ ଧରପଗଡ ଆରମ୍ଭ ହୋଇଥିବାବେଳେ ରାଜଧାନୀର ରାସ୍ତାରୁ ହଠାତ୍ ଅନେକ ବ୍ୟବସାୟୀ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ମାମଲା ଥଣ୍ଡା ପଡିବା ପରେ ସେମାନେ ପୁଣି ବ୍ୟବସାୟକୁ ଫେରିଥିଲେ । ଏଭଳି ଲୋକଙ୍କ ଉପରେ ନଜର ରଖିବା ପୁଲିସ୍ ଓ ଗୁଇନ୍ଦା ବିଭାଗର। ଯେହେତୁ ଏମାନଙ୍କର ତାଲିକା ନାହିଁ, ତେଣୁ ସହଜରେ ଚିହ୍ନଟ କରାଯିବା ମଧ୍ୟ କଷ୍ଟକର ହୋଇପଡୁଛି।

ଜଗତସିଂହପୁର ଜିଲ୍ଲାରେ ଅନୁପ୍ରବେଶକାରୀ ବଙ୍ଗଳାଦେଶୀ ଆସି ସରକାରୀ ଜମିରେ ଘରଦ୍ୱାର କରି ରହିବା ଜଣାପଡିବା ପରେ ସେଠାରେ ଜିଲ୍ଲା ପ୍ରଶାସନ ତତ୍ପର ହୋଇଉଠିଛି । ଘରଗୁଡିକୁ ଭାଙ୍ଗିବା ସହିତ ଅନୁପ୍ରବେଶକାରୀଙ୍କୁ ଆଣି ଥଇଥାନ କରୁଥିବା ମାଷ୍ଟରମାଇଣ୍ଡକୁ ବି ଧରିଛି।

ଏଭଳି ସ୍ଥିତିରେ ରାଜଧାନୀରେ ଜୋରଦାର ତଲାସି କରିବାପାଇଁ ସାଧାରଣରେ ମତପ୍ରକାଶ ପାଉଛି । କାରଣ ରାଜଧାନୀରେ ଗଢି ଉଠୁଥିବା ବସ୍ତିରେ ବିଭିନ୍ନ ବର୍ଗର ଲୋକେ ରହୁଥିବାବେଳେ ଏମାନଙ୍କ ମଧ୍ୟରେ ଅନୁପ୍ରବେଶକାରୀ ରହିଥାଇ ପାରନ୍ତି ବୋଲି ଲୋକେ ଆଶଙ୍କା ପ୍ରକାଶ କରୁଛନ୍ତି। ଅତୀତରେ ରାଜଧାନୀର ବସ୍ତିରୁ ବାହାର ରାଜ୍ୟର ଅପରାଧି ଓ ନିଶା ବେପାରୀ ଧରାପଡିବାର ନଜିର ରହିଛି ।

ରାଜଧାନୀର ବସ୍ତିରେ ଯେଭଳି ସହଜ ଭାବେ ସମସ୍ତ ସୁବିଧା ସହିତ ଘରଭଡା ମିଳିଯାଉଛି ସେଥିରେ ଅନୁପ୍ରବେଶକାରୀମାନେ ଆସି ରହିବାରେ କୌଣସି ଅସୁବିଧା ନାହିଁ ବୋଲି ସ୍ଥାନୀୟ ଲୋକେ କହୁଥିବାବେଳେ କମିଶନରେଟ ପୁଲିସ୍ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଯୌତୁକ ନିର୍ଯାତନାରେ ଯୁବତୀ ମୃତ୍ୟୁ, ସ୍ୱାମୀ ଗିରଫ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**

ବାରଗଡ଼ିଆ ନୁଆଗାଁରେ ଯୌତୁକ ନିର୍ଯାତନା ଓ ଅସ୍ୱଷ୍ଟ ପରିସ୍ଥିତିରେ ଯୁବତୀ ସସ୍ମିତା ସାହୁଙ୍କ ମୃତ୍ୟୁ ଘଟଣାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି କଳିଙ୍ଗନଗର ପୋଲିସ । ସସ୍ମିତାଙ୍କ ସ୍ୱାମୀ ବିନୋଦ ସାହୁଙ୍କୁ ଗିରଫ କରି କେସ ନଂ–୪୨୭/୨୫ ଅନୁସାରେ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ଅଭିଯୁକ୍ତଙ୍କୁ ଜେଲ୍ ରଗଡି ଜୁଡିସିଆଲ କଷ୍ଟଡିକୁ ପଠାଇଦେଇଛି । ଅନ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଛି । ୨୦ ନଭେମ୍ବର ସନ୍ଧ୍ୟା ୫:୦୬ ମିନିଟରେ ସସ୍ମିତାଙ୍କ ଅସୁସ୍ଥତା ସମ୍ବନ୍ଧିତ ସୂଚନା ମୃତ ସସ୍ମିତାଙ୍କ ପରିବାରକୁ ମିଳିଥିଲା । ଦାନଗଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚିଲା ବେଳକୁ ସେମାନେ ସସ୍ମିତାକୁ ମୃତ ଅବସ୍ଥାରେ ଦେଖି ସନ୍ଦେହ କରିଥିଲେ । ସସ୍ମିତାଙ୍କ ପିତା ବାବନ ଚରଣ ସାହୁ ରାତି ୧୧:୫୭ ମିନିଟରେ କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ପରିବାରର ଅନ୍ୟ ସଦସ୍ୟ ଅତିରିକ୍ତ ଯୌତୁକ ପାଇଁ ତାଙ୍କ ଝିଅଙ୍କୁ ନିର୍ଯାତନା କରି ଶେଷରେ ହତ୍ୟା କରିଛନ୍ତି ।



## ଏନ୍ଏସି କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ସଦସ୍ୟ ଅଯୋଗ୍ୟ ଘୋଷଣା ହେବେ କି ?




**ନୀଳଗିରି: ଏକ୍ସପ୍ରେସ ନ୍ୟୁଜ୍**

ଦଳବଦଳ ଯୋଗୁଁ ସୋର ମ୍ୟୁନିସିପାଲଟିରେ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକାରୀ ଅଧ୍ୟକ୍ଷ ସହିତ ୬ଜଣ କାଉନସିଲର ସଦସ୍ୟ ପଦ ହରାଇବା ପରେ ନୀଳଗିରି ଏନ୍ଏସିରେ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସହିତ ପ୍ରାୟ ୯ ଜଣ ୱାର୍ଡ କାଉନସିଲରଙ୍କ ସଦସ୍ୟ ପଦ ହରାଇବା ଭୟର ବାତାବରଣ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି । ପୌରନିର୍ବାଚନରେ ବିଜେଡ଼ି ଦଳରୁ ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିବା ବେଳେ ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇ ବିଜେପି ନେତାଙ୍କ ପାଇଁ ପ୍ରଚାର କରିଥିଲେ । ଏଥିସହିତ ନିର୍ବାଚିତ ବିଜେଡ଼ି ଅଧ୍ୟକ୍ଷାଙ୍କୁ ଅନାସ୍ଥା ପ୍ରସ୍ତାବରେ ତାଙ୍କ ବିରୁଦ୍ଧରେ ମତ ପ୍ରଦାନ କରି ତାଙ୍କୁ ପଦବୀରୁ ବହିଷ୍କାର କରାଯିବା ସହ ଦଳବଦଳ କରିଥିବା ବିଧାୟକଙ୍କ ଖାସ ସଦସ୍ୟଙ୍କୁ କାର୍ଯ୍ୟକାରୀ ଏନ୍ଏସି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି । ଯାଞ୍ଚ ଫଳରେ ଦଳବଦଳ କରିଥିବା ଯୋଗୁଁ ସୋର ମ୍ୟୁନିସିପାଲଟିରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ହାଇକୋର୍ଟଙ୍କ ଦ୍ୱାରା ଅଯୋଗ୍ୟ ଘୋଷଣା କରିଥିବା ବେଳେ ଆଗକୁ ଏପରି ନୀଳଗିରି ଏନ୍ଏସି ସହିତ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟାଙ୍କୁ ଏପରି ଅଯୋଗ୍ୟ ଘୋଷଣା ହେବ ବୋଲି ବେଶ ଚର୍ଚ୍ଚା ହେଉଛି ନୀଳଗିରି ନିର୍ବାଚନମଣ୍ଡଳୀ ସହିତ ନୀଳଗିରି ଏନ୍ଏସିରେ । ଅନ୍ୟ ପକ୍ଷରେ ଅଧ୍ୟକ୍ଷା ବିରୋଧରେ ଅନାସ୍ଥା ପ୍ରସ୍ତାବ ପାସ ହେବା ପରେ ୬ମାସ ମଧ୍ୟରେ ନିର୍ବାଚନ ହେବାକୁଥିବା ବେଳେ ପ୍ରାୟ ପାଖାପାଖି ଏକବର୍ଷ ହେବାକୁ ବସିଲାଣି ଅଧ୍ୟକ୍ଷ ନିର୍ବାଚନ ହେଉନାହିଁ । ଯାହାଫଳରେ କାର୍ଯ୍ୟକାରୀ ଅଧ୍ୟକ୍ଷ ନିଜ ପଦବୀର ଅପବ୍ୟବହାର କରୁଛନ୍ତି ବୋଲି କହିଛନ୍ତି ନୀଳଗିରି ଏନ୍ଏସିବାସୀ ।

## ଓଡିଶା ଏକ୍ସପ୍ରେସ ପ୍ରତିନିଧିଙ୍କ ବନ୍ଧୁମିଳନ



**ବ୍ରହ୍ମପୁର: ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ 'ଓଡିଶା ଏକ୍ସପ୍ରେସ' ଗଞ୍ଜାମ ଜିଲ୍ଲା ପ୍ରତିନିଧିମାନଙ୍କ ପରିବାରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଗଞ୍ଜାମ ଜିଲ୍ଲା ପ୍ରତିନିଧି ଅନୀଲ କୁମାର ପାଢ଼ୀଙ୍କ ତତ୍ୱାବଧାନରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ, ଛତ୍ରପୁର ଉପଖଣ୍ଡ ପ୍ରତିନିଧି ବସନ୍ତ କୁମାର ପଟ୍ଟନାୟକ, ନାରାୟଣୀ ମିଶ୍ର (କବିସୂର୍ଯ୍ୟନଗର ପ୍ରତିନିଧି) ଭଗବାନ ପାଢ଼ୀ (କୋଦଳା) ରଞ୍ଜୟ ପାଣିଗ୍ରାହୀ, (ପୋଲସରା), ବିଶ୍ୱରଞ୍ଜନ ପଣ୍ଡା (ଗଞ୍ଜାମ), ଟୁନା ନାୟକ (ବେଲଗୁଣ୍ଠା), ସମୀର କୁମାର ପଣ୍ଡା (ଭଞ୍ଜନଗର), ରମେଶ ଚନ୍ଦ୍ର ଗୌଡ଼ (ପୁରୁଷୋତ୍ତମପୁର), ଶ୍ରୀନିବାସ ସାହୁ, (ଖଲ୍ଲିକୋଟ) ପ୍ରମୁଖ ଉପସ୍ଥିତ ରହି ମତାମତ ଦେଇଥିଲେ । ସେହିପରି ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିର ବିଭିନ୍ନ ପର୍ଯ୍ୟଟନସ୍ଥଳ, ବଟର ଫ୍ଲାଇ ପାର୍କ, ଏମୁ ପାର୍କ, କଫି ବାଗିଚ଼ା, ୱାଟର ଫଲ, ପ୍ରସିଦ୍ଧ ମା'ପାଟଖଣ୍ଡା ମନ୍ଦିର ପରିଦର୍ଶନ କରି ବଣଭୋଜି କରି ଫେରିଥିଲେ ।

## ଉନ୍ନୟନ ମୂଳକ କାର୍ଯ୍ୟରେ ଅସହଯୋଗ ନେଇ ଧାରଣା ଚେତାବନୀ

**ନିଆଳୀ: ଏକ୍ସପ୍ରେସ ନ୍ୟୁଜ୍**

ନିଆଳୀ ପଞ୍ଚାୟତ ସମିତୀର ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା ଓ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ ପ୍ରତିବାଦରେ ନିର୍ବାଚିତ ଜନ ପ୍ରତିନିଧିମାନେ ପଞ୍ଚାୟତ ସମିତି ସମ୍ମୁଖରେ ଦିବାରାତ୍ର ଧାରଣା ଦେବେ ବୋଲି ଚେତାବନୀ ଦେବା ସହ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି । ଏ ସମ୍ପର୍କରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ମୁତାବକ ବିପିଏପିର ସ୍ଥାନ ପାଇବା ପ୍ରକଳ୍ପଗୁଡିକରେ କାର୍ଯ୍ୟକରୀ ହୋଇ ଅସୋହଯୋଗ ଜିପିଏପିରେ ମଧ୍ୟ ଅନୁରୂପ ଅସହଯୋଗ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଏପିଓ ଓ ବିଭାଗୀୟ ଯନ୍ତ୍ରୀଙ୍କ ଅସହଯୋଗ ଓ ବିଭାଗୀୟ ଯନ୍ତ୍ରୀ ଓ ଏପିଓଙ୍କର ନିର୍ବାଚିତ ଜନ ପ୍ରତିନିଧିଙ୍କ ପ୍ରତି ଅଭଦ୍ର ଚିତ୍ତ ବ୍ୟବହାର ଜନପ୍ରତିନିଧିମାନଙ୍କୁ ବ୍ୟଥିତ କରିବା, ରାଜ୍ୟ ସରକାରଙ୍କ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଅନୁଯାୟୀ ତୃଣମୂଳସ୍ତରର ଉନ୍ନୟନମୂଳକ କାର୍ଯ୍ୟକୁ କ୍ରିୟାଶୀଳ କରିବା ପାଇଁ ପଞ୍ଚାୟତ ସମିତୀ ଓ ଗ୍ରାମପଞ୍ଚାୟତକୁ କ୍ଷମତା ଅର୍ପଣକରାଯାଇଥିଲେ ମଧ୍ୟ ରାଜନୈତିକ ଚାପର ବସବର୍ତ୍ତୀ ହୋଇ ବ୍ଲକ ପ୍ରଶାସନ ଜନପ୍ରତିନିଧିଙ୍କୁ ଅଣଦେଖା କରିବା ସହିତ ଅସହଯୋଗ କରୁଥାଏ । ତେଣୁ ଏକସପ୍ତାହ ମଧ୍ୟରେ ଏହାର ସ୍ଥାୟୀ ସମାଧାନ ଗ୍ରହଣ କରାନଗଲେ ନିର୍ବାଚିତ ଜନପ୍ରତିନିଧିମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ପଞ୍ଚାୟତ ସମିତୀ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଉପାଧ୍ୟକ୍ଷସ୍ୱର୍ଣ୍ଣ ପ୍ରଭା ରାଉତ, ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ତ୍ରିନାଥ ମହାନ୍ତି, ନମିତା ବାରିକ, ନିରଞ୍ଜନ ବେହେରା, ସବିତା ନନ୍ଦ, ସୁରେଶ ପଟ୍ଟନାୟକ, ସରପଞ୍ଚ ଅଶୂନୀକୁମାର ମହାନ୍ତି, ସରପଞ୍ଚ କବିତା ରାଣୀ ବେହେରା, ସମିତୀ ସଭ୍ୟ କଲ୍ୟାଣି ସାହୁ, ଏଲିନା ବେଥ ସାହୁ, ସଂମ୍ପଦ ମହାନ୍ତି, ଅଭିନାଶ ପ୍ରଧାନ, ପ୍ରଦିପ ପରିଡା, ସରପଞ୍ଚ ବିଜୟ ରାମ ପଣ୍ଡା, ସମିତୀ ସଭ୍ୟ ଗାୟତ୍ରୀ ବେହେରା, ମିତାରାଣୀ ବାରିକ, ପ୍ରମୁଖ ଦାବିପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହାର ଏକ ନକଲ ଜିଲ୍ଲାପାଳ, କଟକ ତହସିଲଦାର, ନିଆଳୀ ଥାନାକୁ ଅବଗତ କରାଯାଇଛି ।

## ମାଙ୍କଡ଼କୁ କଲା ଟ୍ରାଙ୍କୁଲାଇଜର

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବନ ବିଭାଗ ସତେ ଯେମିତି ପାଲଟି ଯାଇଛି ସ୍ଥାଣୁ । ୧୫ ଦିନ ହେବ ଦିନ ହେଉ କି ରାତି ସନ୍ଧ୍ୟା ହେଉ କି ସକାଳ ଯିଏ ଯେତେବେଳେ ଯାଉଥାଏ ଗୋଡେଇ ଗୋଡେଇ କାମୁଡୁଥିଲା । ୧୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆହତ କରିଥିବା ବେଳେ ୬ ଜଣ ଗୁରୁତର ହେବା ପରେ ନିଆଳି ଫୁଲନଖରା ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିଲା । ଗତ ୨୨ ତାରିଖ ଦିନ ଫୁଲ ନଖରା ବନ ବିଭାଗର ଏକ ଟିମ ନିଆଳି ଥାନା ଅଧିନସ୍ତ ସରାକୁଳ ଗ୍ରାମରେ ପହଞ୍ଚି ଥିଲେ । ବିଭିନ୍ନ ଜାଗାରେ ଖୋଜା ଖୋଜି ପରେ ସଂଧ୍ୟା ହୋଇଯାଇଥିବାରୁ ବନ ବିଭାଗର ଟିମ ଫେରି ଯାଇଥିଲେ । ପୁନର୍ବାର ୨୩ ତାରିଖ ଦିନ ସଖାଳୁ ବନ ବିଭାଗର ଟିମ ପହଞ୍ଚି ମାଙ୍କଡ଼ ଟିକୁ ପାଇ ଟ୍ରାଙ୍କୁଲାଇଜର କରିଥିଲେ । ଯାହାଫଳରେ ଗ୍ରାମବାସୀମାନେ ମାଙ୍କଡ଼ ଆକ୍ରମଣରୁ ରକ୍ଷା ପାଇଛନ୍ତି । ଦୀର୍ଘଦିନ ହେବ ଗ୍ରାମର ପିଲାମାନେ ବିଦ୍ୟାଳୟକୁ ମଧ୍ୟ ଯିବା ବନ୍ଦ କରିଦେଇଥିଲେ । ଭୟରେ ଲୋକ ଘରୁ ବାହାରୁ ନଥିଲେ । ମାଙ୍କଡ଼ଟିକୁ ବନ ବିଭାଗ ଚନ୍ଦକା ଜଙ୍ଗଲରେ ଛାଡିଥିବା ବନ ବିଭାଗ କର୍ମଚାରୀ କହିଛନ୍ତି ।



## ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଧିବେଶନ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ସଭାପତି ବିଜୟ କୁମାର ପୁରୋହିତଙ୍କ ସଭାପତିତ୍ୱରେ ସର୍ବ ଭାରତୀୟ କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘର ତୃତୀୟ ଦ୍ୱିବାର୍ଷିକ ଅଧିବେଶନ ସ୍ଥାନୀୟ ଶବରୀ ନାରାୟଣ ଧର୍ମଶାଳା ଠାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟଅତିଥି ଭାବରେ ସାଇନାଥ ଯୋଗଦେଇ ଅଷ୍ଟମ ବେତନ ବିଷ୍ୟରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ନିମାଇ ଚରଣ ସାହୁ ଓ ପୁରୁଷୋତ୍ତମ ଦାସ ଅବସର ପରେ କର୍ମଚାରୀଙ୍କ ଚାଳିଚଳନ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଅଭିମନ୍ୟୁ ନାୟକ ଅଷ୍ଟମ ବେତନ କମିଶନ ସୁପାରିଶ ନିଷ୍ପତ୍ତିର ଅସଙ୍ଗତ ଥିବା ତଥ୍ୟ ଉପରେ ଆଲୋଚନା କରିଥିଲେ । ସଂପାଦକ ବୃଷଭ ସା ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ରାହାସ ବିହାରି ଭୋଇ ଆୟ ବ୍ୟୟର ଅଟକଳ ପାଠ କରିଥିଲେ । ଅବସର କର୍ମଚାରୀମାନଙ୍କୁ ଉପଢୌକନ ଓ ଫୁଲ ଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା । ମଧୁ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ । ଅଶୋକ କୁମାର ବାରିକ ସଭା ପରିଚାଳନା କରିଥିଲେ । ସଂଘର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ ।

## ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ

**ମାର୍ଶାଘାଇ: ଏକ୍ସପ୍ରେସ ନ୍ୟୁଜ୍**

ମାର୍ଶାଘାଇ ଶ୍ରୀ ସତ୍ୟସାଇ ସେବା ସମିତି ତରଫରୁ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ଉତ୍ସବ ମାର୍ଶାଘାଇ ସାଇମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ରବିବାର ପ୍ରାତଃରୁ ଓଁକର, ସୁପ୍ରଭାତମ୍, ନଗର ସଂକିର୍ତ୍ତନକରାଯାଇ ସମୂହ ସେବା କାର୍ଯ୍ୟ ଓ ବାବାଙ୍କ ସେବା କରାଯାଇ ଥିଲା । ପରେପରେ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ କରାଯାଇ ଷୋଡଶ ଉପଚାର ପୂଜା ଓ ଧାନବୃକ୍ଷ ପୂଜା କରାଯିବା ପରେ ପାଲିଙ୍କି ଶୋଭାଯାତ୍ରା କରାଯାଇଥିଲା । ସଂଧ୍ୟାରେ ଏକଶତ ପ୍ରଦୀପ ପ୍ରଜ୍ୱଳନ କରଯାଇ ଆଧ୍ୟାତ୍ମିକ ଆଲୋଚନା କରାଯାଇଥିଲା । ପରେ ପରେ ବାଲବିକାଶ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ସତ୍ୟସାଇ ବାବାଙ୍କ ଶହେ ତମ ଜନ୍ମ ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଶହଶହ ସଂଖ୍ୟାର ଶ୍ରଦ୍ଧାଳୁ ସାମିଲ ହୋଇ ଧୂମଧାମରେ ଉତ୍ସବ ପାଳନ କରିଥିଲେ ।

## ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଲକ୍ଷ୍ମଣ ନାୟକ ଓଡ଼ିଶା ର ଜଣେ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସେ ଗାଁ ଗାଁ ବୁଲି ସ୍ୱାଧୀନତା ଅହିଂସାର ବାର୍ତ୍ତା ପ୍ରଚାର କରୁଥିଲେ ଯାହା ବ୍ରିଟିଶମାନଙ୍କୁ ଅସୁବିଧା କରୁଥିଲା । ଶୋଷିତ, ଅତ୍ୟାଚାରିତ ଆଦିବାସୀଙ୍କୁ ମୁକ୍ତ କରିବା ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ । ସେ ୧୮୯୯ ମସିହା ନଭେମ୍ବର ୨୨ ତାରିଖରେ କୋରାପୁଟର ତେନ୍ତୁଲିଗୁମା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଜନ୍ମ ଜୟନ୍ତୀକୁ ଚିର ସ୍ମରଣୀୟ କରିବା ପାଇଁ ଶନିବାର ବ୍ରହ୍ମପୁର ସ୍ଥିତ ମଣ୍ଡଳ କାରାଗାରରେ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୬ତମ ଜୟନ୍ତୀ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ଯୋଗଦେଇଥିଲେ । ଅନ୍ୟତମ ଅତିଥି ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମଣ୍ଡଳ କାରାଗାର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ, ଜେଲର ଲକ୍ଷ୍ମୀକାନ୍ତ ଧଙ୍ଗଡା ମାଝି ଉପସ୍ଥିତ ରହିଥିଲେ । ସମସ୍ତ ଅତିଥି ପ୍ରଥମେ ମଣ୍ଡଳ କାରାଗାର ଭିତରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ମନ୍ଦିରରେ ଯେଉଁଠି ସେ ବନ୍ଦୀ ଥିଲେ ସେଠାରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ତାପରେ ମଣ୍ଡଳ କାରାଗାର ବାହାରେ ଯେଉଁଠି ସହିଦ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯାଇଥିଲା ସେହିଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ସାମ୍ବାଦିକ, ନେତୃବୃନ୍ଦ, ମଣ୍ଡଳ କାରାଗାରର ସମସ୍ତ କର୍ମଚାରୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ । ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ବାଣିଜ୍ୟ

## ଭାରତରେ ପିଏଲ୍ଆଇ ସ୍କିମ୍‌ରେ ୧୩% ଇଭି ପାସ୍

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଇଲେକ୍ଟ୍ରିକ୍ ମୋବିଲିଟି ଆଡକୁ ଅଗ୍ରସର ହେଉଛି ଭାରତ । ଦେଶର ଇଭି ବଜାରକୁ ଆଗେଇ ନେବା ପାଇଁ ବିଭିନ୍ନ ପ୍ରକାର ଉଦ୍ୟମ ଚଳାଇଛନ୍ତି ସରକାର । ସ୍ଥାନୀୟ ଉତ୍ପାଦନକୁ ବଢାଇବାକୁ ପିଏଲ୍ଆଇ (ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ) ସ୍କିମ୍ କାର୍ଯ୍ୟ କରୁଛି । ଘରୋଇ ବଜାରରେ ଉତ୍ପାଦନ ବୃଦ୍ଧି ଲାଗି ଏ ସ୍କିମ୍ ଅଧୀନରେ କମ୍ପାନିଗୁଡିକୁ ପ୍ରୋତ୍ସାହନ ଦିଆଯାଉଛି । କିନ୍ତୁ ଚିନ୍ତାର ବିଷୟ ହେଉଛି, ସ୍କିମ ପୂର୍ଣ୍ଣ ଉପଯୋଗ ହୋଇପାରୁନାହିଁ । କାରଣ ଭାରତର ଇଭି ବିନିର୍ମାଣ ଇକୋସିଷ୍ଟମ୍ ଏବେ ବି ଚୀନ୍ ଉପରେ ନିର୍ଭରଶୀଳ । ଇଲେକ୍ଟ୍ରିକ୍ ଯାନ ପ୍ରସ୍ତୁତି ବେଳେ ଚୀନ୍ ଉପକରଣ ଏବଂ ଟେକ୍ନୋଲୋଜି ଉପରେ ବଡ ଆକାରରେ ନିର୍ଭର କରୁଛି ଭାରତର ଇଲେକ୍ଟ୍ରିକ୍ କାର ବଜାର ।

ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଭାରତରେ ଏବେ ଯେତିକି ଇଲେକ୍ଟ୍ରିକ୍ ଗାଡି ମଡେଲ ବିକ୍ରି ହେଉଛି, ସେଥିମଧ୍ୟରୁ ମାତ୍ର ୧୩% ହିଁ ସରକାରଙ୍କ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ(ପିଏଲ୍ଆଇ) ସ୍କିମ୍‌ର ଲାଭ ନେବା ପାଇଁ ଯୋଗ୍ୟ ରହିଛନ୍ତି । ଅବଶିଷ୍ଟ ୮୭% ମଡେଲକୁ ଅଯୋଗ୍ୟ ବିବେଚିତ କରାଯାଇଛି । କାରଣ ଏସବୁରେ ବ୍ୟବହାର ହେଉଥିବା ବଡ ଭାଗ ଯନ୍ତ୍ରାଂଶ ଚୀନ୍‌ରୁ ଆମଦାନି କରାଯାଉଛି । ଦେଶରେ ବିକ୍ରି ହେଉଥିବା ପ୍ରତି ୪୬ ଇଲେକ୍ଟ୍ରିକ୍ ଯାନ(ଇଭି) ମଧ୍ୟରୁ ମାତ୍ର ୬ଟି ପିଏଲ୍ଆଇର ଲାଭ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।

ପ୍ରକାଶଯୋଗ୍ୟ, ସ୍ଥାନୀୟ ଉପକରଣ ବ୍ୟବହାରରେ ପ୍ରସ୍ତୁତ ଇଭିଗୁଡିକୁ ହିଁ ପିଏଲ୍ଆଇ ସ୍କିମ୍ର ଲାଭ ମିଳିଥାଏ । ପିଏଲ୍ଆଇ ପାଇଁ ସରକାର କେବଳ ଟାଟା ମୋଟର୍ସର ପଞ୍ଚ୍ ଇଭି, ନେକ୍ସନ ଇଭି, ହ୍ୟାରିୟର ଇଭି, ଟିଆଗୋ ଇଭି, ଟିଗୋର ଇଭି, ମହିନ୍ଦ୍ରାର ଏକ୍ସଇଭି୯ଇ ଆଦି ମଡେଲଗୁଡିକୁ ମଞ୍ଜୁରି ଦେଇଛନ୍ତି ।

ବିଏମ୍‌ଡବ୍ଲୁ, ମର୍ସିଡିଜ୍ ବେଞ୍ଜ୍, ଜେଏସ୍‌ଡବ୍ଲୁ-ଏମ୍‌ଜି, ହ୍ୟୁଣ୍ଡାଇ, କିଆ, ଟେସ୍ଲା, ଭଲ୍‌ଭୋ, ଭିନ୍‌ଫାଷ୍ଟ, ଅଡି, ସିଟ୍ରୋଏନ୍ ଭଳି କମ୍ପାନିଗୁଡିକର ମଡେଲ୍‌ରେ ୬୦%ରୁ ଅଧିକ ଆମଦାନି ଉପକରଣ ଥିବାରୁ ଏଗୁଡିକ ପିଏଲ୍ଆଇ ସ୍କିମ୍‌ରେ ଫେଲ୍ ହୋଇଛନ୍ତି । ଇଭି ପ୍ରସ୍ତୁତ କରିବା ପାଇଁ ସବୁଠୁ ମହଙ୍ଗା ଏବଂ ଟେକ୍-ହେଭି ପାର୍ଟସ ଏବେ ବି ଭାରତରେ ପ୍ରସ୍ତୁତ ହେଉନାହିଁ ।

ଇଭି ପ୍ରସ୍ତୁତି ଲାଗି ଗୁରୁତ୍ୱପୂର୍ଣ୍ଣ ପାର୍ଟସଗୁଡିକ ଚୀନ୍ ଏବଂ ତାଇୱାନ୍‌ରୁ ଆମଦାନି କରାଯାଉଛି । ଏଥିରେ ଲିଥିୟମ୍-ଆୟନ ବ୍ୟାଟେରି ସେଲ୍, ରେୟାର୍ ଆର୍ଥ ମ୍ୟାଗ୍‌ନେଟ୍, ସେମିକଣ୍ଡକ୍ଟର ଚିପ୍ସ, ଡିସି ମୋଟର୍ସ, ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ, ରିଲେ, କନଭର୍ଟର ଏବଂ କନେକ୍ଟର ଆଦି ରହିଛି ।

ଏକ ୟୁରୋପୀୟ କମ୍ପାନିର ଅଧିକାରୀ କୁହନ୍ତି, ଇଭି ବର୍ଗ ଏବେ ନୂଆ । ଏହାନିମନ୍ତେ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତ ହୋଇନାହିଁ । ଭାରତରେ ଇଭିର ଆବୃତ୍ତି ଆହ୍ୱାନମୂଳକ ରହିଛି । ସ୍ଥାନୀୟ ଯୋଗାଣ ଶୃଙ୍ଖଳ ପରିପକ୍ୱ ହୋଇନାହିଁ । ଏହାସହିତ ବିନା ଭଲ୍ୟୁମ୍‌ରେ ଯୋଗାଣକାରୀମାନେ ଭାରତ ଆସିବାକୁ କୁଣ୍ଠାବୋଧ କରୁଛନ୍ତି ।

ପିଏଲ୍ଆଇ ସ୍କିମ୍‌ର ଲକ୍ଷ୍ୟ ହେଉଛି, ଆଗାମୀ ୫ ବର୍ଷରେ ଦେଶରେ ଇଭି ଉତ୍ପାଦନ କ୍ଷମତା ୬୦% ପର୍ଯ୍ୟନ୍ତ ବଢାଇ ୫୦ଜିଡବ୍ଲୁଏଚ୍ କରିବା । ତେବେ ସେଲ୍ ଉତ୍ପାଦନରେ ନିବେଶ ଏବଂ ଅନ୍ୟ ସମସ୍ୟାଗୁଡିକ କାରଣରୁ ଏ ଲକ୍ଷ୍ୟ ହାସଲ କରିବା ମୁସ୍କିଲ ହୋଇଛି । ଏକ ସର୍ବେକ୍ଷଣ ଅନୁସାରେ, ଭାରତର ଅଟୋମୋବାଇଲ କ୍ଷେତ୍ର ପାଇଁ ଲୋକାଲାଇଜେସନ୍ ସର୍ବଦା ଆହ୍ୱାନମୂଳକ ରହିଛି । କୋଭିଡ୍ ପରେ ବିଶ୍ୱ ଯୋଗାଣ ଶୃଙ୍ଖଳରେ ସମସ୍ୟା ବଢିବା ଦ୍ୱାରା ସ୍ଥାନୀୟ ବଜାରରେ ଉତ୍ପାଦନ ବୃଦ୍ଧି ମହତ୍ୱପୂର୍ଣ୍ଣ ପାଲଟିଛି ।

ସୂଚନାଯୋଗ୍ୟ, ପିଏଲ୍ଆଇ ସ୍କିମର ଲାଭ ନେବାକୁ ହେଲେ ଅଟୋନିର୍ମାତାଙ୍କୁ ଅତିକମ୍‌ରେ ୫୦% ଡୋମେଷ୍ଟିକ୍ ଭ୍ୟାଲ୍ୟୁ ଆଡିସନ୍ (ଡିଭିଏ)ର ଆବଶ୍ୟକତା ରହିଛି ।

## ଆଦିବାସୀଙ୍କ ହକ ପାଇବା ପାଇଁ କଣ୍ଡରାଇରେ ଗ୍ରାମସଭା

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**



ବୁଗୁଡ଼ା ବ୍ଲକ ମାଣିତରା ଗ୍ରାମପଞ୍ଚାୟତର କଣ୍ଡରାଇ ଆଦିବାସୀ ଗାଁରେ ଆଦିବାସୀ ସମାଜର ଗ୍ରାମସଭା ଗତ ୨୧ ନଭେମ୍ବରରେ ଆୟୋଜିତ ହୋଇଥିଲା । ଆଦିବାସୀଙ୍କ ହକ ପାଇଁ ଲଢେଇ କରି ଜୀବନକୁ ବାଜି ଲଗାଇ ଅକାଳରେ ମୃତ୍ୟୁବରଣ କରିଥିବା କ୍ୟାମ୍ପେନ୍ ଫର୍ ସର୍ଭାଇବାଲ୍ ଆଣ୍ଡ୍ ଡିଗ୍ନିଟି (ସିଏସଡି)ର ନେତା ପ୍ରଦୀପ ସାହୁଙ୍କ ସ୍ମୃତି ଚାରଣ କରିବା ସହ ୨ ମିନିଟ ନୀରବ ପ୍ରାର୍ଥନା କରଯାଇଥିଲା । ଏହି ଗ୍ରାମସଭାରେ ଆଦିବାସୀଙ୍କ ଜଳ, ଜମି ଓ ଜଙ୍ଗଲ ଅଧିକାର, ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର ହାସଲ ପାଇଁ ବିଚାର ବିମର୍ଷ ହୋଇଥିଲା । ଉଭୟ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଦଶନ୍ଧି ଦଶନ୍ଧି ଧରି ପୂର୍ବପୁରୁଷାନୁକ୍ରମେ ଜଙ୍ଗଲରୁ ଆମ୍ବ, ପଣସ, କେନ୍ଦୁ, ମହୁଲ ଆଦି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଜଙ୍ଗଲ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିବା କଣ୍ଡରାଇ, ବେଲଗାଁ, ସମଲାଇ, ନିମପଲ୍ଲୀ ଆଦି ଜଙ୍ଗଲ ଜମିରେ ଗ୍ରାମସଭାର ବିନା ଅନୁମୋଦନରେ ଆନ୍ଧ୍ର ଜମି ମାଫିଆ ଏବଂ ଆମ ଓଡ଼ିଆ ଜମି ମାଫିଆ, ପ୍ରଭାବଶାଳୀ ମାଫିଆ-ଦଲାଲ ପ୍ରବେଶ କରି ବଳପୂର୍ବକ ଜଙ୍ଗଲ କାଟିବା, ଜଙ୍ଗଲଜମିରେ ବୁଲଡୋଜର ଲଗାଇ ଆଦିବାସୀଙ୍କ ଜୀବନ ଓ ଜୀବିକାକୁ ପ୍ରଭାବିତ କରିବା, ବନ୍ୟଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ଜଙ୍ଗଲ ଧ୍ୱଂସ, ପାରମ୍ପରିକ ଜୀବନ ଜୀବିକା, ସ୍ୱାସ୍ଥ୍ୟ ତଥା ସମ୍ମାନର ସହ ବଞ୍ଚିବା କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛନ୍ତି । ୩୦୦ରୁ ୪୦୦ ଫୁଟ ଗଭୀର ନଳ କୂଅ ଖୋଲି ପାଣି ଶୋଷି ନେଉଥିବା ଯୋଗୁଁ ୨ ବର୍ଷ ହେଲା ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଆଜି ପର୍ଯ୍ୟନ୍ତ ଆଦିବାସୀଙ୍କ ସ୍ୱାର୍ଥରେ କାର୍ଯ୍ୟକାରୀ ହୋଇନାହି । ଜଙ୍ଗଲ ଅଧିକାର କମିଟି ଗଠନ କରି ଜିଲ୍ଲା ପ୍ରଶାସନ ଚିର ନିଦ୍ରାରେ ଶୋଇବା ନେଇ ଗ୍ରାମସଭା କ୍ଷୋଭ ପ୍ରକାଶ କରିବା ସହ ଏଦିଗରେ ଅବହେଳାକୁ ଆଉ ବରଦାସ୍ତ କରାଯିବ ନାହିଁ ଏବଂ ଅନ୍ୟାୟ ବିରୋଧରେ ଆଦିବାସୀ ମେଳି କରାଯିବ ବୋଲି ଗ୍ରାମସଭା ନିଷ୍ପତ୍ତି ନେଇଛି । ଅନେକ ବ୍ୟକ୍ତିଗତ ଜମିକୁ ମଧ୍ୟ ଜମି ମାଫିଆ ପ୍ରବେଶ କରି ବିଶୃଙ୍ଖଳା ସୃଷ୍ଟି କରିବା, ଗୋଷ୍ଠୀଗତ ଜଙ୍ଗଲକୁ ଦଖଲକୁ ନେଇଛନ୍ତି, ଆଦିବାସୀ ପିଲାଙ୍କ ଶିକ୍ଷାରୁ ବଞ୍ଚିତ କରିବା, ରାସ୍ତା ଆଦି ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ କରିବା, ହାତକୁ କାମ, ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅନୁଯାୟୀ କାମ ପ୍ରଦାନ ନ କରିବା ଏପରି ଅନେକ ସମସ୍ୟା ଉପରେ ନେତୃବୃନ୍ଦ ମତ ରଖିଥିଲେ । ଏହାର ସ୍ଥାୟୀ ସମାଧାନ ପାଇଁ ୨୬ ନଭେମ୍ବର ସଂବିଧାନ ଦିବସରେ ବୁଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମ୍ମୁଖରେ ବିକ୍ଷୋଭ କରି ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ । ଏହି ଗ୍ରାମସଭାରେ ଆଦିବାସୀ ଭାରତ ମହାସଭାର ରାଜ୍ୟ ଆବାହକ ଟୁନା ମଳିକ, ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଜଗନାଥପ୍ରସାଦ ମୁଠାର କାର୍ତ୍ତିକ ପ୍ରଧାନ, ଡମ୍ବୁରୁ ପ୍ରଧାନ, ପଞ୍ଚାନନ ପ୍ରଧାନ, ବୁଗୁଡା ଆଦିବାସୀ ସମାଜ ସମ୍ପାଦକ ପ୍ରଶନ୍ନ ଦଳ ବେହେରା, ଦଣ୍ଡପାଣି ଯାନୀ, ସୁରେନ୍ଦ୍ର ମଳିକ, ସିପିଆଇ (ଏମଏଲ) ରେଡଷ୍ଟାର ଜିଲ୍ଲା ସମ୍ପାଦକ ଶଙ୍କର ଇନକିଲାବ, ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭାର ସନ୍ତୋଷ ଯାନୀ ଆଦି ପ୍ରମୁଖ ଯୋଗ ଦେଇଥିଲେ । ସଂଯୁକ୍ତା ପ୍ରଧାନ, ନର୍ମଦା ପ୍ରଧାନ, ସୁକାନ୍ତି ମଲ୍ଲିକ ଆଦି ମହିଳା ନେତ୍ରୀମାନେ ଆଦିବାସୀଙ୍କ ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ବୋଲି ସମୀକ୍ଷା କରି ଯେଉଁ ଆଇନ ୨୦୦୬ରେ ହୋଇଥିଲା ତାହା ୧୯ ବର୍ଷ ବିତିଗଲା ପରେ ମଧ୍ୟ କାର୍ଯ୍ୟକାରୀ ନହେବା ଆଦିବାସୀଙ୍କ ପ୍ରତି ଅବହେଳା ବୋଲି ପ୍ରକାଶ ପାଇଛି । ଆମ ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କଠାରୁ ନ୍ୟାୟ କେବେ ମିଳିବ ତାହାକୁ ଅପେକ୍ଷା ରହିଛି ବୋଲି ଆଦିବାସୀ ମହଲରେ ମତ ପ୍ରକାଶ ପାଇଛି ।

## ରାଜାମୌଳିଙ୍କ ସମର୍ଥନରେ ବାହାରିଲେ ରାମ ଗୋପାଲ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଲୋକପ୍ରିୟ ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଳି । ଭାରତୀୟ ସିନେମାକୁ ବିଶ୍ୱ ସ୍ତରରେ ପହଞ୍ଚାଇଥିବା ନିର୍ଦ୍ଦେଶକ ଏସ୍ଏସ୍ ରାଜାମୌଳି ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଜଜଜ ଏବଂ ବାହୁବଳୀ ଭଳି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଏସ୍ଏସ୍ ରାଜାମୌଳି ଏବେ ଏସିଆର ସବୁଠାରୁ ମହଙ୍ଗା ଫିଲ୍ମ ନିର୍ମାଣ କରୁଥିବା ଜଣାଯାଇଛି । ସାଉଥ୍ ସୁପରଷ୍ଟାର ମହେଶ ବାବୁ ଏବଂ ବଲିଉଡ-ହଲିଉଡ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ଏହି ଆକ୍ସନ-ଆଡଭେଞ୍ଚର ସିନେମାଟିର ନାମ 'ବାରାଣସୀ' ରଖାଯାଇଛି । ଟିଜର ରିଲିଜ୍ ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢିଥିଲେ ବି ରାଜାମୌଳି ଦେଇଥିବା ବୟାନକୁ ନେଇ ବିବାଦ ଆରମ୍ଭ ହୋଇଥିଲା । ହେଲେ ରାଜାମୌଳିଙ୍କୁ ସମର୍ଥନ କରିଥିଲେ ରାମଗୋପାଲ । କହିଲେ ଈଶ୍ୱର ବିଶ୍ୱାସୀ ନ ହେବା ପାପ ନୁହେଁ ।

ଈଶ୍ୱରଙ୍କ ଉପରେ ଭରସା ନଥିବା କହିବା ସହ ପ୍ରଭୁ ହନୁମାନଙ୍କୁ ନେଇ କହିଥିବା କଥା ପାଇଁ ଲୋକେ ତାଙ୍କୁ ଟ୍ରୋଲ କରୁଛନ୍ତି । ଇଭେଣ୍ଟରେ କିଛି ଯାନ୍ତ୍ରିକ ତ୍ରୁଟି ପାଇଁ ଫିଲ୍ମର ଟିଜର ଚାଲିବାରେ ଅସୁବିଧା ହୋଇଥିଲା । ଏହାକୁ ଠିକ୍ କରିବା ପାଇଁ ସମୟ ଲାଗିବାରୁ ବିରକ୍ତ ହୋଇଯାଇଥିଲେ ରାଜାମୌଳି । ମୁଁ ନାସ୍ତିକ...ଈଶ୍ୱରଙ୍କୁ ବିଶ୍ୱାସ କରେ ନାହିଁ ବୋଲି ସେ କହିଥିଲେ । ଏଥିପାଇଁ ତାଙ୍କୁ ଟ୍ରୋଲ କରାଯିବା ସହ ଫିଲ୍ମକୁ ବଏକଟ କରିବାକୁ ଲୋକେ ଦାବି କରିଥିଲେ । ଏହି ବିବାଦ ମଧ୍ୟରେ ଏବେ ତାଙ୍କୁ ସମର୍ଥନ କରିଛନ୍ତି ରାମ ଗୋପାଳ ବର୍ମା ।

ବିବାଦ ବଢ଼ିବାର କିଛି ଦିନ ପରେ ନିର୍ଦ୍ଦେଶକ ରାମ ଗୋପାଳ ବର୍ମା ଏଥିରେ ହସ୍ତକ୍ଷେପ କରିଛନ୍ତି । ସେ ଏକ୍ସରେ ରାଜାମୌଳିଙ୍କ ସପକ୍ଷରେ ଟ୍ୱିଟ କରି ଲମ୍ବା ନୋଟ ସେୟାର କରିଛନ୍ତି । ବର୍ମା ନିଜ ନୋଟରେ ଭାରତରେ ନାସ୍ତିକ ହେବା ଅପରାଧ ନୁହେଁ ବୋଲି ଲେଖିଛନ୍ତି । ତାଙ୍କ କହିବା ମୁତାବକ, ଜଣେ ନିର୍ଦ୍ଦେଶକ ବିଭିନ୍ନ ପ୍ରକାର ଫିଲ୍ମ ନିର୍ମାଣ କରିଥାଏ । ଯିଏ ଈଶ୍ୱରଙ୍କ ଉପରେ ଫିଲ୍ମ କରୁଛି ତା'ର ମାନେ ନୁହେଁ ଯେ ସେ ଈଶ୍ୱରଙ୍କୁ ବିଶ୍ୱାସ କରିବାକୁ ବାଧ୍ୟ । 'ଈଶ୍ୱରଙ୍କୁ ବିଶ୍ୱାସ କରୁ ନଥିଲେ ମଧ୍ୟ, ଈଶ୍ୱର ରାଜାମୌଳିଙ୍କୁ ୧୦୦ ଗୁଣ ଅଧିକ ସଫଳତା, ଅଧିକ ଧନ ଏବଂ ଅଧିକ ପ୍ରଶଂସକ ଦେଇଛନ୍ତି । ଭାରତରେ କୌଣସି ବ୍ୟକ୍ତି ନାସ୍ତିକ ହେବା ଅପରାଧ ନୁହେଁ । ସମସ୍ତେ ସ୍ୱଇଚ୍ଛାରେ ନିଜର ମତ ପ୍ରକାଶ କରିବାର ସ୍ୱାଧୀନତା ରଖିଛନ୍ତି ।

## ସିନେମାଫିନେମା ଟିଭିଫିବି



# ବଦଳି ପରେ ବି କ୍ଷମତା ଲୋଭରେ ଚୌକି ଛାଡୁ ନାହାଁନ୍ତି ବାବୁ

୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ରେ ପ୍ରତ୍ୟେକ ବିଭାଗରେ ସ୍ୱଚ୍ଛତା ଆଣିବା ପାଇଁ ସରକାରୀ କର୍ମଚାରୀଙ୍କର ବଦଳି ବ୍ୟବସ୍ଥା କରିଛନ୍ତି ରାଜ୍ୟ ସରକାର। ବଦଳି ଏକ ମୌଳିକ ପ୍ରଶାସନିକ ବ୍ୟବସ୍ଥା। ଏହା କର୍ମଚାରୀଙ୍କ ମୌଳିକ ଅଧିକାର ନୁହଁ। ୨୦୨୨ ମାର୍ଚ୍ଚ ୧୩ ସୁପ୍ରିମକୋର୍ଟ ଏକ କେସ୍ ର ବିଚାର କରି ଏପରି ଶୁଣାଣି କରିଥିଲେ। ତେବେ ବିଭିନ୍ନ ବିଭାଗ ରେ କାର୍ଯ୍ୟକାରୀ ହେଉଥିବା ବଦଳି ନିୟମାବଳୀ ର ଅପବ୍ୟବହାର ହେଇଥିବା ର ବହୁ ଅଭିଯୋଗ ବିଭିନ୍ନ ସମୟରେ ଆସିଥାଏ। ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି ଓଡ଼ାପଡ଼ା ଗୋଷ୍ଠି ପ୍ରୋଗ୍ରାମି ମ୍ୟାନେଜର (ବିପିଏମ) ଦୀପକ ବିହାରୀ ସାହୁ ଙ୍କ ନାମରେ। ନାଁ ଯେମିତି ବିହାରୀ କାମ ବି ସେମିତି ବିହାରୀ । ବାବୁ ଜଣଙ୍କ ଭାରି କରିତକର୍ମା।ନିଜର ଅନୈତିକ ପାରିବା ପଣିଆ ଯୋଗୁଁ ତଳଠୁ ଉପର ମହଲ ଯାଏଁ ସବୁଠି ଅଛି ତାଙ୍କର ବେଶ ଭଲ ଖାତିରଦାରି।ବଡ଼ବଡ଼ିଆ ସରକାରୀ ବାବୁଙ୍କ ସହ ତାଙ୍କର ରହିଛି ଭଲ ମଧୁର ସମ୍ପର୍କ। ପ୍ରିୟାପ୍ରୀତି ତୋଷଣରେ ସେ ମାହିର। ଚାକିରୀ ଆରମ୍ଭରୁ ପ୍ରାୟ ୮ ବର୍ଷରୁ ଅଧିକ ସମୟ




ଧରି ନିଜ ହୋମ ବ୍ଲକ୍ ରେ ଗାଦି ମାଡ଼ି ଆସ୍ଥାନ ଜମାଇ ଥିବା କଥା ଜଣା ପଡ଼ିଛି। ଟଙ୍କାର ମୋହରେ ଏମିତି ମୋଟା ଚେର ଲାଗିଛି ଯେ ଦୁଇ ଦୁଇ ଥର ବଦଳି ଆଦେଶ ହୋଇଥିଲେ ମଧ ବାବୁ ଜଣଙ୍କ ଚୌକି ଛାଡୁ ନ ଥିବା ଅଭିଯୋଗ ହେଉଛି ।ସରକାରଙ୍କ ବଦଳି ନୀତି ତାଙ୍କ କ୍ଷେତ୍ରରେ କେବେ ଲାଗୁ ହେବ ନାହିଁ ଭାବି ନିଜକୁ ନିଜେ ଭାରି ଗର୍ବ ଅନୁଭବ କରନ୍ତି। ମୋର ରାଜ୍ୟ ଠୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ପର୍ଯ୍ୟନ୍ତ ସବୁଠି ଚିହ୍ନା, ମୋର କେହି କିଛି ଉଖାଡି ପାରିବେନି କହି ବାହାସ୍ଫୋଟ ଡାଇଲଗ ମାରନ୍ତି। ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ମୁଖିଆ ଙ୍କୁ କୁଆଡେ ସେ ନିଜ ପକେଟ ରେ ପୁରାଇ ରଖିଛନ୍ତି ବୋଲି, କିଛି କର୍ମଚାରୀ ଗୋପନରେ ମତ ପ୍ରକାଶ କରିଛନ୍ତି। ଏହି ମହାଶୟ ଜଣଙ୍କ ଏଗାରଟା ପୂର୍ବରୁ ମାସର ଅଧାରୁ ଅଧିକ ଦିନ ଅଫିସ କୁ ଆସନ୍ତି ନାହିଁ । ଅଧାରୁ ଅଧିକ ଦିନ ଘରେ ରହି ମୋଟା ଅଙ୍କର ଦରମା ନେଉଛନ୍ତି ଏହୀ ବାବୁ। ଡିଉଟି ସମୟରେ ଅଫିସ ଆସିବା ବଦଳରେ ନିଜର ବ୍ୟକ୍ତିଗତ କାମରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। ବାବୁ କୁଆଡେ ଅଟ୍ଟାଳିକା ସମ୍ପତ୍ତିର ମାଲିକ ହୋଇଥିବା ବେଳେ ତାଙ୍କ ନାମରେ ବହୁତ ଗୁଡ଼ିଏ ପରିବହନ ଟ୍ରକ ଓ ଅନ୍ୟାନ୍ୟ ଗାଡି ଥିବା ଜଣା ପଡ଼ିଛି। ନିକଟ ଅତୀତରେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ ମାନଙ୍କୁ ଡାକି ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି ଗାଦି ମଡା ବାବୁ ମାନଙ୍କୁ ମାର୍ଚ୍ଚ ସୁଧା ବିଦାକରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦେଖିବକୁ ବାକି ରହିଲା ସରକାରୀ ଟଙ୍କାରେ କୁବେର ବନିଥିବ ଓ ଦୁର୍ନୀତିର ଗନ୍ତା ଘର ପାଲଟି ଥିବା ଓଡ଼ାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ଏହି ବାହୁବଳି କର୍ମଚାରୀ ଙ୍କ ବଦଳି କେବେ ହେଉଛି।

## ଆଜିର ରାଶିଫଳ

| ତାରିଖ | ସୋମବାର– ଚତୁର୍ଥୀ |
|---|---|
| ୨୪.୧୧.୨୦୨୫ | ନକ୍ଷତ୍ର– ପୂର୍ବାଷାଢା, ଧନୁଚନ୍ଦ୍ର |



| | |
|---|---|
| ମେଷ | : ଆୟ ହୋଇପାରେ। |
| ବୃଷ | : ଚୋରି ଅପବାଦ ହୋଇପାରେ। |
| ମିଥୁନ | : କର୍ମରେ ଆନନ୍ଦ ରହିବ। |
| କର୍କଟ | : ଦ୍ରବ୍ୟପ୍ରାପ୍ତି ହୋଇପାରେ। |
| ସିଂହ | : ଆଘାତ ପ୍ରାପ୍ତି ହୋଇପାରେ। |
| କନ୍ୟା | : ଅର୍ଥହାନି ହୋଇପାରେ। |
| ତୁଳା | : ବନ୍ଧୁଙ୍କ ଠାରୁ ସାହାଯ୍ୟ ମିଳିପାରେ। |
| ବିଛା | : ଅସହଯୋଗ ହୋଇପାରେ। |
| ଧନୁ | : ପ୍ରଶଂସିତ ହେବେ। |
| ମକର | : ମନାନ୍ତର ରହିପାରେ। |
| କୁମ୍ଭ | : ଶାନ୍ତିପ୍ରଦ ହେବ। |
| ମୀନ | : ବନ୍ଧୁ ସାହାଯ୍ୟ ଯୋଗ ରହିଛି। |

# ମାସକ ମଧ୍ୟରେ ପାଞ୍ଚ ଥର ଚୋରି ଓ ବିଧାୟକଙ୍କ ଫଳକ ଭାଙ୍ଗିଲେ ଦୁର୍ବୃତ୍ତ

ନିଆଳି,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଶାନ୍ତ ନିଆଳି ଏବେ ଅଶାନ୍ତ ଆଡକୁ ମୁହାଁଇଲାଣି। ମାସକ ମଧ୍ୟରେ ଚୋରି ବଢିବା ସହିତ ଫଳକ ଭଙ୍ଗା ଘଟଣା ସାମ୍ନାକୁ ଆସିଛି। କେହି ଜଣେ ଚୋରି ସାମଗ୍ରୀ କିମ୍ବା ଚୋର ଧରାନପଡିବା ଘଟଣା ନିଆଳି ପୋଲିସ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଖାଲି ଏତିକି ନୁହେଁ ଚୋରା ମଦ ଓ ବ୍ରାଉନସୁଗାର ସାଙ୍ଗକୁ ଗଞ୍ଜେଇ ସିଗାରେଟ ଏବେ ନିଆଳି ଅଞ୍ଚଳରେ ବହୁଳ ପରିମାଣରେ ବିକ୍ରି ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଅଭିଯୋଗ ଲମ୍ବିବାର ଲାଗିଲାଣି କିନ୍ତୁ ଗୋଟିଏ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଅସମର୍ଥ ନିଆଳି ପୋଲିସ।

ମିଳିଥିବା ତଥ୍ୟ ଅନୁସାରେ କଟକ ଜିଲ୍ଲା ନିଆଳି ଥାନା ନିଆଳି ସାହି ଫୁଲ ତୋଳୁଥିବା ଜଣେ ମହିଳାଙ୍କ ବେକରୁ ଗତ ମାସ ୯ ତାରିଖ ସକାଳ ସମୟରେ ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଛନ୍ତି। ସେହିପରି ନିର୍ଭରଣ ପଞ୍ଚାୟତରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବାପ ଘର ଗାଁରେ ଗତ ମାସ ୧୬ ତାରିଖ ଦିନ ଗ୍ରାମେଶ୍ୱର ମନ୍ଦିରରୁ ରୂପା ଅଳଙ୍କାର ଚୋରି ହୋଇଥିବା ନେଇ ନିଆଳି ଥାନାରେ ଏତଲା ହୋଇଛି। ସେହି ଦିନ ସକାଳ ସମୟରେ ଜଲ୍ଲାପୁର ଅଞ୍ଚଳରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ ଦୁର୍ବୃତ୍ତ।

ନିଆଳି ଥାନା ପଛ ପଟରେ ଥିବା ସିଂଙ୍ଗସାହି ଗ୍ରାମର ଜଣେ ଉପରିସ୍ଥ ପୋଲିସ ଅଧିକାରୀଙ୍କ ଘରୁ ଚୋରି କରିବା ସହ ପଡସି ଘରୁ ଚଳିତ ମାସ ୧୪ ତାରିଖ ଦିନ ଦୁର୍ବୃତ୍ତମାନେ ବାରି ପଟ କବାଟ ଭାଙ୍ଗି ଘରୁ ସୁନା, ରୂପା ଓ ନଗଦ ୩୦ ହଜାର ଟଙ୍କା ଚୋରି କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ପରେ ନିଆଳି ପୋଲିସ ପକ୍ଷରୁ ସନ୍ଧାନି କୁକୁର ସାହାର୍ଯ୍ୟରେ ଛାନଭିନ ହୋଇଥିଲା କିନ୍ତୁ ଆଜି ଯାଏ ପୋଲିସକୁ ସଫଳତା ମିଳିପାରି ନାହିଁ। ବିଳାଶୁଣୀ କୁଣ୍ଡି ମୁହଁ ସଂଯୋଗିକରଣ ରାସ୍ତାକୁ ଶାସକ ଦଳ ବିଧାୟକ ଉଦଘାଟନର କିଛି ଘଣ୍ଟା ପରେ ଦୁର୍ବୃତ୍ତମାନେ ଫଳକ ଭାଙ୍ଗିବା ଘଟଣାକୁ ନେଇ ନିଆଳି ଥାନାରେ ଅଭିଯୋଗ ହୋଇଛି, ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କୁ ଠାବ କରିବାରେ ବିଫଳ ହୋଇଛି ପୋଲିସ।

ସେହିପରି ନୂଆଗାଁ ପୁରୁଣା ଛକ ଠାରୁ ଦୁର୍ବୃତ୍ତମାନେ ଏକ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ନିଆଳି ଥାନାରେ ଏତଲା ହୋଇଛି। ନିଆଳି ଶାସନ ସାହିର ପ୍ରଦିପ୍ତ କୁମାର ମିଶ୍ରଙ୍କ ଘରୁ ଗତ ଦୁଇ ଦିନ ତଳୁ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଘରେ ନଥିବା ସମୟରେ ଘର ତାଲା ଭାଙ୍ଗି ଦୁର୍ବୃତ୍ତ ସୁନା, ରୂପା ଓ ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତ ରୋଷେଇ ଘରେ ପଶିଲେ ଚା' ତିଆରି କଲେ ମିକ୍ସଚର ଖାଇଲେ, ଚୋରି କରି ଛୁ। ନିଆଳି ପୋଲିସ ପକ୍ଷରୁ ସନ୍ଧାନି କୁକୁର ସାହାର୍ଯ୍ୟରେ ଅନୁସନ୍ଧାନ କରାଯାଇଥିଲେ ସୁଦ୍ଧା ଅଦ୍ୟାବଧି ପୋଲିସ କୈାଣସି ସଫଳତା ମିଳିପାରି ନାହିଁ। ନିଆଳି ଅଞ୍ଚଳରେ ଚୋରଙ୍କ ଉତ୍ପାତ ବୃଦ୍ଧି ଯୋଗୁଁ ଚୋରି ବଢୁଛି। ଗୋଟିଏ ମାସ ମଧ୍ୟରେ ନିଆଳି ଅଞ୍ଚଳରେ ଏତେ ସଂଖ୍ୟାରେ ଚୋରି ବଢିଥିବା ନେଇ ଅଭିଯୋଗ ହୋଇଛି।

# ହାତୀ ଆକ୍ରମଣରେ ମୃତ ଯୁବକଙ୍କ ପରିବାରବର୍ଗଙ୍କୁ ଭେଟିଲେ ସାଂସଦ



ହିନ୍ଦୋଳ,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ହିନ୍ଦୋଳ ବ୍ଲକ ବାଲିମି ଥାନା ଅନ୍ତର୍ଗତ ପାଟଲା ଗ୍ରାମର ହାତୀ ଆକ୍ରମଣରେ ମୃତ ଚିନ୍ମୟ ଦେହୁରୀଙ୍କ ପରିବାର ବର୍ଗଙ୍କୁ ଶନିବାର ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଭେଟିଛନ୍ତି। ପ୍ରକାଶଥାଏକି ୨୦ ତାରିଖ ଅପରାହ୍ନ ସମୟରେ ଚିନ୍ମୟ ଘରକୁ ଫେରୁଥିବା ସମୟରେ ଗୁରୁବାର ଏକ ଦନ୍ତା ହାତୀ ହାବୁଡରେ ପଡିଥିଲେ ଏବଂ ଦନ୍ତା ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଢେଙ୍କାନାଳ ଏମପି ଦଳୀୟ ନେତୃବୃନ୍ଦଙ୍କ ସହ ତାଙ୍କ ପାଟଲା ସ୍ଥିତ ଘରକୁ ଆସି ପରିବାର ବର୍ଗଙ୍କ ଦୁଃଖ ଶୁଣିଥିଲେ ଏବଂ ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କ ଅଭିଯୋଗ ଶୁଣି ଢେଙ୍କାନାଳ ଡିଏଫଓ ସୁମିତ କରଙ୍କ ସହ ବିଷଦ ଆଲୋଚନା କରି ତୁରନ୍ତ ସମସ୍ତ ପ୍ରକାର ଆର୍ଥିକ ସହଯୋଗ ଯୋଗାଇବା, ବାରମ୍ବାର ଆକ୍ରମଣ କରି ଜୀବନ ନେଉଥିବା ଦନ୍ତା ହାତୀଙ୍କୁ ସ୍ଥାନାନ୍ତର କରିବା ସମ୍ପର୍କରେ ଆଲୋଚନା କରିଥିଲେ ଓ ମୃତକ ପରିବାର ବର୍ଗଙ୍କୁ କିଛି ଆର୍ଥିକ ସହଯୋଗ କରିଥିଲେ। ଏହା ପରେ ଆଖପାଖ ଅଞ୍ଚଳରୁ ଅସିଥିବା ବହୁ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ସମସ୍ୟା ଗୁଡିକର ସମାଧାନ ନିମନ୍ତେ ପ୍ରତିଷଶ୍ରୁତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏମପିଙ୍କ ପ୍ରତିନିଧି ସୁଶାନ୍ତ ପତି, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ମଣ୍ଡଳ ସଭାପତି ରବିନ ବାରିକ, ପ୍ରବୋଧ ପ୍ରଧାନ, ସୁଜିତ ଜେନା, ବିଜେପି ନେତା ସନ୍ତୋଷ ନାଏକ, ଅଶୋକ ରାଉତ, ବହୁ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ସମେତ ଅନେକ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ସର୍ବ ଭାରତୀୟସ୍ତରୀୟ ଗାନ୍ଧୀ ଶିଳ୍ପ ବଜାର ପ୍ରଦର୍ଶନୀ

ଗୋପ,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

କୋଣାର୍କ ସ୍ଥିତ ଅର୍ବାନହାଟ ପରିସରରେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ ଓ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିଭାଗ ମିଳିତ ସହଯୋଗରେ ଓଡିଶା ଖଦୀ ଓ ଗ୍ରାମୋଦ୍ୟୋଗ ସଂଘ, ଭୁବନେଶ୍ୱର ଆନୁକୁଲ୍ୟରେ ୭ଦିନିଆ ସର୍ବଭାରତୀୟ ଗାନ୍ଧୀ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳା ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଜାତୀୟ ପୁରସ୍କାର ପ୍ରାପ୍ତ ପଟ୍ଟଶିଳ୍ପୀ ଗୁରୁ ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ ହସ୍ତଶିଳ୍ପ ବିକାଶ ଆୟୁକ୍ତର ସହାୟକ ନିର୍ଦ୍ଦେଶକ ଭୁବନ ଭାସ୍କର ଓ ରାଜ୍ୟ ହସ୍ତଶିଳ୍ପ ବିକାଶ ଅଧିକାରୀ ବୀର ଭାରତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଗାନ୍ଧୀ ଶିଳ୍ପ ବଜାର



ମାଧ୍ୟମରେ ହସ୍ତଶିଳ୍ପୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ସୁଲଭ ବଜାର ସୃଷ୍ଟି ହେବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ବୃଦ୍ଧି ପାଇବା ସହ ଆତ୍ମନିର୍ଭରଶୀଳ ପାଇଁ ମାର୍ଗ ପ୍ରସ୍ତୁତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସର୍ବଭାରତୀୟ ଗାନ୍ଧୀ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ କୋଲକତା, ଝାଡଖଣ୍ଡ, ବିହାର, ଓଡିଶା ସମେତ ବିଭିନ୍ନ ରାଜ୍ୟର କାରିଗରମାନେ ଅଂଶଗ୍ରହଣ କରିଛନ୍ତି। ଏହି ଜାତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାରେ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ନେଇ ୪୦ଟି ଷ୍ଟଲ ପ୍ରଦର୍ଶିତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ମିନର୍ଭା ରାଉତ ଓ ଓଡିଶା ଖଦୀ ଓ ଗ୍ରାମୋଦ୍ୟୋଗ ସଂଘର ପ୍ରକଳ୍ପ ଅଧିକାରୀ ବେଣୁଧର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ୭୮ତମ ଏନସିସି ଦିବସ

କେନ୍ଦୁଝର,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

୧୪ ଓଡିଶା ବାଟାଲିୟନ ଏନସିସି ତରଫରୁ କେନ୍ଦୁଝରଠାରେ ୭୮ତମ ଏନସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ୩୮୦ଜଣ ଏନସିସି କ୍ୟାଡେଟ୍ ଏକତ୍ରିତ ହୋଇ ଏକତା, ନେତୃତ୍ୱ ଏବଂ ନିଃସ୍ୱାର୍ଥପର ସେବାର ନୀତିକୁ ଚମତ୍କାର ଭାବରେ ପ୍ରଦର୍ଶନ କରିଥିଲେ।

ପ୍ରାରମ୍ଭରେ ୧୪ ଓଡ଼ିଶା ବାଟାଲିଅନ୍ ଏନସିସି, କେନ୍ଦୁଝରର କମାଣ୍ଡିଂ ଅଫିସର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ପତାକା ପ୍ରଦର୍ଶିତ କରି ଏକ ସାଇକେଲ ରାଲିର ଶୁଭାରମ୍ଭ କରିଥିଲେ। ଯାହା ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣର ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟଠାରେ ଶେଷ ହୋଇଥିଲା। ଏଥିରେ ପ୍ରାୟ ୧୮୦ ଜଣ କ୍ୟାଡେଟ ଭାଗ ନେଇଥିଲେ। ପରିବେଶଗତ ଚେତନା, ସଡ଼କ ସୁରକ୍ଷା ସଚେତନତା ଏବଂ ସୁସ୍ଥ ଜୀବନଶୈଳୀର ଗୁରୁତ୍ୱକୁ ପ୍ରୋତ୍ସାହିତ କରିବା ଏହି ରାଲିର ଲକ୍ଷ୍ୟ ଥିଲା।

ଏହା ସହିତ ସମାନ୍ତରାଳ ଭାବରେ ଅନ୍ୟୁନ୨୦୦ ଜଣ କ୍ୟାଡେଟଙ୍କୁ ନେଇ ଏକ ପଦଯାତ୍ରା ଜନସାଧାରଣଙ୍କୁ ସାମାଜିକ ଦାୟିତ୍ୱ, ସ୍ୱଚ୍ଛତା ଏବଂ ଜାତୀୟ ସମନ୍ୱୟ ଉପରେ ସଚେତନ କରିଥିଲା। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କଳା, ଏନସିସିର ସଫଳତାକୁ ଚିତ୍ରଣ କରୁଥିବା ପ୍ରଦର୍ଶନୀ ଏବଂ ସମାଜ ସେବା ଭାବନା ଦ୍ୱାରା ପ୍ରବର୍ତ୍ତିତ ପଦକ୍ଷେପ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି କ୍ୟାଡେଟମାନଙ୍କ ସଫଳତା ବିଶେଷ କରି ସୁଟିଂ ଦଳର ସଫଳତାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ସୁମଧୁର ଏବଂ ପ୍ରେରଣାଦାୟକ ଏନସିସି ଗୀତ ପରିବେଷଣ ସହିତ ଶେଷ ହୋଇଥିଲା, ଯାହା ଦେଶପ୍ରେମ ଏବଂ ସୌହାର୍ଦ୍ଦ୍ୟର ଭାବନାକୁ ଉଜ୍ଜ୍ୱଳିତ କରିଥିଲା।

# ଝଲସିବ କାକଟପୁର: ମିଳିଲା ୨୪୫ କୋଟି



ଅସ୍ତରଙ୍ଗ,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟରେ ବିଜେପି ସରକାରକୁ ୧୮ ମାସ ପୁରିଥିବାବେଳେ ରାଜ୍ୟରେ ବିକାଶର ଧାରାକୁ ଆଗେଇ ନେଇଛି ବିଜେପି। ଏହି ବିକାଶରେ ସାମିଲ ହୋଇଛି ପୁରୀଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ। ଏହି ପ୍ରରିପେକ୍ଷୀରେ ରବିବାର କାକଟପୁର ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଏବଂ ପୁରୀଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସାଂସଦ ପ୍ରତିନିଧି ତଥା ଆଇଟି ସେଲ ସଂଯୋଜକ ରାକେଶ କୁମାର ବିଶ୍ୱାଳ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କାକଟପୁର ନିର୍ବାଚନ ମଣ୍ଡଳୀଙ୍କୁ ୨୪୫ କୋଟି ଅନୁଦାନ ଦେଇଥିବାର ମୁଦ୍ଦା ଉପସ୍ଥାପନା କରିଥିଲେ। ଏଥିମଧ୍ୟରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା'ମଙ୍ଗଳାଙ୍କ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ୧୨୦ କୋଟି, ଅସ୍ତରଙ୍ଗର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୀର ଜାହାନିଆ ପୀଠର ବିକାଶ ପାଇଁ ୧୦୦ କୋଟି, କୋଣାର୍କ ମନ୍ଦିରରେ ଆଲୋକ ଓ ଶବ୍ଦ ବ୍ୟବସ୍ଥା ପାଇଁ ୬ କୋଟି, ଅସ୍ତରଙ୍ଗର କୁହୁଡି ଲବଣ ସତ୍ୟାଗ୍ରହ ପୀଠର ବିକାଶ ପାଇଁ ୫ କୋଟି, ଗୋପ ବ୍ଲକ ତରବୋଇ ପଞ୍ଚାୟତର ବାଲିକପିଳେଶ୍ୱର ମନ୍ଦିରର ବିକାଶ ପାଇଁ ୧ କୋଟି, କାକଟପୁରର ପ୍ରସିଦ୍ଧ ଶୈବପୀଠ ସ୍ୱମେଶ୍ୱର ମହାଦେବଙ୍କ ମନ୍ଦିରର ଉନ୍ନତି କରଣ ପାଇଁ ୧ କୋଟି ୪୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ପ୍ରକାଶ କରିଥିଲେ। ଏଥିପାଇଁ ଉଭୟ ନେତା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ଏହିଭଳି ଭାବରେ କାକଟପୁର ଅଞ୍ଚଳରେ ବିକାଶର ଧାରା ଆଗେଇ ଚାଲିବ ବୋଲି ମତବ୍ୟକ୍ତ କରିଥିଲେ। ଅପର ପକ୍ଷରେ ଏହି ବିକାଶର ଧାରାରେ ସାଗର ମାଳା ପ୍ରକଳ୍ପ, ଅସ୍ତରଙ୍ଗର ଗଙ୍ଗାଦେବୀ ମୁହାଁଣର ବିକାଶ ଏବଂ କୋଣାର୍କ ଠାରେ ରେଳ ଷ୍ଟେସନ ନିର୍ମାଣର ଡିପିଆର ପ୍ରସ୍ତୁତ ହୋଇଥିବା ଜଣାପଡିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମସ୍ତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା

ଖଣ୍ଡପଡ଼,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ରବିବାର ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଅଙ୍ଗସ୍ୱରୁପା ଚାଟାର୍ଜୀ ଓ ବରିଷ୍ଠ ସିଭିଲ ଜଜ ସିନିୟର ଡିଭିଜନ ରଶ୍ମିରେଖା ପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅଦାଲତ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ପରିଶେଷରେ ଖଣ୍ଡପଡ଼ା ଓକିଲ ସଂଘର ସଂପାଦକ ବିକ୍ରମ କେଶରୀ ଦେଓଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଜରିଆରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

# ସଚେତନ ଶିବିରରେ ପିନାକୀ ମିଶ୍ର



ଅସ୍ତରଙ୍ଗ,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଶନିବାର ଅପରାହ୍ନ ୧୨.୩୦ମିନିଟ୍ ସମୟରେ ଝଡଲିଂଙ୍ଗ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ଅସ୍ତରଙ୍ଗ ସାମୁଦ୍ରିକ ଥାନାର ପୋଲିସ ସଚେତନତା ଶିବିରରେ ମୁଖ୍ୟଅତିଥି ଭାବେ ପୁରୀ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ନିମାପଡ଼ା ଉପଆରକ୍ଷୀ ଅଧିକ୍ଷକ ଜନାର୍ଦ୍ଦନ ପାଢ଼ୀ, ସ୍ଥାନୀୟ ସରପଞ୍ଚ ବୃନ୍ଦାବନ ନାୟକ, ନୂଆଗଡ ପଞ୍ଚାୟତର ସମିତ ସଭ୍ୟ ରାମ ଚନ୍ଦ୍ର ନାୟକ ଓ ଅସ୍ତରଙ୍ଗ ଆଇଆଇସି ଦୁର୍ଗା ଚରଣ ମହାପାତ୍ର ଯୋଗଦେଇଥିଲେ। କୁନି ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳ, ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂ କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। କିଭଳି ପୋଲିସ ସାଧାରଣ ଲୋକଙ୍କ ଆସ୍ଥା ଭାଜନ ହୋଇପାରିବ ସେଥିପାଇଁ ପୁରୀ ପୋଲିସ ଆପଣଙ୍କ ପାଇଁ ଆପଣଙ୍କ ସାଥିରେ ବୋଲି ଅଭିଭାଷଣରେ ଶ୍ରୀ ସିଂ କହିଥିଲେ। ବୃଦ୍ଧବୃଦ୍ଧାମାନଙ୍କୁ କମଳ ବଣ୍ଟନ କରାଯାଇଥିଲା।

# ଗଜପତିରେ ଶିକ୍ଷା ବ୍ୟବସ୍ଥା: ୧୯ ବିଦ୍ୟାର୍ଥୀଙ୍କୁ ୮ ଶିକ୍ଷକ

ପାରଳାଖେମୁଣ୍ଡି,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷାର ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଅନେକ ଯୋଜନା କରୁଛନ୍ତି। ସାକ୍ଷରତା ହାର ବୃଦ୍ଧି ସହ ପିଲାଙ୍କୁ ସ୍କୁଲମୁହାଁ କରିବା ପାଇଁ ସରକାର ମାଗଣା ଶିକ୍ଷାଦାନ, ମଧ୍ୟାହ୍ନଭୋଜନ ଏବଂ ମାଗଣା ପୋଷାକ ଯୋଗାଣ କରୁଛନ୍ତି। ଏହାସତ୍ତ୍ୱେ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଉନି। ରାଜ୍ୟ ସରକାର ବାଲବାଟିକା ବ୍ୟବସ୍ଥା ପ୍ରଚଳନ ସହ ୧୫ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ନିଯୁକ୍ତି ଭଳି ପଦକ୍ଷେପ ନେଇଛନ୍ତି। କିନ୍ତୁ ଏତେ ସବୁ ସତ୍ତ୍ୱେ ଆଦିବାସୀ ଅଧ୍ୟୁଷିତ ଜିଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପାଇପାରୁନି। ଗଜପତି ଜିଲା ଗୋସାଣି ବ୍ଲକ ଅନ୍ତର୍ଗତ ଆଙ୍କୁଡୁ ଉନ୍ନିତ ଉଚ୍ଚବିଦ୍ୟାଳୟରେ ଏକ ବିଚିତ୍ର ଶିକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ମାତ୍ର ୧୯ ଜଣ ପିଲାଙ୍କ ପାଇଁ ୮ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି।

୧୯୧୪ ମସିହାରେ ଆଙ୍କୁଡୁରେ ପ୍ରତିଷ୍ଠିତ ଏହି ପ୍ରାଥମିକ ବିଦ୍ୟାଳୟ ପରବର୍ତ୍ତୀ ସମୟରେ ୨୦୧୭-୧୮ ବର୍ଷରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପରିବର୍ତ୍ତିତ ହୋଇଛି। ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି କାରଣରୁ ଏହି ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରିଣତ କରାଯାଇଥିବା କୁହାଗଲା। ହେଲେ ୧୯୧୪ରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ୨୦୧୫ ବେଳକୁ ୪୦ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ପରବର୍ତ୍ତୀ ସମୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇ ବର୍ତ୍ତମାନ କେବଳ ୧୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି।

ସେଥିମଧ୍ୟରୁ ବାଲବାଟିକାରେ ଦୁଇଜଣ, ପ୍ରଥମ, ଅଷ୍ଟମ ଓ ନବମ ଶ୍ରେଣୀରେ ଜଣେ ମଧ ଛାତ୍ରଛାତ୍ରୀ ନଥିବା ବେଳେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ଜଣେ ଲେଖାଏଁ ପିଲା ଅଧ୍ୟୟନ କରୁଛନ୍ତି। ସେହିପରି ପଞ୍ଚମରେ ୩ଜଣ, ଷଷ୍ଠରେ ୪ଜଣ, ସପ୍ତମରେ ୨ଜଣ ଓ ଦଶମରେ ୫ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସେପଟେ ୧୯ ଛାତ୍ରଛାତ୍ରୀଙ୍କ ପାଇଁ ବାଲବାଟିକା ଓ ପ୍ରଥମରୁ ପଞ୍ଚମ ସକାଶେ ୪ଜଣ ଓ ଷଷ୍ଠରୁ ଦଶମ ପାଇଁ ଆଉ ୪ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ପ୍ରାଥମିକ ଶିକ୍ଷାଦାନ ପାଇଁ ୮ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୪ଜଣ ଏବଂ ହାଇସ୍କୁଲ ଶିକ୍ଷା ପାଇଁ ୧୧ଜଣ ଛାତ୍ରଛାତ୍ରୀଙ୍କୁ ୪ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଛନ୍ତି। ଏହି ବିଦ୍ୟାଳୟରେ ରହିଥିବା ୮ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ଆସନ୍ତା ୨ମାସ ଭିତରେ ଜଣେ ଶିକ୍ଷକ ଅବସର ନେବେ। ଜଣେ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟିରେ ଅଗଷ୍ଟ ୧୪ ତାରିଖରୁ ରହିଛନ୍ତି। ସେହିପରି ଦୁଇଜଣ ଶିକ୍ଷକଙ୍କୁ ବିଏଲ୍ଓ ତଥା ଭୋଟର ଅନୁସଂଖ୍ୟାନ ଦାୟିତ୍ୱ ଦିଆଯାଇଛି। ସେପଟେ କିଛି ଶିକ୍ଷକ ବର୍ଷବର୍ଷ ଧରି ଏଠାରେ ରହିଛନ୍ତି। ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଗାଁ ଗାଁ ବୁଲି ସଚେତନ କରିବା ପ୍ରୟାସ ବିଫଳ ହୋଇଛି। ଏପରିକି କିଛି ଛାତ୍ରଛାତ୍ରୀଙ୍କ ଯାତ୍ରା ଖର୍ଚ୍ଚ ମଧ ନିଜେ ଶିକ୍ଷକ ଶିକ୍ଷୟିତ୍ରୀ ବହନ କରିଥିଲେ ସୁଦ୍ଧା ସମସ୍ତ ଚେଷ୍ଟା ବ୍ୟର୍ଥ ହୋଇଛି। ଏହି ଗ୍ରାମରେ ଦାଦନ ଏକ ପ୍ରମୁଖ ସମସ୍ୟା। ଗ୍ରାମର ଅଧିକାଂଶ ଲୋକ ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଦାଦନ ଖଟୁଛନ୍ତି। ବିଦ୍ୟାଳୟର ଅସ୍ତିତ୍ୱ ବଞ୍ଚାଇ ରଖିବା ସକାଶେ ଏକ ଛାତ୍ରାବାସ ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

# ସାମୁହିକ ବନ୍ଦେ ମାତରମ ଗାନ

ନିଆଳି,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ବନ୍ଦେ ମାତରମ ୧୫୦ବର୍ଷ ପୂର୍ତ୍ତି ଅବସରରେ ଏକ ସାମୁହିକ ବନ୍ଦେ ମାତରମ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିଆଳି ସ୍ଥିତ ନୀଳମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନିଆଳି ବିଧାୟକ ଛବି ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଶ୍ରୀ ମଲିକ ତାଙ୍କ ବକ୍ତବ୍ୟରେ ଦେଶର ସ୍ୱାଧୀନତା ସଂଗ୍ରାମର ବନ୍ଦେ ମାତରମ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପ୍ରେରଣାର ଉତ୍ସ ଥିଲା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବହୁ



ସମୟ ଖରାରେ ଛିଡା ହୋଇଥିଲେ ବି ସେମାନଙ୍କ ପାଇଁ ଛାଇର ବ୍ୟବସ୍ଥା କରାଯାଇନଥିଲା। ଏମିତିକି ନେତାମାନଙ୍କ ପାଇଁ ଛାଇର ମଞ୍ଚ ବନ୍ଧା ଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଏଭଳି ବ୍ୟବସ୍ଥା ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହି କାର୍ଯ୍ୟକ୍ରମଟି ଆଡ଼ଭୋକେଟ ସରୋଜ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ନିଆଳି ତହସିଲଦାର ତାରିଣୀ ରଂଜନ ରାଏ, ନିଆଳି ବିଡ଼ିଓ ଧର୍ମ ରଂଜନ ପଣ୍ଡା, ନିଆଳି ଆଇଆଇସି ଦିଲ୍ଲୀପ କୁମାର କାଣ୍ଡି, ନିଆଳି ମଣ୍ଡଳ ଶିକ୍ଷା ଅଧିକାରୀ କୁମର ବର ସାମଲଙ୍କ ସମେତ ଛାତ୍ରଛାତ୍ରୀ ଅଭିଭାବକ ଓ ବିଜେପି କର୍ମୀମାନେ ଉପସ୍ଥିତ ରହିଥିଲେ।

# ଲଘୁଚାପ ବର୍ଷାକୁ ନେଇ ଗ୍ରାମବାସୀଙ୍କୁ ସତର୍କ ସୂଚନା

ପାତ୍ରପୁର,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ସମ୍ଭାବ୍ୟ ଲଘୁଚାପ ବର୍ଷାକୁ ଆଖି ଆଗରେ ରଖି ଗଞ୍ଜାମ ଜିଲ୍ଲା ପାତ୍ରପୁର ତହସିଲ ନୂଆଗଡ ଠାରେ ଥିବା ବାଘଲଟି ମଧ୍ୟମ ଜଳସେଚନ ପ୍ରକଳ୍ପ ପକ୍ଷରୁ ବାହୁଦା ନଦୀ କୂଳରେ ଅବସ୍ଥିତ ଥିବା ଗାଁ ଗୁଡିକରେ ଜନ ସାଧାରଣଙ୍କୁ ସତର୍କ ସୂଚନା ଜାରି ହୋଇଛି। ବାଘଲଟି ମଧ୍ୟମ ଜଳସେଚନ ୧୧୦ ମିଟର ଉଚ୍ଚତା ନିର୍ମାଣ ହୋଇଥିବା ବେଳେ ସର୍ବୋଚ୍ଚ ୧୦୬ ମିଟର ଜଳ ଗଚ୍ଛିତ ରଖିବା ବ୍ୟବସ୍ଥା ରହିଛି। ଚଳିତ ବର୍ଷ ଭଲ ବର୍ଷା ହେବା ଫଳରେ ଦୁଇ ବର୍ଷ ପରେ ଜଳଭଣ୍ଡାର ପୂର୍ଣ୍ଣ ହେବା ପରେ ରବି ଋତୁରେ ପୁଣି ଚାଷ କରିବା



ନିମନ୍ତେ ଚାଷୀ ସଜବାଜ ହେଉଛନ୍ତି।

ଏବେ ଜଳଭଣ୍ଡାରରେ ୧୦୫.୨୦ ମିଟର ଜଳସ୍ତର ପହଞ୍ଚିଛି। ଯାହାକି ଜଳଧାରଣ କ୍ଷମତାର ଶତକଡା ୯୩.୨୨ ପ୍ରତିଶତ ରେ ପହଞ୍ଚିଛି। ସମ୍ଭାବ୍ୟ ବର୍ଷା ଆଶଙ୍କାକୁ ଦେଖି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ପରେ ଜଳର ସଠିକ୍ ପରିଚାଳନା ନିମନ୍ତେ ଯେକୌଣସି ମୁହୂର୍ତ୍ତରେ ପାଣି ନଦୀକୁ ଛାଡିବାକୁ ସ୍ଥିର ହୋଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି। ତେଣୁ ବାହୁଦା ନଦୀ କୂଳରେ ରହିଥିବା ସମସ୍ତ ଗ୍ରାମର ଲୋକମାନଙ୍କୁ ବାଘଲଟି ଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି।

ସେମାନେ ଏଥିପ୍ରତି ସତର୍କ ରହିବା ସହ ସେମାନଙ୍କ ଗୃହ ପାଳିତ ପଶୁମାନଙ୍କୁ ନଦୀ ଗର୍ଭକୁ ଛାଡିବେ ନାହିଁ। ଏ ନେଇ ଅଞ୍ଚଳର ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କୁ ଅବଗତ କରାଯାଉଛି। ଜନସାଧାରଣ ଏଥିଲାଗି ସହଯୋଗ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଯଦି ଏହି ନିର୍ଦ୍ଦେଶକୁ ଅବମାନନା କରି କୌଣସି ଧନ ଜୀବନ କ୍ଷତି ଘଟେ, ତାହେଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

■ ବାଲି ଦର ବାଲିଘଟରେ କମିଲେ ଯେ, ବାଲି ଶସ୍ତାରେ ମିଳିବ ଏକଥା ଲୋକେ ଚିନ୍ତା କରିପାରୁନାହାନ୍ତି । ଲୋକେ ତ ଆଉ ନିଜେଯାଇ ବାଲିଘଟରୁ ବାଲି କିଣିବେନି, ସେମାନେ ଟ୍ରକ୍, ଟ୍ରାକ୍ଟର କିମ୍ବା, ହାଇଓ୍ୱା ଉପରେ ହିଁ ନିର୍ଭର କରିବେ । ସବୁବେଳେ ବାଲିଘାଟ ଲିଜ୍‌ଧାରୀ ଏବଂ ଟ୍ରକ/ଟ୍ରାକ୍ଟର ମାଲିକମାନେ ହିଁ ଲାଭବାନ ହୋଇଥାଆନ୍ତି । ଆଉ ଯେଉଁମାନେ ଅଘାଟରୁ ଚୋରାରେ ବାଲି ଉଠାଉଛନ୍ତି ସେମାନେ ତ ସବୁବେଳେ ମାଲେ ମାଲେ । ■ ସେମାନେ କ'ଣ ଗ୍ରାହକଙ୍କୁ ସସ୍ତାରେ ଦେଉଛନ୍ତି ? ତେଣୁ ବାଲିର ଏମ୍‌ଏସପି ଧାର୍ଯ୍ୟ ହେବା ଏବଂ ଇ-ଲଟେରୀ ମାଧ୍ୟମରେ ବାଲିଘାଟକୁ ନିଲାମ କରିଦେଲେ ଯେ ସାଧାରଣ ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇପାରିବ ଏଭଳି ଆଶା କରିପାରୁନାହାନ୍ତି ଲୋକେ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୪ ନଭେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍

## ଏମ୍‌ଏସ୍‌ପି ଧାର୍ଯ୍ୟ ହେଲେ ଲୋକଙ୍କର କ'ଣ ଲାଭ ହେବ

ସବୁଜାଗାରେ ବାଲି ଦର ବଢ଼ିଛି । ବଢ଼ି ବଢ଼ି ଚାଲିଛି । ଏହି ଦୁଇବର୍ଷ ଭିତରେ ଦ୍ୱିଗୁଣାରୁ ଅଧିକ ଦରରେ ଲୋକେ ବାଲି କଣୁଛନ୍ତି । ନିଅଣ୍ଟିଆ ଏବଂ ମଧ୍ୟବିତ୍ତବର୍ଗ ଘର କରିବାର ସ୍ୱପ୍ନ ଦେଖିବା ଛାଡି ଦେଲେଣି । ବର୍ଷ ତଳେ ନିର୍ମାଣ ଖର୍ଚ୍ଚ ଯାହା ଥିଲା ଏବେ ଅହେତୁକ ଭାବେ ବଢ଼ିଯାଇଛି । ଘର କରିବା କିମ୍ବା ଘର ଖଣ୍ଡେ କିଣିବା ମଧ୍ୟବିତ୍ତବର୍ଗ ଆଉ ଚିନ୍ତା କରୁନାହାନ୍ତି । ଏବେ ଆପାର୍ଟମେଣ୍ଟ କିଣୁଛନ୍ତି ମୋଟାଅଙ୍କର ଦରମା ପାଉଥିବା ଯୁବ ବର୍ଗ, ଯେଉଁମାନଙ୍କ ଦରମା ମାସକୁ ଲକ୍ଷ ଟଙ୍କାରୁ ଅଧିକ । ସେମାନଙ୍କ ପାଇଁ ଘର ଏକ ବିନିଯୋଗ । ସଞ୍ଚୟ ଅପେକ୍ଷା ଏଥିରେ ଲାଭ ଅଧିକ ।

ଖବରରୁ ଜଣାଯାଇଛି ସରକାର ବାଲି ପାଇଁ ଏମ୍‌ଏସପି (ସର୍ବାଧିକ ବିକ୍ରୟ ମୂଲ୍ୟ) ଲାଗୁ କରିବେ । ଏଣିକି ସରକାର ଯେଉଁ ଦର ଧାର୍ଯ୍ୟକରିବେ, ବାଲିଘଟ ଲିଜ୍‌ଧାରୀ ସେହି ଦରରେ ଲୋକଙ୍କୁ ବିକ୍ରି କରିବେ । ଯେଉଁମାନେ ଅଧିକ ଦରରେ ବିକିବେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଖଣିମନ୍ତ୍ରୀ କହିଛନ୍ତି । ଶୁକ୍ରବାର ଦିନ କ୍ୟାବିନେଟ୍ ବୈଠକରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ର ସଂସଧନ ଉପରେ ମୋହର ଲାଗିଛି । ବାଲିଚୋରି ରୋକିବା ଏବଂ ବାଲି ମାଫିଆଙ୍କୁ ସାବାଡ କରିବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି । ଏଣିକି ଇ-ନିଲାମ ପରିବର୍ତ୍ତେ ଇ-ଲଟେରୀ ମାଧ୍ୟମରେ ବାଲିଘଟ ଗୁଡିକୁ ଲିଜ୍ ଦିଆଯିବ । ବାଲି ଗଚ୍ଛିତ କରି ରଖିବା ସହ ଅଧିକ ଦାମରେ ବିକୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସେମାନଙ୍କୁ ଷ୍ଟୋରେଜ ଲାଇସେନ୍ସ ନେବାକୁ ପଡିବ ।

ପ୍ରଶ୍ନ ଉଠୁଛି-ବାଲିଦର ଧାର୍ଯ୍ୟ ହେଲେ ଲୋକେ କେତେ ଉପକୃତ ହୋଇପାରିବେ ? ଲୋକେ ପୂର୍ବ ଅପେକ୍ଷା ଶସ୍ତାରେ ପାଇବେ ତ ବାଲି ?

ଏଭଳି ଏକ ଆଂଶଙ୍କା ଉପୁଜିବାର କରଣ ହେଉଛି- ଜିଏସ୍‌ଟି କମିବା ପରେ ଅଟା, ତେଲ, ଚିନି ଆଦିର ଦର କମିବା ବଦଳରେ ବଢ଼ିଛି । ଜିଏସଟି କମିବା ପୂର୍ବରୁ ଦର ଯାହା ଥିଲା କମିବା ପରେ ଅଧିକ ଦରରେ କିଣିବାକୁ ପଡୁଛି ଖାଉଟିଙ୍କୁ ସେହିସବୁ ଜିନିଷକୁ । ଜିଏସଟି ପୁରା ଶୂନ ପ୍ରତିଶତ କରିଦେଲେ ଯେ, ଲୋକେ ଶସ୍ତାରେ ଜିନିଷ ପାଇବେ ଏଭଳି ଏକ ଆଶା କରିପାରୁନାହାନ୍ତି ଖାଉଟି । କମ୍ପାନୀ ତାହାର ପଣ୍ୟର ଦର ବଢେଇ ଦେଲେ ଜିଏସଟି କମିବାର ପ୍ରଭାବ କ'ଣ ଖାଉଟି ପାଇବେ ? ଦରବୃଦ୍ଧି ଉପରେ ସରକାରଙ୍କ କ'ଣ ଅଙ୍କୁଶ ରହିଛି ?

ବାଲି ଦର ବାଲିଘଟରେ କମିଲେ ଯେ, ବାଲି ଶସ୍ତାରେ ମିଳିବ ଏକଥା ଲୋକେ ଚିନ୍ତା କରିପାରୁନାହାନ୍ତି । ଲୋକେ ତ ଆଉ ନିଜେଯାଇ ବାଲିଘଟରୁ ବାଲି କିଣିବେନି, ସେମାନେ ଟ୍ରକ୍, ଟ୍ରାକ୍ଟର କିମ୍ବା, ହାଇଓ୍ୱା ଉପରେ ହିଁ ନିର୍ଭର କରିବେ । ସବୁବେଳେ ବାଲିଘାଟ ଲିଜ୍‌ଧାରୀ ଏବଂ ଟ୍ରକ/ଟ୍ରାକ୍ଟର ମାଲିକମାନେ ହିଁ ଲାଭବାନ ହୋଇଥାଆନ୍ତି । ଆଉ ଯେଉଁମାନେ ଅଘାଟରୁ ଚୋରାରେ ବାଲି ଉଠାଉଛନ୍ତି ସେମାନେ ତ ସବୁବେଳେ ମାଲେ ମାଲେ । ସେମାନେ କ'ଣ ଗ୍ରାହକଙ୍କୁ ସସ୍ତାରେ ଦେଉଛନ୍ତି ? ତେଣୁ ବାଲିର ଏମ୍‌ଏସପି ଧାର୍ଯ୍ୟ ହେବା ଏବଂ ଇ-ଲଟେରୀ ମାଧ୍ୟମରେ ବାଲିଘାଟକୁ ନିଲାମ କରିଦେଲେ ଯେ ସାଧାରଣ ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇପାରିବ ଏଭଳି ଆଶା କରିପାରୁନାହାନ୍ତି ଲୋକେ ।

ହଁ, ବାଲିର ଏମଏସପି ନିର୍ଦ୍ଧାରଣ କରାଯିବା ସହିତ ଟ୍ରକ/ଟ୍ରାକ୍ଟର ଦର ମଧ୍ୟ ଧାର୍ଯ୍ୟ ହେବା ଜରୁରୀ । କେତେ ଦୂରତାକୁ କେତେ ଟଙ୍କା ।

ସବୁବେଳେ ଦେଖାଯାଏ ଲୋକଙ୍କ ପାଇଁ ସରକାର ଯେଉଁ ସବୁ ସଂସ୍କାର ଆଣନ୍ତି ତାହାର ଲାଭ ଲୋକଙ୍କ ପାଖକୁ ବିବେଶଷ ନଯାଇ, ଯାଏ ବେପାରୀଙ୍କ ପାଖକୁ ।

# ସବୁବେଳେ ଗରିବଙ୍କୁ ଧରିବ...

> ମୁଁ ଆଦୌ ଏ କଥା କହିବାକୁ ଚାହୁଁନାହିଁ ଯେ, ଲୋକଙ୍କର ଆୟ ବଢୁଥାଉ, କିନ୍ତୁ ଜିନିଷପତ୍ରର ଦାମ୍ ସେମିତି ସ୍ଥିର ଥାଉ । ରୋଜଗାର ବଢ଼ିଲେ, ଦାମ୍ ବଢ଼ିବା ଏକ ସ୍ୱାଭାବିକ ପ୍ରକ୍ରିୟା । ତେବେ ଆମ ଦେଶରେ ଲୋକଙ୍କ ରୋଜଗାରରେ ଏତେ ତାରତମ୍ୟତାକୁ ଦେଖିଲେ ସମସ୍ତେ ସବୁ ଜିନିଷ ସମାନୁପାତରେ କିଣିପାରିବେ ନାହିଁ । ତେଣୁ ସରକାରଙ୍କ ପ୍ରଥମ ଦାୟିତ୍ୱ, ଲୋକଙ୍କର କ୍ରୟଶକ୍ତି ବୃଦ୍ଧି କରିବା । କିନ୍ତୁ ଏହି କଥାଟି ନେତାମାନେ କେବେ ବି ଚାହୁଁନାହାନ୍ତି । ସେମାନେ ଭଲଭାବେ ଜାଣନ୍ତି, କ୍ରୟଶକ୍ତି ବଢ଼ିଲେ ଲୋକଙ୍କର ମାନସିକ ଶକ୍ତି ବଢ଼ିବ । ମାନସିକ ଶକ୍ତି ବୃଦ୍ଧି ପାଇଲେ ଭଲ-ମନ୍ଦର ପ୍ରଭେଦ ବୁଝିପାରିବେ ସେମାନେ । ଠକାମିରେ ନପଡ଼ି ଠିକ୍ ଲୋକଙ୍କୁ ଭୋଟ୍ ଦେବେ । ଅବଶ୍ୟ ଦାରିଦ୍ର୍ୟ ଏକ ଆପେକ୍ଷିକ ସାମାଜିକ ସ୍ଥିତି ।

ନଭେମ୍ବର ୨୧ ତାରିଖରେ ଅଢେଇଶ ଗ୍ରାମ୍ କଲରାର ଦାମ୍ ୩୦ ଟଙ୍କା ହେବା ନିଶ୍ଚିତଭାବେ ଏକ ବଡ଼ ଘଟଣା ବୋଲି ମୁଁ ମନେକରେ । ଅବଶ୍ୟ ସରକାର ଦରବୃଦ୍ଧି ପାଇଁ ପ୍ରକୃତିକୁ ଦାୟୀ କରିଛନ୍ତି ।

ଜିନିଷପତ୍ରର ଦାମ୍ କାହିଁକି ବଢ଼ିଲା ସେକଥା ସମସ୍ତେ ଜାଣନ୍ତି । ତଥାପି ଏଥିନେଇ ବିଶେଷ ଆଲୋଚନା ନାହିଁ । ଯେଉଁମାନେ ଆଲୋଚନା କରିବା କଥା ଅର୍ଥାତ୍ ଯୁବଗୋଷ୍ଠୀ, ସେମାନଙ୍କର ଏ ବାବଦରେ ଆଦୌ ଚିନ୍ତା ନାହିଁ । ଚାକିରି ପାଉ ନଥିବାରୁ ଡହଳବିକଳ ହେଉଛନ୍ତି, କିନ୍ତୁ ଦରଦାମ୍ କାହିଁକି ବଢ଼ିଛି ସେ ପ୍ରଶ୍ନ ପଚାରିପାରୁ ନାହାନ୍ତି କି ଏଥିପାଇଁ ସେମାନଙ୍କ ପକ୍ଷରୁ ସଭା ଶୋଭାଯାତ୍ରା କରାଯାଉ ନାହିଁ । ଏବେ ଭିଡ଼ କ୍ରିକେଟ୍ ଖେଳର ଟିକେଟ୍ କାଉଣ୍ଟରରେ । କିଛି ଲୋକ କ୍ରିକେଟ୍ ପାଇଁ ଭୀଷଣ ବ୍ୟାକୁଳ ତ ଆଉ କିଛି ଲୋକ ପାଗଳ !

ଏହି ପରିପ୍ରେକ୍ଷୀରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ନ୍ୟୁଟନ୍‌ଙ୍କର ଦୁଇଟି ନିୟମ କଥା ଭାବିଲେ ଭାରି ବ୍ୟସ୍ତ ଲାଗେ ।

ନ୍ୟୁଟନ୍‌ଙ୍କ ଦ୍ୱାରା ଆବିଷ୍କୃତ ମାଧ୍ୟାକର୍ଷଣ ଶକ୍ତି ସମ୍ପର୍କିତ ନିୟମଟି ଦରବୃଦ୍ଧି କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରିତା ହରାଇଥିବାର ଲକ୍ଷ୍ୟ କରାଯାଏ । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଥିବାରୁ ଏହାର ଆକର୍ଷଣରେ ଉପରକୁ ଉଠୁଥିବା ଯେକୌଣସି ବସ୍ତୁ ନିମ୍ନଗାମୀ ହୁଏ । ଏହି ବିଚାରରେ ଦେଖିଲେ ଜିନିଷପତ୍ରର ଦରବୃଦ୍ଧି କ୍ଷେତ୍ରରେ ଏହି ନିୟମ ଆଦୌ କାର୍ଯ୍ୟ କରୁନାହିଁ । ଦାମ୍ ଉପରକୁ ଉଠୁଛି ସିନା ଆଉ ତଳକୁ ଖସୁନି । ସରକାରୀ ନିୟନ୍ତ୍ରଣରୂପକ ମାଧ୍ୟାକର୍ଷଣ ଶକ୍ତିର ବାହାରକୁ ଚାଲିଯାଇ ଏହା ଏପରି ଏକ ଝୁଲନ୍ତ ଅବସ୍ଥାକୁ ଆସିଯାଇଛି ତାକୁ ଯିଏ ଯେଉଁପରି ଚାହୁଁଛି ସେହିପରି ଝୁଲେଇ ରଖୁଛି । ମହାକାଶରେ ଥିବା ଗ୍ରହ ନକ୍ଷତ୍ର ଭଳି ଏବେ ଏହା ମଣିଷ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି । ଅବଶ୍ୟ, କେହି କେହି ପ୍ରଶ୍ନ କରିପାରନ୍ତି- ବଜାର ଦର କ'ଣ ଗୋଟେ ବସ୍ତୁ ଯେ ସେଥିରେ ମାଧ୍ୟାକର୍ଷଣ ଶକ୍ତି କାମ କରିବ ? କଥାଟା ଠିକ୍ ! କିନ୍ତୁ ଦର ବସ୍ତୁ ହୋଇନଥିଲେ ମଧ୍ୟ ବସ୍ତୁର ଯେ ଏକ ସ୍ଥିତି ତାହା ସହଜରେ କୁହାଯାଇପାରେ । ମଣିଷର ସ୍ଥିତି ଦୋହଲିଗଲେ ସେ ଶାରୀରିକ ଭାବେ ଦୋହଲିଯାଏ ନାହିଁ । ଏହି ନିୟମଟି ଦର ବୃଦ୍ଧି କ୍ଷେତ୍ରରେ ଲାଗୁ ହୋଇପାରେ ବୋଲି ମୁଁ ଭାବେ । ତଥାପି ଛାଡ଼ନ୍ତୁ, ଏହା ବିଜ୍ଞାନସମ୍ମତ ନୁହେଁ । ତେଣୁ ସେ ଆଲୋଚନା ମୁଁ ଆଉ ବେଶୀ କରୁନି ।

ଏବେ ଦ୍ୱିତୀୟ ନିୟମ ବାବଦରେ କିଛି ବିଶ୍ଳେଷଣ –

ନ୍ୟୁଟନ୍‌ଙ୍କର ଏହି ଦ୍ୱିତୀୟ ନିୟମଟି ତାଙ୍କର ତୃତୀୟ ନିୟମ ଭାବେ ଖ୍ୟାତ । ଇଂରାଜୀରେ 'ନ୍ୟୁଟନ୍ସ ଥାର୍ଡ ଲ' ବୋଲି ଯାହାକୁ କୁହନ୍ତି ।

ଏହି ନିୟମ ଅନୁଯାୟୀ, ପ୍ରତିଟି କ୍ରିୟାର ଏକ ଅନୁରୂପ ବିପରୀତ ପ୍ରତିକ୍ରିୟା ରହିଛି ।

ଟିକେ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ଜଡ଼ବସ୍ତୁ ଅପେକ୍ଷା ଏ ନିୟମଟି ମନୁଷ୍ୟ କ୍ଷେତ୍ରରେ ଅଧିକ କାର୍ଯ୍ୟକାରୀ ହେବା କଥା । କାରଣ ମଣିଷର ବିବେକ ଏବଂ ବୁଦ୍ଧି ଥିବାରୁ ପ୍ରତିକ୍ରିୟା ପ୍ରକାଶ କରିବା ତା'ର ସହଜାତ ପ୍ରବୃତ୍ତି । ଏହି କାରଣରୁ ମଣିଷ ଏକ ପ୍ରତିକ୍ରିୟାଶୀଳ ଜୀବ ଭାବେ ପରିଚିତ । ତେଣୁ ନ୍ୟୁଟନ୍‌ଙ୍କର ବିଶ୍ୱପ୍ରସିଦ୍ଧ ଉକ୍ତ ତୃତୀୟ ନିୟମଟି ଭାରତରେ ବସବାସ କରୁଥିବା ମଣିଷଙ୍କ କ୍ଷେତ୍ରରେ ଯେ ଏକବାର୍ ଅକାମି ହୋଇପଡ଼ିଛି ତାହା ସାମ୍ପ୍ରତିକ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ସ୍ଥିତିକୁ ଅନୁଧ୍ୟାନ କଲେ ଯେକେହି ସହଜରେ ଜାଣିପାରିବେ । ବିଶେଷକରି ଦରବୃଦ୍ଧି କ୍ଷେତ୍ରରେ ଏହି ନିୟମଟି ସମ୍ପୂର୍ଣ୍ଣ ଭାବେ ଅକାମି ହୋଇପଡ଼ିଛି ।

ସାମ୍ପ୍ରତିକ ଦରବୃଦ୍ଧିର ଭୟାବହତାକୁ ଲକ୍ଷ୍ୟକଲେ ବେଶ୍ ଜଣାଯାଉଛି ଯେ, ଲୋକଙ୍କଠାରେ ପ୍ରତିକ୍ରିୟା ପ୍ରକାଶ କରିବାର ଏହି ସହଜାତ ପ୍ରବୃତ୍ତିଟି ବୋଧେ ଲୋପ ପାଇଗଲାଣି । ଆମର ଲୋକପ୍ରିୟ ସରକାର ଏବଂ ପ୍ରିୟ ବ୍ୟବସାୟୀ ଭାଇଙ୍କ ଯୌଥ ଉଦ୍ୟମରେ ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଦରବୃଦ୍ଧି ପ୍ରକ୍ରିୟା ଅବ୍ୟାହତ ରହିଥିଲେ ହେଁ ଏଥିପ୍ରତି ଜନସାଧାରଣଙ୍କ ଉଦାସୀନତା ନ୍ୟୁଟନ୍‌ଙ୍କ ତୃତୀୟ ନିୟମ ପ୍ରତି ଏକ ଶକ୍ତ ଉପହାସ ଭଳି ଲାଗେ ।

ମାଧ୍ୟାକର୍ଷଣ ସମ୍ପର୍କିତ ନିୟମଟି ହୁଏତ ଜଡ଼ ବସ୍ତୁ ପ୍ରତି ପ୍ରଯୁଜ୍ୟ ହୋଇପାରେ, କିନ୍ତୁ ବିବେକ ବୁଦ୍ଧିସମ୍ପନ୍ନ ତଥା ପ୍ରତିକ୍ରିୟାଶୀଳ ମଣିଷ କ୍ଷେତ୍ରରେ ନ୍ୟୁଟନ୍‌ଙ୍କ ତୃତୀୟ ନିୟମଟି କାର୍ଯ୍ୟକାରୀ ନହେବା ଏକ ବିସ୍ମୟଜନକ ବ୍ୟାପାର ନୁହେଁ କି ?

ଏଭଳି ଏକ ସ୍ଥିତିରେ ରାଜନୈତିକ ଦଳମାନଙ୍କର ଭୋଟ୍ ହାସଲ କୌଶଳକୁ ଟିକେ ତନେଇ ଦେଖିଲେ ଏମାନେ ଯେ ବ୍ୟବସାୟୀଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି ଏହା ନିଃସନ୍ଦେହରେ କୁହାଯାଇପାରିବ । ବ୍ୟବସାୟୀମାନେ ଜିନିଷ ବିକ୍ରି କରିବା ପୂର୍ବରୁ ଗରାଖଙ୍କୁ ଅନେକ ପ୍ରକାରର ପ୍ରଲୋଭନ ଦେଖାନ୍ତି । ପ୍ରଥମେ ନିଜଆଡୁ ଗରାଖଙ୍କ ପାଖରେ ପହଞ୍ଚନ୍ତି । ନିଜ ସଂସ୍ଥାର ଜିନିଷ କିଣିବାକୁ ଅନୁରୋଧ କରନ୍ତି । ବେଳେ ବେଳେ ଚାପ ସୃଷ୍ଟି କରନ୍ତି । ଏହି ପ୍ରକ୍ରିୟାରେ ଅନେକ ପ୍ରକାରର ପ୍ରଲୋଭନ ଏବଂ ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥାଏ । କେଉଁଠି ଆକର୍ଷଣୀୟ ଡିସ୍‌କାଉଣ୍ଟ ତ ଆଉ କେଉଁଠି ବିକ୍ରି ପରବର୍ତ୍ତୀ ଦୀର୍ଘମିଆଦୀ ସେବା ଏବଂ ୱାରେଣ୍ଟି । ପୁଣି କେଉଁଠି ବିକ୍ରିଯୋଗ୍ୟ ପଦାର୍ଥ ସହିତ କେତୋଟି ଆକର୍ଷଣୀୟ ନିତିଦିନିଆ ବ୍ୟବହାରଯୋଗ୍ୟ ବସ୍ତୁ । ଏଥିସହିତ ସୁଲଭ ସୁଧରେ କିମ୍ବା ଶୂନ୍ ସୁଧରେ ବ୍ୟାଙ୍କ ଋଣ ବ୍ୟବସ୍ଥା ! ଜିନିଷ ବିକ୍ରି କରୁଥିବା କମ୍ପାନୀର ଋଣ ଯୋଗାଣ କ୍ଷେତ୍ରରେ ସବୁ ପ୍ରକାରର ସହଯୋଗ । ଏଥିସହିତ ରହିଛି, ଜିନିଷ କିଣିବା ବାବଦରେ ଏକାଧିକବାର ମୋବାଇଲ୍ ଫୋନ୍‌ରେ ଅନୁରୋଧ ଏବଂ ସ୍ଥଳବିଶେଷରେ ଘରକୁ ଆସି ଡେମୋ ପ୍ରଦର୍ଶନ ।

କିନ୍ତୁ ଯେମିତି ଆପଣ ଜିନିଷଟି କିଣି ତାଙ୍କ ହାତକୁ ଟଙ୍କା ବଢ଼େଇ ରସିଦ୍ ନେଇଆସିବେ ତା' ପର ପର୍ଯ୍ୟାୟରେ ସେମାନେ ଯେପରି ବ୍ୟବହାର ଦେଖାଇବେ ସେଥିରେ ଆପଣଙ୍କର ନିଜ ଉପରୁ ବିଶ୍ୱାସ ତୁଟିଯିବ । ଆପଣ ଭାବିବେ-ମୁଁ ସେଇ ଲୋକ ଯିଏ ନିଜ ସ୍ତ୍ରୀ କଥାରେ କେବେ ପ୍ରଭାବିତ ହୋଇନି, ସିଏ ଏଇ ବେପାରୀଙ୍କ ଜାଲରେ ଛନ୍ଦି ହୋଇଗଲା ! ଜିନିଷ କିଣିସାରିଲା ପରେ ବିକ୍ରି କରିଥିବା ଲୋକ ମୁହଁରୁ ହଠାତ୍ ସ୍ମିତହାସ ଉଭେଇଯାଇ ଅନାବଶ୍ୟକ ଗାମ୍ଭୀର୍ଯ୍ୟ ଦେଖିବାକୁ ମିଳିବ ! ଟିକେ ମନେପକାନ୍ତୁ, ଠିକ୍ ଏଇ ଢଙ୍ଗରେ ସରକାର ଗଢୁଥିବା ଲୋକେ ସ୍ମିତହସି ଭୋଟ୍ ହାତେଇ ନିଅନ୍ତିନାହିଁ କି?

ଏବେ ଭୋଟ୍‌ଦାତା ସରକାରଙ୍କ ମୁହଁକୁ ଚାହିଁଲା ବେଳେ ତାଙ୍କ ମୁଖମଣ୍ଡଳରେ ଅସ୍ୱାଭାବିକ ବେଖାତିର ଭାବ- ଏବେ ତମେମାନେ ଚାହିଁଲେ ବି ଆମର କିଛି ତାଡ଼ି ପାରିବନି !

ଛୋଟ ନଜିର୍ ସହିତ ଏଇ ପ୍ରସଙ୍ଗ ସାଙ୍ଗ କରିବି । ଏଇ ଅନୁଭୂତି ବଡ଼ ବଡ଼ ସହରରେ ରହୁଥିବା ଲୋକଙ୍କ ଅପେକ୍ଷା ଛୋଟ ସହର କିମ୍ବା ଗ୍ରାମାଞ୍ଚଳର ରହୁଥିବା ଲୋକଙ୍କର ଅଧିକ ଥିବ । ଦେଖିବେ, ଭୋଟ୍ ଚାଲୁଥିବାକାଳୀନ ଲୋଡ୍‌ସେଡିଂ ଜମା ନଥିବ । ଦିନ-ରାତି ସମାନ ! ଉଜ୍ଜ୍ୱଳ ! ଯେମିତି ଭୋଟ୍ ସରିଯିବ, ଅନ୍ଧାର ମାଡ଼ିଆସିବ ! ତା'ପରଠାରୁ ନିୟମିତ ବିଜୁଳିକାଟ୍ ! ସେମାନେ ଭଲଭାବେ ଜାଣନ୍ତି, ଲୋକେ ପୂର୍ବରୁ ଏଥିରେ ଅଭ୍ୟସ୍ତ ! ତେଣୁ ବରଦାସ୍ତ କରିପାରିବେ । ପ୍ରତିବାଦର ସ୍ୱର ଯଦି ଉଠିବ, ସରକାରଙ୍କ ବିରୋଧୀ ଲୋକେ ଏ କାମ କରିବେ । ଲୋକଙ୍କ ପାଖରେ ପ୍ରତିବାଦ କରିବା ପାଇଁ ସମୟ କାଇଁ ? ସେମାନେ ପେଟପାଟଣାରେ ବ୍ୟସ୍ତ ! ତା'ଛଡ଼ା ବଜାର ଦର ସେମାନଙ୍କୁ ଆହୁରି ବ୍ୟସ୍ତ କରିପକାଇଛି । ଏଇ ବ୍ୟସ୍ତତା ଭିତରେ ପୁଣି କେତେବେଳେ ଭୋଟ୍ ଚାଲିଆସିଥିବ ଆଦୌ ଜାଣିହେବ ନାହିଁ !

ମୁଁ ଆଦୌ ଏ କଥା କହିବାକୁ ଚାହୁଁନାହିଁ ଯେ, ଲୋକଙ୍କର ଆୟ ବଢୁଥାଉ, କିନ୍ତୁ ଜିନିଷପତ୍ରର ଦାମ୍ ସେମିତି ସ୍ଥିର ଥାଉ । ରୋଜଗାର ବଢ଼ିଲେ, ଦାମ୍ ବଢ଼ିବା ଏକ ସ୍ୱାଭାବିକ ପ୍ରକ୍ରିୟା । ତେବେ ଆମ ଦେଶରେ ଲୋକଙ୍କ ରୋଜଗାରରେ ଏତେ ତାରତମ୍ୟତାକୁ ଦେଖିଲେ ସମସ୍ତେ ସବୁ ଜିନିଷ ସମାନୁପାତରେ କିଣିପାରିବେ ନାହିଁ । ତେଣୁ ସରକାରଙ୍କ ପ୍ରଥମ ଦାୟିତ୍ୱ, ଲୋକଙ୍କର କ୍ରୟଶକ୍ତି ବୃଦ୍ଧି କରିବା । କିନ୍ତୁ ଏହି କଥାଟି ନେତାମାନେ କେବେ ବି ଚାହୁଁନାହାନ୍ତି । ସେମାନେ ଭଲଭାବେ ଜାଣନ୍ତି, କ୍ରୟଶକ୍ତି ବଢ଼ିଲେ ଲୋକଙ୍କର ମାନସିକ ଶକ୍ତି ବଢ଼ିବ । ମାନସିକ ଶକ୍ତି ବୃଦ୍ଧି ପାଇଲେ ଭଲ-ମନ୍ଦର ପ୍ରଭେଦ ବୁଝିପାରିବେ ସେମାନେ । ଠକାମିରେ ନପଡ଼ି ଠିକ୍ ଲୋକଙ୍କୁ ଭୋଟ୍ ଦେବେ । ଅବଶ୍ୟ ଦାରିଦ୍ର୍ୟ ଏକ ଆପେକ୍ଷିକ ସାମାଜିକ ସ୍ଥିତି । ବର୍ଷକୁ ୧୦କୋଟି ରୋଜଗାର କରୁଥିବା ଲୋକ ନିକଟରେ ବର୍ଷକୁ ୧୦ଲକ୍ଷ ରୋଜଗାର କରୁଥିବା ବ୍ୟକ୍ତି ଅପେକ୍ଷାକୃତ ଭାବେ ଦରିଦ୍ର । ତେଣୁ ଦାରିଦ୍ର୍ୟ ଦୂରୀକରଣ ଏକ ଦୁରୂହ ବ୍ୟାପାର । କିଛି ଲୋକଙ୍କର ଆୟ ସାଂଘାତିକ ଭାବେ ବୃଦ୍ଧି ପାଉଛି, ହେଲେ ଦରିଦ୍ରଙ୍କ ସଂଖ୍ୟା ଆନୁପାତିକ ଭାବେ ହ୍ରାସ ପାଉ ନାହିଁ । ମୁଁ ଆଗରୁ ଅନେକବାର କହିଛି- ଦରିଦ୍ରଙ୍କ ସଂଖ୍ୟା କମିଗଲେ ରାଜନୈତିକ ଦଳଗୁଡ଼ିକର ଭୋଟ୍ ପ୍ରତିଶତ କମିଯିବା ସମ୍ଭାବନା ଯଥେଷ୍ଟ ରହିଛି । ତେଣୁ ଦରିଦ୍ର ଦରିଦ୍ର ହୋଇଥିଲେ ଦଳ ପାଇଁ ଭଲ ।

ଆମ ଦେଶର ସବୁ ରାଜନୈତିକ ଦଳର ବଡ଼ପଣ୍ଡାମାନଙ୍କର ଭୋଟ୍ ହାସଲ କୌଶଳ ଏବଂ ଆଭିମୁଖ୍ୟ ପ୍ରାୟ ଏକାଭଳି । ଏମାନଙ୍କର ସେଇ ଗୋଟିଏ କୌଶଳ- ସବୁବେଳେ ଗରିବଙ୍କୁ ଧରିବ ! ତା'ହେଲେ ନିର୍ବାଚନ ବୈତରଣୀ ପାରି ହେବ !!

## ସତ କହିବା ପାଇଁ ସତ୍ସାହସ ଦରକାର




ମହାଶୟ,

'ସତ କହିବା ପାଇଁ ସତ୍ସାହସ ଦରକାର' ଆଲେଖ୍ୟଟି ବେଶ ମନକୁ ଛୁଇଁଲା । ଆପଣ ଉଚିତ୍ କଥା କହିଛନ୍ତି । ଯାହାର ପାଇବାର ଆଶା ନଥାଏ କି ହରାଇବାର ଆଶଙ୍କା ନଥାଏ ସେ ହିଁ ଏକା ସତ କହିପାରେ । ସତ କହିବାକୁ ଗଲେ ଏ ଦୁନିଆରେ ଯିଏ ସତ୍ୟ ନିଷ୍ଠାରେ ଥାଏ ତା' ଜୀବନରେ ବହୁତ ଝଡଝଞ୍ଜା ଆସେ । ତାକୁ ଅନେକ କଷ୍ଟ ସହିବାକୁ ପଡେ ତଥାପି ସେ ସତ୍ୟ ପଥରୁ କେବେ ବିଚ୍ୟୁତ ହୁଏନାହିଁ । ସତ୍ ମାର୍ଗ ଯୋଗୁଁ ହିଁ ଜୀବନର ସୁନ୍ଦର ସରଣୀ ସୁଖମୟ ହୁଏ । ସୁବିଧାବାଦୀ ଓ ସ୍ୱାର୍ଥପର ଲୋକ ଅନ୍ୟକୁ ନିଚା ଦେଖାଇ ମିଥ୍ୟାକୁ ଆଶ୍ରା/ସାହାରା କରି ଆଗକୁ ବଢ଼ି ଥାଆନ୍ତି ସତ କିନ୍ତୁ ପ୍ରକୃତ ସତ୍ୟ ଯେତେବେଳେ ସାମ୍ନାକୁ ଆସିଯାଏ ତା'ର ମୁକାବିଲା କରିପାରନ୍ତି ନାହିଁ ଏପରିକି ସେଇ ମିଥ୍ୟାବାଦୀ ଭ୍ରଷ୍ଟାଚାରୀ ଲୋକର ମିଥ୍ୟା ମନ୍ତବ୍ୟରେ ଯେଉଁମାନେ ପ୍ରଭାବିତ ହୋଇ ତାକୁ ସହଯୋଗ କରିଥାନ୍ତି ସେମାନଙ୍କର ମଧ୍ୟ ସତ୍ୟ ନିକଟରେ ଅକଲ ଗୁଡୁମ୍ ହୋଇଯାଏ । ମିଛ ଲୋକଟି ଛଳନା କପଟର ଅଭିନୟ କରି ଯେଉଁ ପ୍ରଶଂସା ସାଉଁଟିଥାଏ ତାହା ଅଚିରେ ଧୂଳିସାତ୍ ହୋଇଯାଏ । ବିଳମ୍ବ ହେଲେ ମଧ୍ୟ ସତ୍ୟ ସର୍ବଦା ବିଜୟ ଲାଭ କରେ ।

**ବୀଣାପାଣି ଚୌଧୁରୀ,**
ଭୁବନେଶ୍ୱର

ମହାଶୟ,

ସତ କହିବା ଲୋକ କଳିଯୁଗରେ କମ । ସତ କହିବାକୁ ସାହାସ ଦରକାର । ଲେଖାଟି ସମୟୋପଯୋଗୀ । ଧନ୍ୟବାଦ ।

**ନୀଳ ମୋହନ ତ୍ରିପାଠୀ,**
ପୋଲିସ ଅଧିକାରୀ, ଭୁବନେଶ୍ୱର

ମହାଶୟ,

ସତ୍ୟ କହିବା ପାଇଁ ନିଶ୍ଚିତ ଭାବରେ ସତ୍ ସାହସ ଦରକାର । କୌଣସି ପ୍ରକାର ଅନ୍ୟାୟକୁ ବରଦାସ୍ତ କରି ନ ପାରୁଥିବା ବ୍ୟକ୍ତି ସତ୍ୟବାଦୀ, ପରୋପକାରୀ ଓ ନିର୍ଭୀକ ହୋଇଥାନ୍ତି । ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଅତ୍ୟନ୍ତ ପବିତ୍ର । ସତ୍ୟ ପଥରେ ଯିବା ଜଟିଳ ହୋଇପାରେ, କିନ୍ତୁ ଏହା ବ୍ୟକ୍ତିକୁ ଆତ୍ମ ସନ୍ତୋଷ ପ୍ରଦାନ କରି ଥାଏ । ଶିକ୍ଷାବିତ ଓ ଧର୍ମପ୍ରାଣା ମହିଳା ସମର୍ପିତ ବ୍ୟକ୍ତିଙ୍କ ସମ୍ପର୍କୀୟ ହୋଇ ନ ଥିଲେ ବି ସେମାନେ ସତ୍ୟର ପୂଜାରୀ ଥିଲେ । ତେଣୁ ମିଥ୍ୟାଚାରୀଙ୍କୁ ବିରୋଧ କରିବା ସେମାନଙ୍କ ପାଇଁ ସ୍ୱତଃସ୍ଫୂର୍ତ୍ତ ଥିଲା । ସତ କଥା ହେଉଛି, ନ୍ୟାୟ ଓ ଧର୍ମ ପଥରେ ଥିବା ସମର୍ପିତ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ସବୁ ସମୟରେ ଏହିପରି ସତ୍ୟପ୍ରିୟ ବ୍ୟକ୍ତିଙ୍କ ଆବିର୍ଭାବ ହୋଇଥାଏ ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

# ଆମେ କ'ଣ ନିଇତି ବିଷ ଖାଉଛୁ?



ଢିଙ୍କି ମହାକାଳି ଚକ୍ଲି

**ସମରେନ୍ଦ୍ର ବଳିଆରସିଂହ**

ବଞ୍ଚିବା ପାଇଁ ଖାଦ୍ୟ । ଶରୀରର ସୁସ୍ଥତା ଓ ପୌଷ୍ଟିକତା ପାଇଁ ସୁଷମ ଖାଦ୍ୟପଦାର୍ଥ ଅତ୍ୟନ୍ତ ଜରୁରି । ପୂର୍ବେ ଆମେ ଫଳମୂଳ ଭଳି ପ୍ରାକୃତିକ ଖାଦ୍ୟସାମଗ୍ରୀ ସହ ଘରେ ରାନ୍ଧି ଖାଉଥିଲେ । ଧୀରେ ଧୀରେ ହୋଟେଲ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା ବିକଶିତ ହେଲା । ବହୁଦିନ ଧରି ପ୍ୟାକେଟ୍ ଭିତରେ ସଂରକ୍ଷିତ ରହୁଥିବା ରନ୍ଧାଖାଦ୍ୟ ବି ବଜାରରେ ମିଳିଲା । ବଜାରୀକରଣ ଆମକୁ କବଳିତ କଲା । ପାରମ୍ପରିକ କୃଷିକାର୍ଯ୍ୟ ବି ହ୍ରାସ ପାଇଲା । ଏବର ପରିସ୍ଥିତି ଏଭଳି ଯେ, ଘରେ ରାନ୍ଧି ଖାଇବାକୁ ଆମ ପାଖରେ ସମୟ ନାହିଁ, କାର୍ଯ୍ୟବ୍ୟସ୍ତତା ଯୋଗୁଁ ଘରେ ଖାଇବା ସମ୍ଭବ ହେଉନାହିଁ କିମ୍ବା ଘର ରନ୍ଧା ଖାଦ୍ୟ ଖାଇବା ପୁରୁଣାକାଳିଆ..ଏଇଭଳି ମାନସିକତା ଭିତରେ ଆମେ ବଞ୍ଚିଛୁ । କିଛି ମାସ ତଳର 'ମ୍ୟାଗୀ ବିବାଦ' ଆମ ବିଶ୍ୱାସକୁ ଆହୁରି ଦୋହଲେଇଦେଇଛି । ବିଶ୍ୱାସର ମୂଳରେ ଯେ ବିଷ ଥିଲା, ଆମେ ଏତେବର୍ଷ ଧରି କେମିତି ଜାଣିପାରୁନଥିଲୁ । ମ୍ୟାଗୀ କଥା ଛାଡନ୍ତୁ, ଏବେ ବଜାରରେ ମିଳୁଥିବା ପନିପରିବା, ଫଳ ତଥା ପ୍ୟାକେଟ୍ ଖାଦ୍ୟ ସାମଗ୍ରୀ ପ୍ରାୟ ଭେଜାଲ । ସେବୁକୁ ଅଧିକ ଆକର୍ଷଣୀୟ ତଥା ବାସନାଯୁକ୍ତ କରି ଦୀର୍ଘ ଦିନ ପର୍ଯ୍ୟନ୍ତ ରଖିବା ପାଇଁ ସ୍ୱତନ୍ତ୍ର ପ୍ରକାର ରଙ୍ଗର ପ୍ରୟୋଗ କରାଯାଉଛି । ଏହା ପ୍ରାକୃତିକ ରଙ୍ଗକୁ ପରିବର୍ତ୍ତିତ କରିଦେବା ସହିତ ରଙ୍ଗହୀନ ଖାଦ୍ୟକୁ ରଙ୍ଗୀନ କରାଉଛି । ଏଥିରେ କୃତ୍ରିମ ସ୍ୱାଦ, ରୂପ ଓ ବାସ୍ନା ସୃଷ୍ଟି କରିବା ପାଇଁ ଆଡିଟିଭ୍ ବ୍ୟବହାର କରାଯାଉଛି । ଫଳର ପ୍ରାକୃତିକ ରଙ୍ଗ କିମ୍ବା ସବୁଜ ସ୍ଥାନକୁ ଲୁଚାଇବା ପାଇଁ ସାଇଟ୍ରସ୍ ରେଡ୍ ନଂ-୨ ରଙ୍ଗ ବ୍ୟବହାର କରାଯାଏ । ଏହି ରଙ୍ଗ ମଧ୍ୟରୁ ବିଟା କ୍ୟାରୋଟିନ୍, ଅଙ୍ଗୁର ଚୋପାରୁ ସଂଗୃହୀତ ରସ, ଅମୃତ ଭଣ୍ଡାର ନିର୍ଯ୍ୟାସ, ହଳଦୀ, ଜାଫ୍ରାନ୍, କେଶର ଓ ଲାଲ୍ ଲଙ୍କା ରଙ୍ଗ ଯଦିଓ ପ୍ରାକୃତିକ, ତେବେ ରାସାୟନିକ ରଙ୍ଗ ଅପେକ୍ଷାକୃତ ସହଜ ଓ ଶସ୍ତା ହୋଇଥାଏ । ଜଲଦି ଫଳକୁ ପଚେଇବା ପାଇଁ ଆଉ ତାହା ନ ପଚିବା ପାଇଁ କ୍ୟାଲସିୟମ କାର୍ବାଇଡ୍ ଆଉ ପରିବା ସବୁଜ ଓ ତାଜା ଦିଶିବା ପାଇଁ କପର ସଲଫେଟ୍ ବ୍ୟବହାର କରାଯାଉଛି । ଏହି ରାସାୟନିକଗୁଡ଼ିକ ବେଶ୍ ଶସ୍ତା, କିନ୍ତୁ ଶରୀର ପାଇଁ ଅତ୍ୟନ୍ତ ସାଂଘାତିକ । ପାରମ୍ପରିକ ଓ ପ୍ରାକୃତିକ ପଦ୍ଧତିରେ ଚାଷବାସ ନକରି ବିଭିନ୍ନ କୀଟନାଶକ ଓ ସାରର ବହୁଳ ବ୍ୟବହାର ଆମ ଖାଦ୍ୟଶସ୍ୟକୁ ବିଷମୟ କରିଦେଇଛି । ଅତ୍ୟଧିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ଉତ୍ପାଦିତ ହେଉଥିବା ଚାଉଳ ଓ ଗହମରେ ଡିଡିଟି, ଏଚସିଏସ୍ ଓ ଆର୍ସେନିକ୍ ଭଳି ବିଷ ରହିଛି । ଅପମିଶ୍ରିତ ଡାଲିରେ ବି ରହିଛି ବିଷାକ୍ତ ଏଚସିଏସ୍ । କ୍ଷୀରରେ ପାଣି ମିଶାଇବା ପୁରୁଣାକାଳିଆ ହେଲାଣି । ଏବେ କ୍ଷୀରକୁ ବହଳିଆ କରିବାକୁ ସର୍ଫଗୁଣ୍ଡ ମିଶାଯାଉଛି । କେବଳ ସେତିକି ନୁହେଁ, ଏଥିରେ ୟୁରିଆ, କଷ୍ଟିକ୍ ସୋଡା, ତୈଳଜାତୀୟ ଡିଟରଜେଣ୍ଟ, ସୋଡିୟମ ସଲଫେଟ୍, କାଷ୍ଟର ଅଏଲ, ଧଳାରଙ୍ଗ ଆଦି ମିଶାଯାଉଛି । ଦୁର୍ଭାଗ୍ୟର କଥା, ଆମ ଦେଶରେ ବ୍ୟବହୃତ ହେଉଥିବା କୀଟନାଶକର ୪୦ ପ୍ରତିଶତ ହେଉଛି ମାରାତ୍ମକ ବିଷ । ଏହି ପ୍ରକ୍ରିୟାରେ ଡିଡିଟି, ଲିଣ୍ଡେନ, ଆଲଡ୍ରିନ୍, ଏଣ୍ଡେସଲଫେନ, ଡାଏଲଡ୍ରିନ୍, ପାରାଥିଅନ୍, ମାଲାଥିଆନ୍, ଟିଇପିପି, ଟକ୍ସାଫୋନ, ମନୋକ୍ରେଟୋଫଓ, ଫୋରେଟ୍, 'ସଫାମିଡନ, ଇଥେନ ଓ ଡାଇମିଥାଏଟ୍' ଆଦି କୀଟନାଶକ ଆମ ଶରୀର ଭିତରକୁ ପ୍ରବେଶ କରିଥାଏ ।

କେତେକ ରଙ୍ଗ ବିଷାକ୍ତ ଖଣିଜ ଓ ଧାତୁ ଭିତ୍ତିକ ଯୌଗିକରୁ ପ୍ରସ୍ତୁତ ହୋଇଥାଏ । ରାସାୟନିକ ରଙ୍ଗଗୁଡ଼ିକ ମଧ୍ୟରୁ ଅଧିକାଂଶ ଅନ୍‌ଲାଇନ୍ ନାମକ ପେଟ୍ରୋଲିୟମ୍ ଉତ୍ପାଦରୁ ପ୍ରସ୍ତୁତ ହୋଇଥାଏ । ଏହି ଉତ୍ପାଦ ବହୁତ ବିଷାକ୍ତ । ଏହାକୁ କେବଳ ବସ୍ତ୍ର ଇତ୍ୟାଦି ରଙ୍ଗେଇବା ପାଇଁ ବ୍ୟବହାର କରାଯାଏ, ମାତ୍ର ଅନେକ ଏଥିରେ ଖାଦ୍ୟ ସାମଗ୍ରୀକୁ ରଙ୍ଗଉଛନ୍ତି । ରାସାୟନିକ ରଙ୍ଗ ଟାଟ୍ରାଜାଇନ୍ ବା ଇ-୧୦୨କୁ ବିଭିନ୍ନ ପ୍ରକାର ପାନୀୟ, ମିଷ୍ଟାନ୍ନ, ଜାମ୍, ଖାଦ୍ୟଶସ୍ୟ, ସ୍ନାକ୍ସ, ଡବାମାଛ, ପ୍ୟାକେଟ୍ ସୁପ୍ ଆଦିରେ ବ୍ୟବହାର କରାଯାଉଛି । ଏହାର ପ୍ରଭାବରେ ଶ୍ୱାସ ରୋଗ ଓ ଶିଶୁମାନଙ୍କର କାଛୁ କଣ୍ଡିଆ ରୋଗ ଆଶଙ୍କା ଦେଖାଦେଇଥାଏ । ଏହାଛଡ଼ା ଗଳଗ୍ରନ୍ଥି ଟ୍ୟୁମର, ଗୁଣସୂତ୍ରର କ୍ଷତି, ଚର୍ମ କୁଣ୍ଡାଇ ହୋଇ ଫଳିଯିବା ପରି ଉପସର୍ଗ ମଧ୍ୟ ଦେଖାଦେଇପାରେ । ଔଷଧ ପାଇଁ ବ୍ୟବହୃତ କରାଯାଉଥିବା କ୍ୱିନୋଲୋନ୍ ୟେଲୋ (ଇ-୧୦୪) ଦ୍ୱାରା ଚର୍ମ ପ୍ରଦାହ ରୋଗ ହୋଇଥାଏ । ମୃଦୁ ପାନୀୟକୁ ହଳଦିଆ ରଙ୍ଗ କରିବା ପାଇଁ ଯେଉଁ ୟେଲୋସେଭେନ୍ ଇ (ଇ-୧୦୭) ବ୍ୟବହାର କରାଯାଏ, ତାହା ଶ୍ୱାସ ପୀଡିତଙ୍କୁ ଆଲର୍ଜି ପ୍ରତିକ୍ରିୟା କରାଇବାର ଆଶଙ୍କା ସୃଷ୍ଟି କରାଇଥାଏ । ସନ୍‌ସେଟ୍ ୟେଲୋ, ଏଫ୍‌ସିଏଫ୍ ଏବଂ ଅରେଞ୍ଜ୍ ୟେଲୋ ଏସ୍ (ଇ-୧୧୦)କୁ ଖାଦ୍ୟ ପଦାର୍ଥ, ମିଷ୍ଟାନ୍ନ, ସ୍ନାକ୍ସ, ଆଇସ୍‌କ୍ରିମ୍, ପାନୀୟ ଏବଂ କେତେଗୁଡ଼ିଏ ଔଷଧ ରଙ୍ଗେଇବା କାର୍ଯ୍ୟ ପାଇଁ ବ୍ୟବହାର କରାଯାଇଥାଏ । ଏଭଳି ଖାଦ୍ୟ ପଦାର୍ଥର ବ୍ୟବହାର ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟା ସ୍ୱରୂପ ଚର୍ମ କୁଣ୍ଡାଇ ହୋଇ ଫଳିଯିବା, ନାକରୁ ପାଣି ବୋହିବା, ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ, ଆଲର୍ଜି, କିଡ୍‌ନୀ ଟ୍ୟୁମର, ଗୁଣସୂତ୍ର କ୍ଷତି, ତଳିପେଟ ଯନ୍ତ୍ରଣା, ମନଇଛା ବାନ୍ତି ଓ ଅଜୀର୍ଣ୍ଣ ରୋଗ ଇତ୍ୟାଦି ଦେଖାଦିଏ । ବିଭିନ୍ନ ପ୍ରକାର ମିଷ୍ଟାନ୍ନ ଓ ଜେଲି କ୍ରିଷ୍ଟାଲ୍‌କୁ ଲାଲ୍ କରିବା ପାଇଁ ଆଜୋରୁବାଇନ୍ ଓ କାର୍ମୋଇସିନ୍ (ଇ-୧୨୨) ବ୍ୟବହାର କରାଯାଏ । ଏହି ରାସାୟନିକ ରଙ୍ଗ ଉପାଦାନ କୋଇଲାର ଆଲ୍‌କାତରାରୁ ମିଳିଥାଏ । ଏହା ଆସ୍ପିରିନ୍ ଏଲର୍ଜି ଥିବା ରୋଗୀ ତଥା ଶ୍ୱାସରୋଗୀଙ୍କ ପାଇଁ କ୍ଷତିକାରକ । ଏକ ପ୍ରକାର ଛୋଟ ବୁଦାଳିଆ ଗଛର ଫୁଲରୁ ପ୍ରସ୍ତୁତ ହେଉଥିବା ଆମାରାନ୍ଥ (ଇ-୧୨୩) ପ୍ରୟୋଗ ଦ୍ୱାରା ଶ୍ୱାସ, ବିଇଂଚି ଆଦି ରୋଗ ବୃଦ୍ଧି ପାଇଥାଏ । ରାସାୟନିକ ରଙ୍ଗ କର୍କଟ ରୋଗ, ବିକଳାଙ୍ଗ ଶିଶୁ ଓ ଗର୍ଭସ୍ଥ ଶିଶୁ ମୃତ୍ୟୁର କାରଣ ବି ହୋଇପାରେ । ଆଲୁରା ରେଡ୍ ଏ.ସି. (ଇ୧୨୯) -ନାରଙ୍ଗୀ ଓ ଲାଲ୍ ମିଶ୍ରିତ ଏହି ରଙ୍ଗକୁ ମିଠା, ପାନୀୟ, ଆଚାର ଓ ଔଷଧ ରଙ୍ଗେଇବା ପାଇଁ ବ୍ୟବହାର କରାଯାଏ । ପୋନ୍‌ସେ ୪ ଆର୍ ଏବଂ କୋଚିନିୟଲ୍ ରେଡ୍ ଏ (ଇ-୧୨୭) ରାସାୟନିକକୁ କୋଇଲାର ଆଲ୍‌କାତରାରୁ ପ୍ରସ୍ତୁତ କରାଯାଏ । ଏହାର ପ୍ରଭାବରୁ କର୍କଟ ରୋଗର ଆଶଂକା ଦେଖାଦେଇଥାଏ । ଇଣ୍ଡିଗୋର୍ଟେନ୍ ବା ଇଣ୍ଡିଗୋକାମାଇନ୍ (ଇ-୧୩୨) ରାସାୟନିକକୁ ସାଧାରଣତଃ ଆଇସ୍‌କ୍ରିମ୍, ମିଷ୍ଟାନ୍ନ, ସେକା ପଦାର୍ଥ ଓ ବିସ୍କୁଟ୍ ଇତ୍ୟାଦିକୁ ରଙ୍ଗ କରାଇବା ପାଇଁ ବ୍ୟବହାର କରାଯାଇଥାଏ । ଏହା ମଧ୍ୟ କୋଇଲା ଆଲ୍‌କାତରାରୁ ପ୍ରସ୍ତୁତ କରାଯାଇଥାଏ । ଏହାର ପ୍ରଭାବରେ ବମନ ପ୍ରବଣତା, ବାନ୍ତି, ଚର୍ମରୋଗ, ଉଚ୍ଚ ରକ୍ତଚାପ, ଶ୍ୱାସ କଷ୍ଟ ଓ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଥାଏ । ଗ୍ରୀନ୍ ଏସ୍ (ଇ-୧୪୨)ଯୁକ୍ତ ଖାଦ୍ୟ ପଦାର୍ଥ ଦ୍ୱାରା ଏହିଭଳି ପାର୍ଶ୍ୱ ପ୍ରତିକ୍ରିୟା ହେଉଥିବାର ଦେଖାଯାଏ । ବ୍ରିଲିଆ ବ୍ଲାକ୍ ପି.ଏନ୍. (ଇ-୧୫୧) ହେଉଛି କଳାରଙ୍ଗର ଏକ ବର୍ଣ୍ଣକଣିକା, ଯାହାକି ଆଲ୍‌କାତରାରୁ ପ୍ରସ୍ତୁତ କରାଯାଇଥାଏ । ଏହି ରାସାୟନିକକୁ ବ୍ରାଉନ୍ ସସ୍, କିସ୍‌ମିସ୍, କଳାରଙ୍ଗର କୋଳି ବା କେକ୍ ମିକ୍ସେସ୍ ଇତ୍ୟାଦି ରଙ୍ଗେଇବା ପାଇଁ ପ୍ରୟୋଗ କରାଯାଏ ।

ଆଲ୍‌କାତରାରୁ ପ୍ରସ୍ତୁତ ଅନ୍ୟତମ କୃତ୍ରିମ ରଙ୍ଗ ବ୍ରାଉନ୍ ଏଚ୍.ଟି. (ଇ-୧୫୫)କୁ ସମସ୍ତ ପ୍ରକାର ଚକ୍‌ଲେଟ୍, କେକ୍ ଓ ଡ୍ରିଙ୍କ୍ ମିକ୍ସସେସ୍ ରଙ୍ଗ ପାଇଁ ବ୍ୟବହାର କରାଯାଏ । ଏହା ଶ୍ୱାସରୋଗୀଙ୍କ ଠାରେ ଖରାପ ପ୍ରଭାବ ପକାଇବା ସହ ଚର୍ମକୁ ସ୍ପର୍ଶକାତର କରାଇଥାଏ । ଚେରିକୋଳି, ଡବାଖାଦ୍ୟ, କଷ୍ଟାର୍ଡ ମିକ୍ସ, ସେକା ଖାଦ୍ୟ ଓ ସ୍ନାକ୍ସକୁ ଲାଲ୍ ରଙ୍ଗ କରିବା ପାଇଁ ଏରିଥ୍ରୋମାଇନ୍ (ଇ-୨୭) ରାସାୟନିକ ବ୍ୟବହାର କରାଯାଏ । ଏହି ରଙ୍ଗ ଯୋଗୁ ଗଳଗ୍ରନ୍ଥି (ଥାଇରଏଡ୍)ର ହର୍ମୋନ୍ କ୍ଷରଣ ବୃଦ୍ଧି ପାଇ ହାଇପର ଥାଇରଏଡ୍ ରୋଗ ଦେଖାଦିଏ । ଏହା ମଧ୍ୟ ଗଳଗ୍ରନ୍ଥି କର୍କଟ ଆଶଙ୍କା ଆଣିଥାଏ ବୋଲି ମୂଷାମାନଙ୍କ ଉପରେ କରାଯାଇଥିବା ପରୀକ୍ଷଣରୁ ଜଣାପଡ଼ିଛି । କୋକିନିୟଲ୍ ବିଟଲ୍ସ ନାମକ ଏକ ପ୍ରକାର କୀଟକୁ ଛେଚି ତହିଁରୁ ରଙ୍ଗ ପ୍ରସ୍ତୁତ କରାଯାଏ । ଖାଦ୍ୟ ପଦାର୍ଥକୁ ରଙ୍ଗେଇବା ପାଇଁ ବ୍ୟବହୃତ ଆଡିଟିଭ୍ ଓ ପ୍ରିଜରଭେଟିଭ୍ ଗୁଡ଼ିକ ଯେ କେବଳ ବିଷାକ୍ତ ଓ କ୍ଷତିକାରକ ତାହା ନୁହଁ, ସେହି ରଙ୍ଗକୁ ଦୀର୍ଘସ୍ଥାୟୀ କରିବା ପାଇଁ ଯେଉଁ 'ଫିକ୍ସେଟିଭ୍' ବ୍ୟବହାର କରାଯାଏ, ତାହା ମଧ୍ୟ ସୋଡ଼ିୟମ୍ ସଲଫାଇଡ୍, ସୋଡ଼ିୟମ୍ ନାଇଟ୍ରାଇଟ୍ ଓ ସଲ୍‌ଫର୍ ଡାଇଅକ୍ସାଇଡ୍ ଭଳି ରାସାୟନିକ ଲବଣରୁ ପ୍ରସ୍ତୁତ ହୋଇଥାଏ । ଅନେକ ଲୋକଙ୍କଠାରେ ଏହି ସବୁ ଲବଣ ପ୍ରତି ଆଲର୍ଜି ପ୍ରତିକ୍ରିୟା ସୃଷ୍ଟି ହୁଏ । ସୋଡ଼ିୟମ୍ ନାଇଟ୍ରାଇଟ୍ ପାକସ୍ଥଳୀରେ ପ୍ରବେଶ କଲେ ସେଠାରେ ଥିବା ଅନ୍ୟାନ୍ୟ ରାସାୟନିକ ସହ ମିଶି ନାଇଟ୍ରୋସାଲ୍‌ମାଇନ୍ ଯୌଗିକ ସୃଷ୍ଟି କରେ, ଯାହାକି କର୍କଟ ରୋଗର କାରଣ ହୋଇଥାଏ । ଅନେକ ଖାଦ୍ୟପଦାର୍ଥ ବହୁ ଦିନ ପର୍ଯ୍ୟନ୍ତ ରହି ତା'ର ପୋଷକ ତତ୍ତ୍ୱ ହରାଇ ବସିଥାଏ । କୃତ୍ରିମ ପ୍ରଜନନ ଦ୍ୱାରା ପ୍ରସ୍ତୁତ ହେଉଥିବା ମାଛମାଂସରେ ବି ବିଷ ଭରିରହିଛି । ଏଥିରେ ବିଷାକ୍ତ ଅର୍ଗାନକ୍ଲୋରାଇନ୍, କୀଟନାଶକ, ଏଣ୍ଡୋସଲଫାନ, ଆଣ୍ଟିବାୟୋଟିକ୍ ଓ ହରମୋନ ଭରି ରହିଛି । ଆମେ କେବଳ କୃତ୍ରିମ ରଙ୍ଗ, ବ୍ଲିଚ୍, ସୁଗନ୍ଧି, ଅପଦ୍ରବ ଓ ଷ୍ଟାବିଲାଇଜର ଯୁକ୍ତ ଖାଦ୍ୟପଦାର୍ଥ ମାଧ୍ୟମରେ ବର୍ଷକୁ ୫ କି.ଗ୍ରା.ର ଆଡିଟିଭ୍ ଗର୍ଭସ୍ଥ କରିଥାଉ । ଆଉ ଏସବୁକୁ ଶରୀରରୁ ନିଷ୍କାସିତ କରିବା ପାଇଁ ଶରୀରକୁ ସମସ୍ୟା ସହ ଯୁଝିବାକୁ ପଡ଼ିଥାଏ ଯାହାକି ଶରୀରକୁ ରୋଗର ଘର ବନାଇଦେଇଥାଏ । ସବୁଜ ପନିପରିବା ହେଉ କି ତାଜା ଫଳ, ଡାଲି ହେଉ ବା ଚାଉଳ, କ୍ଷୀର ହେଉ ବା ବିସ୍କୁଟ... ସବୁକିଛି କିଣୁଛୁ ଆମେ ବିଶ୍ୱାସରେ । ଏସବୁ ଆମ ବଞ୍ଚିବା ପାଇଁ ଦରକାର ଏବଂ ଏହା ଖାଇଲେ ଆମେ ସୁସ୍ଥ ରହିବା । ତେବେ ସେଇ ବିଶ୍ୱାସ ଦିନକୁ ଦିନ ଦୋହଲି ଯାଉଛି, ଆମ ବିଶ୍ୱାସରେ ମିଶିଯାଉଛି ବିଷ, ବିଷ-ଅମୃତର ଦୁନିଆରେ ବିଷର ଭାଗଟା ବଢ଼ିବଢ଼ି ଚାଲିଚି । ଭେଜାଲିଆଙ୍କ ଏ ସଂସାର ଭାରି ଅସହ୍ୟ ହେଇପଡ଼ିଲାଣି ।

ବିଶ୍ୱାତ୍ମା, ଏମ୍-୨୩,
ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା
ମୋ. ୮୨୪୯୬୭୯୦୯୯

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୪ ନଭେମ୍ବର ୨୦୨୫ ସୋମବାର ପୃଷ୍ଠା ୫


**ସାରା ବିଶ୍ୱରେ ୧୧ରୁ ୧୭ ବର୍ଷ ବୟସ ଶ୍ରେଣୀରେ ପ୍ରତି ୫ଜଣରୁ ୪ଜଣ ପିଲା କୌଣସି ଶାରୀରିକ ବ୍ୟାୟାମ କରୁନାହାନ୍ତି ବୋଲି ଏକ ବିଶ୍ଳେଷଣରୁ ଜଣାପଡ଼ିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କରାଯାଇଥିବା ଏହି ବିଶ୍ଳେଷଣ ଅନୁଯାୟୀ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ସହ ମସ୍ତିଷ୍କ ବିକାଶ ଏବଂ ସାମାଜିକ ଦକ୍ଷତାରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ସାରା ବିଶ୍ୱ ଧନୀ ଏବଂ ଗରିବ ଦେଶଗୁଡ଼ିକରେ ପିଲାମାନେ ଦିନକୁ ଅନୁମୋଦିତ କେଇଘଣ୍ଟା ଶାରୀରିକ କାର୍ଯ୍ୟକଳାପ କରୁନାହାନ୍ତି । ଏହି ଅଧ୍ୟୟନରେ ସାମିଲ କରାଯାଇଥିବା ୧୪୬ଟି ଦେଶ ମଧ୍ୟରୁ କେବଳ ୪ଟି ଦେଶକୁ ବାଦ୍ ଦେଲେ ଝିଅମାନଙ୍କ ତୁଳନାରେ ପୁଅମାନେ ଅଧିକ ସକ୍ରିୟ ଅଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାପଦଣ୍ଡ ଅନୁଯାୟୀ ଯେଉଁ ଶାରୀରିକ କ୍ରିୟାଗୁଡ଼ିକ ହୃଦ୍‌ସ୍ପନ୍ଦନକୁ ଦ୍ରୁତ କରିଥାଏ ଏବଂ ଫୁସ୍‌ଫୁସ୍‌ର କ୍ରିୟାକୁ ଦୃଢ଼ କରିଥାଏ ସେଗୁଡ଼ିକୁ ଶାରୀରିକ ସକ୍ରିୟତା ଭାବରେ ବିବେଚନା କରାଯାଇଛି । ସେଗୁଡ଼ିକ ମଧ୍ୟରେ ରହିଛି ଦୌଡ଼ିବା, ସାଇକେଲ ଚଳାଇବା, ପହଁରିବା, ଫୁଟ୍‌ବଲ ଖେଳିବା, ଡେଇଁବା, ସ୍କିପିଂ କରିବା ଏବଂ ଜିମ୍ନାଷ୍ଟିକ୍ କରିବା । ପ୍ରତିଦିନ ମଧ୍ୟମରୁ ଅଧିକ ଭାବରେ ୬୦ ମିନିଟ୍ ଶାରୀରିକ ସକ୍ରିୟତାର ଅନୁମୋଦନ କରାଯାଇଛି ।**

# ବୈଶ୍ୱିକ ମହାମାରି ବଢ଼ାଉଛି ପିଲାଙ୍କ ନିଷ୍କ୍ରିୟତା



ଶାରୀରିକ ସକ୍ରିୟତା ନେଇ ବିଶ୍ୱବ୍ୟାପୀ ଚିନ୍ତାବ୍ୟକ୍ତ ହେବାର କାରଣ ହେଉଛି ସ୍ୱାସ୍ଥ୍ୟ । ଏହି ସ୍ୱାସ୍ଥ୍ୟ ସମସ୍ୟା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ । ଶାରୀରିକ ସକ୍ରିୟତା ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ ସ୍ୱଚ୍ଛ ରଖେ । ଅସ୍ଥି ଏବଂ ମାଂସପେଶୀକୁ ସୁଦୃଢ଼ କରେ, ମାନସିକ ସ୍ୱାସ୍ଥ୍ୟକୁ ଉନ୍ନତ କରେ ଏବଂ ଓଜନ କମ୍ କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡାକ୍ତର ରେଗିନା ଗୁଟ୍‌ହୋଲ୍ଡ କହିଛନ୍ତି ସକ୍ରିୟ କିଶୋରର ଅର୍ଥ ହେଉଛି ସକ୍ରିୟ ପ୍ରାପ୍ତ ବୟସ୍କ ଏବଂ ଜୀବନବ୍ୟାପୀ ସକ୍ରିୟତାର ଅର୍ଥ ହେଉଛି ହୃଦ୍‌ରୋଗ ଏବଂ ମଧୁମେହ ପରି ରୋଗର ଆଶଙ୍କା ମଧ୍ୟ କମ୍ ହେବା । ଗବେଷକମାନଙ୍କ ଅନୁଯାୟୀ ସକ୍ରିୟ ରହିବା ମସ୍ତିଷ୍କର ବିକାଶ ପାଇଁ ମଧ୍ୟ ଭଲ । ଏହା ମନୁଷ୍ୟର ମାନସିକ କ୍ରିୟା ଯେପରି କି ପଢ଼ିବା ଆଦିକୁ ସହଜ କରିଥାଏ ଏବଂ ସାମାଜିକ ବ୍ୟବହାରରେ ଉନ୍ନତି ଆଣିଥାଏ । ତେବେ ପ୍ରଶ୍ନ ହେଉଛି ପିଲାମାନେ କ'ଣ ପ୍ରକୃତରେ ଅଳସୁଆ ହୋଇଯାଉଛନ୍ତି ନା ଏହା ପଛରେ ଅନ୍ୟ କିଛି କାରଣ ରହିଛି । ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ପ୍ରକୃତରେ ପିଲାମାନେ ଅଳସୁଆ ନୁହନ୍ତି, କିନ୍ତୁ ପିତାମାତା ଏବଂ ଅଭିଭାବକମାନେ ଏହାକୁ ଅବହେଳା କରନ୍ତି ଏବଂ ଶାରୀରିକ ସକ୍ରିୟତାକୁ ପ୍ରାଥମିକତା ଦିଅନ୍ତି ନାହିଁ । ଏହା କେବଳ ଗୋଟିଏ ଦୁଇଟି ଦେଶରେ ନୁହେଁ ସାରା ବିଶ୍ୱରେ ଏହି ଧାରା ଦେଖାଯାଉଛି । ସକ୍ରିୟତା ସ୍ତର କାହିଁକି କମ୍ ହେଉଛି ତାହାର ଗୋଟିଏ ସାଧାରଣ କାରଣ ନାହିଁ । ତେବେ ମୁଖ୍ୟ କାରଣ ଯାହା ବିଶ୍ୱବ୍ୟାପୀ ଅଧ୍ୟୟନରୁ ଜଣାପଡ଼ିଛି ତାହା ହେଉଛି ଅଭିଭାବକ ଏବଂ ଶିକ୍ଷକମାନେ ଶାରୀରିକ ଫିଟ୍‌ନେସ ଅପେକ୍ଷା ଶିକ୍ଷାଗତ ପ୍ରଦର୍ଶନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଏହି ବୟସ ଶ୍ରେଣୀର ପିଲାମାନଙ୍କୁ ପରୀକ୍ଷା ପାଇଁ ଅଧିକ ପରିଶ୍ରମ କରିବାକୁ କୁହାଯାଉଛି । ଦିନର ଅଧିକାଂଶ ସମୟରେ ସେମାନେ ପାଠପଢ଼ାରେ ବ୍ୟସ୍ତ ରହୁଛନ୍ତି ଏବଂ ସକ୍ରିୟ ହେବା ପାଇଁ ସୁଯୋଗ ପାଉନାହାନ୍ତି । ଏହା ବ୍ୟତୀତ ଶାରୀରିକ ସକ୍ରିୟତା ପାଇଁ ଆବଶ୍ୟକ ସୁବିଧାଗୁଡ଼ିକ ସବୁବେଳେ ନିରାପଦ ନହେବା ମଧ୍ୟ ଅନ୍ୟ ଏକ କାରଣ । ମୁଖ୍ୟତଃ ବିପଦସଙ୍କୁଳ ରାସ୍ତା, ସାଇକେଲ ଚାଳନା କିମ୍ବା ଚାଲିକରି ସ୍କୁଲ୍ ବା ସାଙ୍ଗଘରକୁ ଯିବାକୁ ଅନୁମତି ଦେଉନାହିଁ, ଖେଳପଡ଼ିଆର ଅଭାବ ରହିଛି, ବିଶେଷ କରି ଖେଳିବା ପାଇଁ ପିଲାମାନେ ବାହାରକୁ ବାହାରିବା ପଛରେ ଅନେକ ବିପଦ ଦେଖାଦେଉଛି । ଏହା ବ୍ୟତୀତ ଆମୋଦ ପ୍ରମୋଦ ପାଇଁ କ୍ରୀଡ଼ା ସୁବିଧାଗୁଡ଼ିକ ସୁଲଭ ମଧ୍ୟ ହେଉନାହିଁ । ଅନ୍ୟତମ ବୃହତ କାରଣ ହେଉଛି ଡିଜିଟାଲ ଦୁନିଆରେ ପିଲାମାନଙ୍କର ସକ୍ରିୟତା । ବର୍ତ୍ତମାନ ଫୋନ୍, ଟାବଲେଟ୍ କିମ୍ବା କମ୍ପ୍ୟୁଟରରେ ଏଣ୍ଟରଟେନ୍‌ମେଣ୍ଟର ଏକ ବିଶାଳ ଦୁନିଆ ଉପଲବ୍ଧ । ଯାହାକି ଘର ବାହାରେ ସମୟ କାଟିବାକୁ କମ୍ କରିଦେଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରୁ ଜଣାପଡ଼ିଛି ନିଷ୍କ୍ରିୟତା ଏକ ବୈଶ୍ୱିକ ସମସ୍ୟା । ଏହି ସମସ୍ୟା ଆଫଗାନିସ୍ତାନରୁ ଆରମ୍ଭ ହୋଇ ଜିମ୍ବାୱେ ପର୍ଯ୍ୟନ୍ତ ବ୍ୟାପ୍ତ । ପ୍ରକୃତରେ ମୋବାଇଲ୍, ଲାପଟପ୍, ଟିଭି ଏବଂ ଅନ୍ୟ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ଉପକରଣର ଏହି ଯୁଗରେ କିଶୋର କିଶୋରୀମାନଙ୍କର ଶାରୀରିକ ନିଷ୍କ୍ରିୟତା ଦୁନିଆକୁ ଚିନ୍ତିତ କରିଦେଇଛି । ଯେଉଁ ପିତାମାତା ସବୁବେଳେ ଅଭିଯୋଗ କରୁଛନ୍ତି ଯେ, ସେମାନଙ୍କ ପିଲାମାନେ ସବୁବେଳେ ମୋବାଇଲ୍ ଫୋନ୍‌ରେ ଲାଗିରହୁଛନ୍ତି ସେମାନଙ୍କର ଏହି ଚିନ୍ତା କାରଣହୀନ ନୁହେଁ । ଏହି ଚିନ୍ତାର ସ୍ତର ବୁଝିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବୈଶ୍ୱିକ ସ୍ତରରେ ଏକ ବ୍ୟାପକ ଅଧ୍ୟୟନ କରାଇଛି । ଏହି ଅଧ୍ୟୟନରେ ୨୦୦୧ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ବିଶ୍ୱର ୧୪୬ଟି ଦେଶର ୧୧ରୁ ୧୭ ବର୍ଷ ବୟସର ୧୬ଲକ୍ଷରୁ ଅଧିକ କିଶୋର/କିଶୋରୀଙ୍କୁ ସାମିଲ କରାଯାଇଛି । ଅନ୍ତରାଷ୍ଟ୍ରୀୟ ମେଡ଼ିକାଲ ଜର୍ଣ୍ଣାଲ ଲାନସେଟ୍‌ର ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ୮୦ ପ୍ରତିଶତ କିଶୋର/କିଶୋରୀର ଶାରୀରିକ ଭାବରେ ନିଷ୍କ୍ରିୟ । ଏ ମଧ୍ୟରେ ୮୫ ପ୍ରତିଶତ ପୁଅ ଏବଂ ୭୮ ପ୍ରତିଶତ ଝିଅ ସାମିଲ ।









ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପିଲାମାନଙ୍କର ଶାରୀରିକ ନିଷ୍କ୍ରିୟତା ନେଇ ଘୋର ଉଦ୍‌ବେଗ ପ୍ରକାଶ କରିଛି, ତେବେ ଏ ମଧ୍ୟରେ ଭାରତ ପାଇଁ ଗୋଟିଏ ଭଲ ଖବର ଅଛି । ସବୁଠାରୁ ସକ୍ରିୟ କିଶୋର ପିଢ଼ି ଥିବା ଦେଶ ମଧ୍ୟରେ ଭାରତ ସାମିଲ ହୋଇଛି । କିଶୋର ସକ୍ରିୟତା ମାମଲାରେ ଭାରତର ସ୍ଥାନ ବିଶ୍ୱରେ ସପ୍ତମ । ଏହି ଅଧ୍ୟୟନରୁ ଜଣାପଡ଼ିଛି ବାଂଲାଦେଶର କିଶୋର/କିଶୋରୀମାନେ ଶାରୀରିକ ସକ୍ରିୟତା ସୂଚକାଙ୍କରେ ଶୀର୍ଷ ସ୍ଥାନରେ ଅଛନ୍ତି । ଯେତେବେଳେ କି ଦକ୍ଷିଣ କୋରିଆର କିଶୋର/କିଶୋରୀମାନେ ଶାରୀରିକ ଭାବରେ ସବୁଠାରୁ ନିଷ୍କ୍ରିୟ ବୋଲି ଜଣାପଡ଼ିଛନ୍ତି । ସୂଚନାଯୋଗ୍ୟ ସାରା ବିଶ୍ୱରେ ଦକ୍ଷିଣ କୋରିଆକୁ ସବୁଠାରୁ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ଉପକରଣର ନିର୍ମାତା ଭାବେ ବିବେଚନା କରାଯାଏ । ରିପୋର୍ଟ ଅନୁଯାୟୀ ସାରା ବିଶ୍ୱରେ ୧୧ରୁ ୧୭ ବର୍ଷ ବୟସ ଶ୍ରେଣୀରେ ପ୍ରତି ୫ଜଣରେ ମାତ୍ର ଜଣେ ନିଜକୁ ଶାରୀରିକ ଭାବରେ ସକ୍ରିୟ ରଖିଛନ୍ତି । ଦକ୍ଷିଣ କୋରିଆ, ଫିଲିପାଇନ୍ସ, କାମ୍ବୋଡିଆ ଏବଂ ସୁଦାନ ପରି ଦେଶର ୯୦ ପ୍ରତିଶତ କିଶୋର/କିଶୋରୀ ଶାରୀରିକ ଭାବରେ ନିଷ୍କ୍ରିୟ ।

ବାଂଲାଦେଶରେ ୬୬ ପ୍ରତିଶତ ଏବଂ ଭାରତରେ ପ୍ରାୟ ୭୪ ପ୍ରତିଶତ କିଶୋର ଆବଶ୍ୟକ ମାନଙ୍କ ଠାରୁ କମ୍ ପରିଶ୍ରମ କରନ୍ତି । ଏହାର ଅର୍ଥ ହେଉଛି ଉଭୟ ଦେଶରେ ଯଥାକ୍ରମେ ପ୍ରାୟ ୩୪ ଏବଂ ୨୬ ପ୍ରତିଶତ ଶିଶୁ ଏହି ମାନକ ପାଳନ କରନ୍ତି । ଏହି ଦେଶରେ କ୍ରିକେଟ୍‌ର ଲୋକପ୍ରିୟତା ଏହାର ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ଦର୍ଶାଇଛନ୍ତି । ତେବେ ଏହି ସକ୍ରିୟତା ବିପକ୍ଷରେ ଝିଅମାନଙ୍କର ନିଷ୍କ୍ରିୟତା ମଧ୍ୟ ରହିଛି । ଏହା ମୁଖ୍ୟତଃ ସାମାଜିକ କାରଣରୁ ହୋଇଥାଏ । ରିପୋର୍ଟ ଅନୁଯାୟୀ ଭାରତ ଏବଂ ବାଂଲାଦେଶରେ ଝିଅମାନଙ୍କୁ ଘରୋଇ କାମରୁ ଫୁର୍ସତ ମିଳେନାହିଁ ଅଲଗା ଶାରୀରିକ ବ୍ୟାୟାମ ପାଇଁ ।

ବିଶ୍ୱର ବିଖ୍ୟାତ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର ମତ ହେଉଛି ଯେଉଁ ପିଲାମାନେ ଶାରୀରିକ ଭାବରେ ଅଧିକ ସକ୍ରିୟ ରୁହନ୍ତି ସେମାନେ ଶାରୀରିକ ଭାବରେ ସୁସ୍ଥ ମଧ୍ୟ ରୁହନ୍ତି ଏବଂ ପାଠପଢ଼ାରେ ମଧ୍ୟ ଭଲ କରନ୍ତି । ଏହି କାରଣରୁ ପୁରୁଣା ସମୟରୁ ସୁସ୍ଥ ଶରୀର ହିଁ ସୁସ୍ଥ ମସ୍ତିଷ୍କର ନିବାସ ବୋଲି କୁହାଯାଇ ଆସୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୧ରୁ ୧୭ ବର୍ଷ ବୟସ ଶ୍ରେଣୀର ପିଲାମାନଙ୍କ ପାଇଁ ଦିନକୁ ଅତିକମ୍‌ରେ ୧ ଘଣ୍ଟା ଶାରୀରିକ ବ୍ୟାୟାମ ଆବଶ୍ୟକ । ମାତ୍ର ବାସ୍ତବକରେ ବିଶ୍ୱବ୍ୟାପି କେବଳ ୯୦ ପ୍ରତିଶତ ପିଲା ଏହି ମାନକ ପୂରଣ କରିପାରନ୍ତି । ପିଲାମାନଙ୍କର ଶାରୀରିକ ସକ୍ରିୟତାର ଆକଳନ ସେମାନେ ଖେଳୁଥିବା ସମୟ, ଘରୋଇ କାମ, ଚାଲିବା ଏବଂ ସାଇକେଲିଂ କରିବା ବା ଅନ୍ୟ ପ୍ରକାର ସକ୍ରିୟତା, ସୁବିଧା ଅନୁଯାୟୀ କରାଯାଇଥାଏ । ପିଲାମାନଙ୍କ ଶାରୀରିକ ନିଷ୍କ୍ରିୟତାର ସବୁଠାରୁ ଦୁଷ୍ପ୍ରଭାବ ହେଉଛି ମେଦବହୁଳତା । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅଧ୍ୟୟନ ଅନୁଯାୟୀ ୨୦୧୬ ମସିହାରେ ୫-୧୯ ବୟସସୀମାର ୩୪ କୋଟି ପିଲା ମେଦବହୁଳତାର ଶିକାର । ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି ।





ସାରାବିଶ୍ୱରେ ଶାରୀରିକ ଭାବରେ ସକ୍ରିୟ ପିଲାଙ୍କ ମଧ୍ୟରେ ଶୀର୍ଷରେ ଅଛନ୍ତି ବାଂଲାଦେଶର ପିଲାମାନେ । ଏହି ଦେଶର ୩୩.୧ ପ୍ରତିଶତ ପିଲା ଦିନରୁ ୧ଘଣ୍ଟାରୁ ଅଧିକ ଶାରୀରିକ ପରିଶ୍ରମ କରନ୍ତି । ଏହା ପରେ ରହିଛି ସ୍ଲୋଭାକିଆ । ଏଠାରେ ୨୮.୫ ପ୍ରତିଶତ ପିଲା ୧ଘଣ୍ଟାରୁ ଅଧିକ ଶାରୀରିକ ପରିଶ୍ରମ କରନ୍ତି। ଆର୍ୟଲାଣ୍ଡର ୨୮.୨ ପିଲା ମଧ୍ୟ ଶାରୀରିକ ପରିଶ୍ରମ କରିଥାନ୍ତି । ଶାରୀରିକ ଭାବରେ ସବୁଠାରୁ ନିଷ୍କ୍ରିୟ ଶିଶୁଥିବା ଦେଶଗୁଡ଼ିକ ମଧ୍ୟରେ ଶୀର୍ଷରେ ରହିଛି ଦକ୍ଷିଣକୋରିଆ । ଏଠାରେ ୯୪.୨ ପ୍ରତିଶତ ପିଲା ଶାରୀରିକ ଭାବରେ ନିଷ୍କ୍ରିୟ। ଏହା ତଳକୁ ୯୩.୪ ପ୍ରତିଶତ ସହ ଫିଲିଫାଇନ୍ସ, ୯୧.୬ ପ୍ରତିଶତ ସହ କାମ୍ବୋଡିଆ, ୯୦.୩ ପ୍ରତିଶତ ସହ ସୁଦାନ, ୮୯ ପ୍ରତିଶତ ସହ ଅଷ୍ଟ୍ରେଲିଆ ଆଦି ରହିଛନ୍ତି । ସକ୍ରିୟ ପିଲାଙ୍କ ତାଲିକାରେ ଭାରତର ସ୍ଥାନ ରହିଛି ୭ରେ । ଏଠାରେ ୨୬.୧ ପ୍ରତିଶତ ପିଲା ଶାରୀରିକ ଭାବରେ ଏକ ଘଣ୍ଟାରୁ ଅଧିକ ପରିଶ୍ରମ କରିଥାନ୍ତି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସତର୍କ ସୂଚନା ଅନୁଯାୟୀ ସାରା ବିଶ୍ୱରେ ୮୦%ରୁ ଅଧିକ କିଶୋର ଶାରୀରିକ ଭାବରେ ସକ୍ରିୟ ନୁହଁନ୍ତି। ନିଷ୍କ୍ରିୟ ଜୀବନଶୈଳୀ ଏବଂ ମୋବାଇଲ ଟ୍ୟାବ୍ ଟିଭି ପରି ବୈଦ୍ୟୁତିକ ଉପକରଣର ମୋହ ସେମାନଙ୍କର ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ବ୍ୟାହତ କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସାରା ବିଶ୍ୱର ବିଭିନ୍ନ ଦେଶର ସରକାର ଏବଂ ଅଭିଭାବକମାନଙ୍କୁ ପିଲାମାନଙ୍କର ସ୍କ୍ରିନ ଆଗରେ କଟାଉଥିବା ସମୟ କମ୍ କରିବା ପାଇଁ ସତର୍କ କରାଇ ଦିଆଯାଇଛି ।

ଏହି ପରିପ୍ରେକ୍ଷୀରେ ପୁଅଙ୍କ ତୁଳନାରେ ଝିଅଙ୍କ ଶାରୀରିକ ସକ୍ରିୟତା ଆହୁରି କମ୍ । ୨୦୧୬ରେ ୨୭ଟି ଦେଶରେ କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଝିଅମାନଙ୍କର ଶାରୀରିକ ନିଷ୍କ୍ରିୟତାର ହାର ୯୦% ଥିଲା। ଆଫଗାନସ୍ତାନ, ସାମୋଆ, ଟୋଙ୍ଗା ଏବଂ ଜାମ୍ବିଆ ଆଦି ଚାରୋଟି ଦେଶକୁ ବାଦ୍ ଦେଲେ ପ୍ରତ୍ୟେକ ଦେଶରେ ଶାରୀରିକ ସକ୍ରିୟତାରେ ଝିଅମାନେ ପୁଅଙ୍କଠାରୁ ପଛରେ ଅଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରେ ଆକଳନ କରାଯାଇଛି ଯେ ୨୦୩୦ ମସିହା ସୁଦ୍ଧା ସାରା ବିଶ୍ୱରେ ୨୫୦ ନିୟୁତ ଶିଶୁ ମେଦବହୁଳତାର ଶୀକାର ହୋଇଥିବେ। ଏହି ମେଦବହୁଳତା ଶାରୀରିକ ନିଷ୍କ୍ରିୟତାର ମୁଖ୍ୟ କାରଣ। ସାରା ବିଶ୍ୱରେ ମେଦବହୁଳତାଜନିତ ମୃତ୍ୟୁହାରକୁ ଦେଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସରକାରମାନଙ୍କୁ ସଚେତନ କରାଇ ଦିଆଯାଇଛି।








# ଜୀବନଶୈଳୀ ଓ ଆୟୁ

ଅବ୍ୟବସ୍ଥିତ ଜୀବନଶୈଳୀ, ବେପରୁଆ ଜୀବନ, କର୍ମବ୍ୟସ୍ତତାର ଚାପ, ଯାବତୀୟ ଶାରୀରିକ ଓ ମାନସିକ ଷ୍ଟ୍ରେସ୍ ଭିତରେ ବି ଭାରତୀୟଙ୍କ ଆୟୁଷ ବଢୁଛି । ଗତ ଦୁଇବର୍ଷ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁ ଅତିକମ୍‌ରେ ୬୭ ବର୍ଷରୁ ଊର୍ଦ୍ଧ୍ୱ ବଞ୍ଚିବେ । ଜନ୍ମ, ମୃତ୍ୟୁ ଓ ରୋଗକୁ ନେଇ ହୋଇଥିବା ଗବେଷଣାର ରିପୋର୍ଟକୁ ଆଧାର କରି ଏହି ତଥ୍ୟରେ ଉଲ୍ଲେଖ ରହିଛି । ପୁରୁଷଙ୍କ ତୁଳନାରେ ମହିଳାମାନେ ୬୮ରୁ ୬୯ ବର୍ଷ ପର୍ଯ୍ୟନ୍ତ ବଞ୍ଚିବାକୁ ସକ୍ଷମ ହେଉଛନ୍ତି । କିନ୍ତୁ ଭାରତ ତୁଳନାରେ ଅନ୍ୟ ଉନ୍ନତ ଦେଶମାନେ ଯଥେଷ୍ଟ ଆଗରେ ରହିଛନ୍ତି । ଉଦାହରଣ ଭାବେ ଏକ୍ଷେତ୍ରରେ ଜାପାନ ବିଶ୍ୱରେ ସବୁଠୁ ଆଗରେ ରହିଥିବା ଦେଖାଯାଇଛି । କାରଣ ଏହି ରାଷ୍ଟ୍ରର ଲୋକଙ୍କ ହାରାହାରି ଆୟୁଷ ପ୍ରାୟ ୮୪ ବର୍ଷ ଥିବାବେଳେ ଅନ୍ୟ ବିକଶିତ ରାଷ୍ଟ୍ର ଯଥା- ଅଷ୍ଟ୍ରେଲିଆ, ଆମେରିକା, ସ୍ୱିଜରଲ୍ୟାଣ୍ଡ, ଇଟାଲୀ ଓ ସ୍ପେନ ଭଳି ରାଷ୍ଟ୍ରମାନଙ୍କରେ ଲୋକଙ୍କ ହାରାହାରି ଆୟୁଷ ୮୦ ବର୍ଷ ରହିଛି । କିନ୍ତୁ ଏହି ତୁଳନାରେ ଆଫ୍ରିକୀୟ ରାଷ୍ଟ୍ର ଯଥା ନାଇଜେରିଆ, ସୋମାଲିଆ, ଆଙ୍ଗୋଲା ଓ ମୋଜାମ୍ବିକ ଭଳି ଦେଶଗୁଡ଼ିକରେ ବିଭିନ୍ନ ରୋଗଜନିତ ମୃତ୍ୟୁ ଅଧିକ ହେଉଥିବାରୁ ଏଠାକାର ଲୋକଙ୍କ ହାରାହାରି ଆୟୁଷ ୫୦ବର୍ଷ ମଧ୍ୟରେ ସୀମିତ ରହିଛି । ଏହି କ୍ରମରେ ଦେଖିଲେ ଭାରତରେ କେରଳ ରାଜ୍ୟରେ ଲୋକଙ୍କ ଆୟୁଷ ଅନ୍ୟ ରାଜ୍ୟଗୁଡ଼ିକ ଠାରୁ ଅଧିକ ରହିଛି । ଏହି ରାଜ୍ୟରେ ଲୋକଙ୍କ ହାରାହାରି ଆୟୁଷ ୭୪ରେ ଥିବାବେଳେ ଓଡ଼ିଶାରେ ଏହି ହାର ୫୯.୬ ରହିଥିବା ୟୁଏନ୍‌ଓପି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ହ୍ୟୁମାନ ଡେଭଲପ୍‌ମେଣ୍ଟ ଇଣ୍ଡେକ୍ସରେ ଦର୍ଶାଯାଇଛି । ତଥାପି ଭାରତ ଖାସ୍ କରି ଓଡ଼ିଶାରେ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ରହିବା ଆବଶ୍ୟକ ବୋଲି ଏହି ରିପୋର୍ଟର ମତ ।

ଆଗପରି ଅବସ୍ଥା ଆଉ ନାହିଁ । ଏବେ ରୋଗ ନିରୂପଣ ସହଜ ହୋଇଯାଇଛି । ଲୋକେ ସ୍ୱାସ୍ଥ୍ୟ ପ୍ରତି ଅନେକ ମାତ୍ରାରେ ସଚେତନ ହୋଇପଡ଼ିଛନ୍ତି । ଏପରିକି ଘରେ ବସି ମଧ୍ୟ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେବା ମାତ୍ରେ ଲୋକେ ବିଭିନ୍ନ ରୋଗର ଆଶଙ୍କା କରିପାରୁଛନ୍ତି ଯାହା ୫୦ବର୍ଷ ତଳେ ଲୋକେ ଜାଣିପାରୁ ନଥିଲେ । ଏବେ ସ୍ୱାସ୍ଥ୍ୟରେ ସାମାନ୍ୟ ଅସୁବିଧା ହେଲେ ଲୋକେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି । ମୁଖ୍ୟତଃ ଲାଇଫ ଷ୍ଟାଇଲ ଡିଜିଜ ଯଥା ମଧୁମେହ, ରକ୍ତଚାପ, ବିଷାଦ, ମୋଟାପଣ, ଲିଭରଜନିତ ଲିଭରସିରୋସିସ୍, ପେଟଜନିତ ଗ୍ୟାସ୍ ସମସ୍ୟା ଭଳି ରୋଗ ବାବଦରେ ଲୋକେ ବେଶ୍ ସଚେତନ ହେଉଛନ୍ତି । ସଂପ୍ରତି ମଦ୍ୟପାନ ଜନିତ ଜଟିଳ ରୋଗର ସମସ୍ୟା ସମାଜକୁ ଭାରାକ୍ରାନ୍ତ କରୁଥିବାବେଳେ ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍, ପେଟରେ ପାଣି ଜମିବା, ଲିଭର କ୍ୟାନସର ଦେଖାଯାଉଛି । ସେହିପରି ଭାବରେ ହେପାଟାଇଟିସ୍ ବି ଓ ସି ଭୂତାଣୁ ଦ୍ୱାରା ଯକୃତ ସଂକ୍ରମଣ ହେଲେ ୧୫ରୁ ୨୦ ବର୍ଷ ଭିତରେ ଲିଭର ସିରୋସିସ୍ ଓ ଲିଭର କ୍ୟାନସର ରୋଗ ହୁଏ । ତେଣୁ ଏହି ଦୁଇଟି ଭୂତାଣୁର ନିରାକରଣ କରିବା ଅତ୍ୟନ୍ତ ଜରୁରୀ । ହେପାଟାଇଟିସ୍ ବି ସଂକ୍ରମକଣକୁ ପ୍ରତିହିତ କରିବା ପାଇଁ ହେପାଟାଇଟିସ୍‌ବିର ଟୀକା ନେବା ବାଞ୍ଛନୀୟ । କିନ୍ତୁ ଯୁବାବସ୍ଥାରେ କେତେକ କ୍ଷେତ୍ରରେ ସଚେତନତା ବଢୁଥିବାରୁ ବା ପରୀକ୍ଷା ନିରୀକ୍ଷା କରିବା ସହ ପାର୍ଶ୍ୱପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି କେତେକ ରୋଗୀ ନିୟମିତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଉଥିବାରୁ ଏହା ଜଟିଳ ସମସ୍ୟା ଭାବେ ଆଉ ଦେଖାଦେଉନି । ଆହୁରି ମଧ୍ୟ ନିର୍ଦ୍ଦିଷ୍ଟ ବୟସ ଅତିକ୍ରମ କରିବା ପରେ ଲୋକେ ଏମ୍‌ଆର୍‌ଇ ବା ନିୟମିତ କେତେକ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଉଛନ୍ତି । ୬୦ବର୍ଷ ଅତିକ୍ରମ କରିବା ପରେ ଏବେ ହୃଦ୍‌ଘାତଜନିତ ମୃତ୍ୟୁର ଆଶଙ୍କା ଅଧିକ ରହୁଛି । ମାତ୍ର ଏଥିରୁ କିପରି ରକ୍ଷା ମିଳିବ ସେ ନେଇ ଲୋକଙ୍କ ମଧ୍ୟରେ ଆଗ୍ରହ ବଢୁଛି ।



ଭାରତ ହେଉଛି ବିଶ୍ୱରେ ମଧୁମେହ ରୋଗର ରାଜଧାନୀ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଭାରତରେ ମଧୁମେହ ରୋଗୀଙ୍କ ସଂଖ୍ୟା ସର୍ବାଧିକ । ଅନେକ ସଂକ୍ରାମକ ରୋଗର ନିରାକରଣ, ଏବେ ଉନ୍ନତ ଚିକିତ୍ସା ବ୍ୟବସ୍ଥାର ସହଜ ଉପଲବ୍ଧ ଲୋକଙ୍କ ଆୟୁଷ ବୃଦ୍ଧିରେ ସହାୟକ ହୋଇଛି। ସମଗ୍ର ବିଶ୍ୱରେ ଭାରତ ଆୟୁ ବୃଦ୍ଧି ରାଷ୍ଟ୍ର ତାଲିକାରେ ୧୩୯ରେ ରହିଛି। ଅନ୍ୟ ଉନ୍ନତ ରାଷ୍ଟ୍ରମାନେ ଆମଠାରୁ ଢ଼େର ଆଗରେ ରହିଛନ୍ତି । ସେମାନଙ୍କ ସମକକ୍ଷ ହେବା ପାଇଁ ୬୦ବର୍ଷରୁ ଅଧିକ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଯତ୍ନବାନ ହେବାକୁ ପଡ଼ିବ । ତେଣୁ ଆମକୁ ଆମ ଜୀବନ ଶୈଳୀରେ ଆହୁରି ପରିବର୍ତ୍ତନ ଆଣିବାକୁ ପଡ଼ିବ । ସାଧାରଣତଃ ୬୫ ବର୍ଷ ପରେ ମସ୍ତିଷ୍କରେ ଥିବା ସ୍ନାୟୁକୋଷର ଅବକ୍ଷୟ ଆରମ୍ଭ ହୋଇଥାଏ । ଫଳରେ ଏମାନଙ୍କ କ୍ଷେତ୍ରରେ ସ୍ମରଣଶକ୍ତି ହ୍ରାସ ପାଇବା ସହିତ ସେ ନିତିଦିନିଆ କାର୍ଯ୍ୟ କରିବାରେ ଭୁଲ ଭଟକା କରିଥାନ୍ତି। ତେଣୁ ଏହାକୁ ଡିମେନ୍‌ସିଆ ବା ବୁଦ୍ଧିହ୍ରାସ କୁହାଯାଏ । ଏବେ ଏହି ରୋଗର ଗୁଣସୂତ୍ର ବା ଜିନ୍ ଚିହ୍ନଟ ହୋଇସାରିଛି । ଏଣିକି ଏହାର ଆଗୁଆ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉଦ୍ୟମ ଜାରି ରହିଛି। ବାଇଓ ଷ୍ଟାଟିଷ୍ଟିକ୍ସ ବା ଜୀବ ପରିସଂଖ୍ୟାନରୁ ଆୟୁବୃଦ୍ଧି ଘଟିଥିବା ଜଣାପଡ଼ିଛି । ତାହାର ମୁଖ୍ୟ କାରଣ ହେଉଛି ଚିକିତ୍ସା ବିଜ୍ଞାନର ବହୁଳ ପ୍ରସାର ଓ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ରୋଗୀଙ୍କ ଚିକିତ୍ସା କରାଯାଉଛି । ସଂକ୍ରାମକ ରୋଗଗୁଡ଼ିକର ପ୍ରାଦୁର୍ଭାବ ଅନେକମାତ୍ରାରେ ପ୍ରଶମିତ ହୋଇଛି । ପ୍ରତ୍ୟେକଦିନ ଖାଲିପେଟରେ ସକାଳେ କିମ୍ବା ସନ୍ଧ୍ୟାରେ ୨ କିଲୋମିଟର ଚାଲିବା ଦ୍ୱାରା ଲାଇଫ ଷ୍ଟାଇଲ ଡିଜିଜ୍‌କୁ ୬୦ ପ୍ରତିଶତ ପ୍ରତିରୋଧ କରିପାରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରାଚୀନ ଭାରତର ଯୋଗାସନ ବ୍ୟବସ୍ଥାକୁ ଆଜି ସମଗ୍ର ବିଶ୍ୱ ଆପଣାଇ ନେବା ସହ ମିଳିତ ଜାତିସଂଘ ଏକ ନିର୍ଦ୍ଦିଷ୍ଟ ଦିବସକୁ ବିଶ୍ୱଯୋଗ ଦିବସ ଭାବେ ଗ୍ରହଣ କରିଛି । ସରକାରୀ ବ୍ୟବସ୍ଥାରେ ବ୍ୟାପକ ମାତ୍ରାରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଯାଇ ଉନ୍ନତ ଚିକିତ୍ସା ସୂଚନା ପ୍ରଯୁକ୍ତି ସହାୟତା ନିଆଯାଇ ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଓ ପ୍ରସାରଭିମୁଖୀ କରାଯାଉଛି। କେବଳ ସହରାଞ୍ଚଳ ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନେ ସ୍ୱାସ୍ଥ୍ୟ ସଚେତନ ହେଲେଣି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଦିନକୁ ଦିନ ଅଧିକ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚାଇବା ସହ ଭ୍ରାମ୍ୟମାଣ ଚିକିତ୍ସା ଦଳ ଘର ପାଖରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦ୍ୱାରା ପରିଣତ ବୟସର ରୋଗୀମାନେ ଅନେକ ସୁବିଧା ପାଇ ପାରୁଛନ୍ତି । ଲୋକମାନଙ୍କ ଜୀବନଶୈଳୀ ପରିବର୍ତ୍ତିତ ହେବା ସହ ସ୍ୱାସ୍ଥ୍ୟ ଜୀବନକୁ ଗୁରୁତ୍ୱ ଦେଉଥିବାରୁ ମୁମୂର୍ଷୁ ରୋଗୀଙ୍କ ସଂଖ୍ୟା କମିବାରେ ଲାଗିଛି ଯାହାକି ଅତ୍ୟନ୍ତ ଖୁସିର କଥା ।






## ଜଳ କୃଷିବୀମା ସଚେତନତା

**ରାଜନଗର,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କାନଫୁଲିଆ ଗ୍ରାମସ୍ଥିତ ଶ୍ରୀଶ୍ରୀ ଆଖଣ୍ଡଳମଣୀ କଲ୍ୟାଣ ମଣ୍ଡପଠାରେ ଜଳ କୃଷିବୀମା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ କୃଷିବୀମା କମ୍ପାନୀ (ଏଆଇସି)ର ଭୁବନେଶ୍ୱର ଆଞ୍ଚଳିକ ପରିଚାଳକ ସନ୍ତୁ ଦାସ, ସହକାରୀ ପରିଚାଳକ ନିର୍ମଳ ପରମାଣିକ, କେନ୍ଦ୍ରାପଡାର ପ୍ରତିନିଧି ରତିରଂଜନ ନାୟକ, ରାଜନଗର ବ୍ଲକ ସଂଯୋଜକ ଜୟକୃଷ୍ଣ ଜେନା ଯୋଗଦେଇ କମ୍ପାନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ଓ କେନ୍ଦ୍ରୀୟ ଏଜେନ୍ସି ସହିତ ବିଧିବଦ୍ଧ ଭାବରେ ପିକୃତ ହୋଇଥିବା ମତ୍ସ୍ୟଜିବୀ, ବ୍ୟକ୍ତିଗତ/ ବ୍ୟବସାୟିକ ଫାର୍ମ ଏବଂ ବିଭିନ୍ନ ପ୍ରଜାତିର ମତ୍ସ୍ୟଚାଷ କରୁଥିବା ଗୋଷ୍ଠୀ ସମୂହ ଏହି ଯୋଜନାରେ ସାମିଲ ହୋଇପାରିବେ । ବିଭିନ୍ନ ପ୍ରଜାତିର ଚିଙ୍ଗୁଡି, ଦେଶୀ ମାଛ ଓ ଅନ୍ୟାନ୍ୟ କାତି ମାଛର ବୀମା ପାଇଁ ସରକାର ସୁବିଧା କରିଛନ୍ତି । ଜୈବକୁଣ୍ଡ, ପୋଖରୀ, ପ୍ରବାହିତ ଜଳ ଓ ଘର ଭିତରେ ମାଛକୁ ବୀମାଭୁକ୍ତ କରାଯାଇ ପାରିବ । କାର୍ଯ୍ୟଶିଳ ପୁଞ୍ଜି ଓ ଭିତ୍ତିଭୂମି ପ୍ରିର ବୀମା କରାଯାଇ ପାରିବ ବୋଲି ଉପସ୍ଥିତ ମାଛଚାଷୀମାନଙ୍କୁ ସୂଚନା ଦେଇଥିଲା । ଏହି ଶିବିରରେ ମତ୍ସ୍ୟଚାଷୀ ମହେଶ୍ୱର ବେହେରା, ଅକ୍ଷୟକୁମାର ରାଉତ, ପ୍ରମୋଦ ଚମ୍ପତିରାୟ, ଶରତ କୁମାର ହାତି, ବୈଲୋଚନ ରାଉତ, ଅଲେଖାନନ୍ଦ ପ୍ରଧାନ, ନିମାଇଁ ବାରିକ ପ୍ରମୁଖ ଚାଷୀମାନେ ଯୋଗଦେଇଥିଲେ ।

## ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ଶିକ୍ଷା ଓ ତାଲିମ

**ମାର୍ଶାଘାଇ,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡ଼କ୍ରସ ଶିକ୍ଷା ଓ ତାଲିମ ଶିବିର ମାର୍ଶାଘାଇ କଲେଜ ପରିସରରେ ଉଦଘାଟିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ଼ଃ ଶଶୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉଦଘାଟନ ସମାରୋହରେ ମୁଖ୍ୟଅତିଥି ଭାବରେ ଯୁବ ରେଡ଼କ୍ରସ ଜିଲ୍ଲା ସଭାପତି ତଥା ଜିଲ୍ଲାପାଳ ରଘୁରାମ ଆର. ଆୟାର, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା, ଜିଲ୍ଲା ଆବାହକ ତଥା ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକ, ଜିଲ୍ଲା ସଂଯୋଜକ ଅଧ୍ୟାପକ ରତ୍ନାକର ସେଠୀ ପ୍ରମୁଖ ଯୋଗଦେଇ ଶିବିରାର୍ଥୀ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ବିବିଧ କୌଶଳ ଶିକ୍ଷା, କାର୍ଯ୍ୟକଳାପରେ ପରିବର୍ତ୍ତନ, ସେବାମନସ୍କ ରହି ରାଷ୍ଟ୍ର ଓ ସମାଜର ଅର୍ଚ୍ଚନା କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ଖଗେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସହ ପରାମର୍ଶଦାତା ଅଧ୍ୟାପିକା ଜନନୀମଣି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲାର ୧୫ରୁ ଉର୍ଦ୍ଧ୍ୱ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୧୫୦ଜଣ ସ୍ୱେଚ୍ଛାସେବୀ ଛାତ୍ରଛକ୍ଷତ୍ରୀଙ୍କ ସମେତ ୧୫ଜଣ ପରାମର୍ଶଦାତା ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଛନ୍ତି ।

## ୧୯୭୭ ବ୍ୟାଚର ବନ୍ଧୁମିଳନ

**କେନ୍ଦ୍ରାପଡା,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟର ୧୯୭୭ ମସିହା ଇତିହାସ ବିଭାଗ ଛାତ୍ରଛାତ୍ରୀମାନଙ୍କର ବାର୍ଷିକ ବନ୍ଧୁମିଳନ ଉତ୍ସବ କେନ୍ଦ୍ରାପଡା କୋରଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଡ. ବିନୋଦିନୀ ଦାସଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ କୈଳାସ ଚନ୍ଦ୍ର କରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଘର ସଂପାଦକ ଡ. ସୁଶାନ୍ତ କମାର ପାତ୍ର ସଂଘର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ଡ. ଅମୀୟ କୁମାର ମହାନ୍ତି, କେନ୍ଦ୍ରାପଡାର ଐତିହାସିକ ପ୍ରାଚୀନ କୀର୍ତ୍ତିରାଜି, ଗର୍ବ ଓ ଗୌରବ ଶ୍ରୀ ବଳଦେବଜୀଉ ମନ୍ଦିର ଟିଲାଲି ମଠ, ସଖିବଟ, ଗହୀରମଥା, ହୁକିଟୋଲା, ବତୀଘର ବଡକୋଠା ଓ ରାଧାଶ୍ୟାମ ନରେନ୍ଦ୍ରଙ୍କର ଅବଦାନର ଐତିହାସିକ ପୃଷ୍ଠଭୂମିରେ ସଂକ୍ଷିପ୍ତ ମୂଲ୍ୟାୟନ କରିଥିଲେ । ତଥା ଆଜିର ଦିନରେ ପର୍ଯ୍ୟଟନର କ୍ରମବର୍ଦ୍ଧମାନ ଲୋକପ୍ରିୟତା ଉପରେ ଦୃଷ୍ଟିନିକ୍ଷେପ କରିଥିଲେ । ସଂଘର ଆଗାମୀ ଅଧିବେଶନ ବାଲେଶ୍ୱର ଚାନ୍ଦିପୁର ଠାରେ ଆୟୋଜନ କରିବା ପାଇଁ ସ୍ଥିର କରାଗଲା । ଓଡିଶାର ବିଭିନ୍ନ ଜିଲ୍ଲାରୁ ୫୦ରୁ ଉର୍ଦ୍ଧ୍ୱ ଇତିହାସବିତ୍ ଏହି ଉତ୍ସବରେ ଯୋଗଦାନ କରିଥିଲେ । ଶେଷରେ ସୁଧାଂଶୁ ମୋହନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆସନ୍ତା ଶିକ୍ଷା ବର୍ଷରୁ ଛାତ୍ରଛାତ୍ରୀଙ୍କ ସଂଖ୍ୟାବୃଦ୍ଧି ଉପରେ ଗୁରୁତ୍ୱ

**ମାହାଙ୍ଗା,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ବ୍ଲକ ନିର୍ବାଚନ ମଣ୍ଡଳସ୍ତରୀୟ ପ୍ରଧାନଶିକ୍ଷକମାନଙ୍କର ମିଳିତ ବୈଠକ ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ପରିସରରେ ଅନୁଷ୍ଠିତ ହୋଇଯାଇଛି । ମାହାଙ୍ଗା ବିଇଓ ସୁଶ୍ରୀ ମୋନାଲିସା ସରକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ୩୪୬ଟି ବିଦ୍ୟାଳୟମାନଙ୍କରେ ଆସନ୍ତା ଶିକ୍ଷା ବର୍ଷରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କିପରି କରାଯାଇପାରିବ ସେଥିନେଇ ଗୁରୁତ୍ୱାରୋପ କରିବା ସହ ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ଓ ଶିକ୍ଷାର ଗୁଣାତ୍ମକମାନର ବିକାଶ ପାଇଁ ଉପସ୍ଥିତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟର ପରିବେଶ ଏବଂ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ପ୍ରତି ମାସରେ ଥରେ ଗୁଣାତ୍ମକ ଶିକ୍ଷାର ମାନ ପରଖିବା ପାଇଁ ପ୍ରଧାନଶିକ୍ଷକମାନଙ୍କୁ ନେଇ ବୈଠକ କରାଯିବ ବୋଲି ସୂଚନା ଦେଇଥିଲେ । ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଘରୋଇ ବିଦ୍ୟାଳୟକୁ ଛାଡି ଛାତ୍ରଛାତ୍ରୀମାନେ କିପରି ସରକାରୀ ବିଦ୍ୟାଳୟ ମୁହାଁ ହେବେ ସେ ନେଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ଗାଁ ଗାଁ ବୁଲି ଅଭିଭାବକମାନଙ୍କୁ ସଚେତନ କରିବାକୁ କହିଥିଲେ । ଏଥିରେ ସମ୍ମାନିତ ଅତିଥିଭାବେ ନିଶ୍ଚିନ୍ତକୋଇଲି ବିଇଓ ସଂଯୁକ୍ତା ମହାପାତ୍ର, ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ଅପରାଜିତା ପାଲିତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଶିକ୍ଷକ ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ନିଶ୍ଚିନ୍ତକୋଇଲି ଆଦର୍ଶ ବିଦ୍ୟାଳୟଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ନିର୍ବାଚନ ମଣ୍ଡଳୀରେ ଥିବା ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ୩୪୬ଜଣ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ସମେତ ନିଶ୍ଚିନ୍ତକୋଇଲି ବ୍ଲକ ଉପାଧ୍ୟକ୍ଷ ନୃସିଂହ ଚରଣ ମିଶ୍ର, ଅଶୋକ ଓଝା, ଜିତେନ୍ଦ୍ର ଶତପଥି, କିଶୋର ରାଉତ, ଗୌତମ ଶତପଥି, ମଣ୍ଡଳ ସଭାପତି ଭକ୍ତ ଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅରୁଣ ସେଠୀ, ନିର୍ମଳ ରାଉତ, ରଞ୍ଜନ ଶତପଥି, ପିତାମ୍ବର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ମହୋତ୍ସବର ଦ୍ୱିତୀୟ ଦିବସ

**କେନ୍ଦ୍ରାପଡ଼ା,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ତୁଳସୀକ୍ଷେତ୍ର କଳାକାର ସଂଘର ଜିଲ୍ଲା ସ୍ତରୀୟ ମହୋତ୍ସବର ଦ୍ୱିତୀୟ ଦିବସ ଅବସରରେ ଶନିବାର ଶ୍ୟାମସୁନ୍ଦରପୁର ଚଣ୍ଡିଆ ପ୍ୟାଲେସରେ ଏକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ତୁଳସୀକ୍ଷେତ୍ର କଳାକାର ସଂଘ ସଭାପତି କେଦାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ କଳାକାରମାନେ ସମାଜରେ ଏକ ମୁଖ୍ୟ ଭୂମିକା ନିଭାଇଥାନ୍ତି । କାରଣ ମନୁଷ୍ୟ କେବଳ କର୍ମ କଲେ ବାସ୍ତବ ଖୁସି ପାଇପାରିବ ନାହିଁ । ମନୁଷ୍ୟ ମନରେ କଳାକାରଙ୍କ ଅଭିନୟର ପ୍ରଭାବ ପଡିଥାଏ । ବିଭିନ୍ନ ଅଭିନୟ ଦେଖିବା ଦ୍ୱାରା ମନୁଷ୍ୟର ମନ ହାଲୁକା ହୋଇଥାଏ । ଯାହା ମନୁଷ୍ୟକୁ ମାନସିକ ଶାନ୍ତି ଦେଇଥାଏ । ତେଣୁ କଳାକାରମାନଙ୍କୁ ଆମ ସମାଜ ଗୁରୁତ୍ୱ ପ୍ରଦାନ କରିବା ଉଚିତ ବୋଲି ବିଧାୟକ ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜ ସ୍ନାୟୁଶଲ୍ୟ ବିଭାଗ ପ୍ରଫେସର ଡାକ୍ତର ରବିନାରାୟଣ ପଣ୍ଡା ଯୋଗଦେଇ ସମାଜରେ ଘଟୁଥିବା ବିଭିନ୍ନ ଚିତ୍ରକୁ କଳାକାରମାନେ ସେମାନଙ୍କ ଅଭିନୟ ଦ୍ୱାରା ଲୋକଲୋଚନକୁ ଆଣିଥାନ୍ତି । ଫଳରେ ଲୋକମାନେ ସେମାନଙ୍କ ମାଧ୍ୟମରେ ବିଭିନ୍ନ ଶିକ୍ଷା ପାଇଥାନ୍ତି । ଏହି ଶିକ୍ଷା ଦ୍ୱାରା ମନୁଷ୍ୟ ନିଜ ଜୀବନ ଯାତ୍ରାକୁ ଆଗେଇ ନେଇଥାଏ ବୋଲି ଡା. ପଣ୍ଡା କହିଥିଲେ । ସମ୍ମାନିତ ଅତିଥି ଭାବେ କଂଗ୍ରେସର ରାଜ୍ୟ ସମ୍ପାଦିକା ସସ୍ମିତା ପଣ୍ଡା, ଜଗତସିଂହପୁରର ପାଲାଗାୟକ ନାରାୟଣ ମହାରଣା ଓ ଆଠଗଡର ପାଲା ଗାୟକ ସନ୍ତୋଷ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କଣ୍ଠଶିଳ୍ପୀ ଦେବରିତୀ ରାଉତ, ପାଲାଗାୟକ ଶ୍ରୀଧର ସାହୁ, ଶିକ୍ଷକ ସୀତାକାନ୍ତ ରାଉଳ, ପାଲାଗାୟକ ଚିନ୍ମୟ ଦାସ, ସମାଜସେବୀ ପ୍ରଶାନ୍ତ ବିଶ୍ୱାଳ ଓ କେଦାରନାଥ ପରିଡା ପ୍ରମୁଖ ୧୦ଜଣଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକାରୀ ସଭାପତି ଗଗନବିହାରୀ ସିଂହ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଶ୍ରୀ ସାମନ୍ତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଧୁଭୂଷଣ ତ୍ରିପାଠୀ ବିବରଣୀ ପାଠ ଓ ପ୍ରବଚକ ନିରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଉପସଭାପତି ସବିତା ବରଜ, ସାଂସ୍କୃତିକ ସମ୍ପାଦକ ବାବାଜି ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଭ୍ୟ ଦେବେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ ଦାସଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ସଭ୍ୟସଭ୍ୟାମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ୬୨ଟି ସାଂସ୍କୃତିକ ଦଳ ଭଜନ, ଜଣାଣ, ସଂକୀର୍ତ୍ତନ, ଘୋଡାନାଚ, କେନ୍ଦରାଗୀତ, ଖଞ୍ଜଣୀ ଭଜନ, ସଖୀନାଟ, ଓଡିଶୀନୃତ୍ୟ, ଏକତାରା ଭଜନ, ଦାସକାଠିଆ ଓ ପାଲା ପ୍ରଭୃତି ପରିବେଷଣ କରିଥିଲେ ।

## ଅନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା

**ରାୟଗଡା,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ରବିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ ରାୟଗଡା ଦ୍ୱାରା ସ୍ଥାନୀୟ ଜିଲ୍ଲା ଅଦାଲତ ପରିସରରେ ସକାଳ ପ୍ରାତଃ ୯.୦୦ ଘଟିକା ଠାରୁ ଜିଲ୍ଲାସ୍ତରୀୟ ଅନ୍ତଃବିଦ୍ୟାଳୟ ଚିତ୍ରାଙ୍କନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଚିତ୍ରାଙ୍କନ ପ୍ରତିଯୋଗିତା ରାୟଗଡା ଜିଲ୍ଲା ଅଦାଲତ ସମେତ ଗୁଣୁପୁର, ବିଷମକଟକ, କାଶିପୁର ଅଦାଲତ ପରିସରରେ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି ଚିତ୍ରାଙ୍କନ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଅନ୍ୟ ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସ ଅଦାଲତର ବିଚାରପତି ସ୍ୱେତା ମିଶ୍ର, ମହିଳା କୋଟର ବିଚାରପତି ସସ୍ମିତା ମିଶ୍ର, ରେଜିଷ୍ଟ୍ରାର ରାଣା ଘୋଷ, ସବ୍ ଜଜ୍ ଆଶିସ୍ ପଟ୍ଟନାଏକ, ଉପଖଣ୍ଡୀୟ ବିଚାରବିଭାଗୀୟ ଦଣ୍ଡାଧିକାରୀ ବର୍ଷା ଦାସ, ଗ୍ରାମ ନ୍ୟାୟଧିକାରୀ ଏସ୍.ଆର ତୋସାଲି ଏବଂ ରାୟଗଡା ବାର ଆସୋସିଏସନର ଆଇନଜୀବି ଦେବରାଜ ନାଏକ ଓ ଅନ୍ୟ ଆଇନ ଜୀବି ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲାର ସମସ୍ତ (ସରକାରୀ ଓ ବେସରକାରୀ) ସ୍କୁଲ ର ଛାତ୍ର ଛାତ୍ରୀ ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

## ସତ୍ୟସାଇ ବାବାଙ୍କ ଜନ୍ମ ଜୟନ୍ତୀ

**କୋରେଇ,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ପ୍ରଭୁ ଶ୍ରୀ ଶ୍ରୀ ଭଗବାନ ସତ୍ୟସାଇ ବାବାଙ୍କ ୧୦୦ ଜନ୍ମ ଜୟନ୍ତୀ.ସାରା ଦେଶରେ ପାଳିତ ହେଉଛି ବାବାଙ୍କ ଜନ୍ମ ଦିବସ । ଏହି ପରି ପ୍ରେକ୍ଷୀରେ ଯାଜପୁର ରୋଡ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ବାବାଙ୍କ ଜନ୍ମ ଜୟନ୍ତୀକୁ ବହୁ ଆଡ଼ମ୍ବରରେ ପାଳନ କରାଯାଇଅଛି । ହଜାର ହଜାର ଭକ୍ତଙ୍କ ମେଳରେ ବାବାଙ୍କ ପାଲିଙ୍କି ଶୋଭାଯାତ୍ରାକୁ ସହର ପରିକ୍ରମା କରିବା ସହିତ, ଷୋଡଶ ଉପଚାର ପୂଜା, ଓଂକାର ଧ୍ୱନି, ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ, ପ୍ରଦୀପ ପ୍ରଜ୍ୱଳନ, ଅଧ୍ୟାତ୍ମିକ ଆଲୋଚନା ଓ ବେଦ ପାଠ କରାଯାଇଥିବା ମୁଖ୍ୟ ଉପଦେଷ୍ଟା ରସାନନ୍ଦ ମହାନ୍ତି ସୂଚନା ଦେଇଥିଲେ । ବାବାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ମାନବ ସେବା ହିଁ ମାଧବ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଭକ୍ତ ତଥା ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ ପରାମର୍ଶ ଦେଇଥିଲେ । ସାହାଯ୍ୟ କର ନିରନ୍ତର, ଅନ୍ୟର ଅନିଷ୍ଟ ନକର, ସମସ୍ତଙ୍କୁ ସେବା କର ଓ ସମସ୍ତଙ୍କୁ ଭଲ ପାଅ ବୋଲି ପୂର୍ବତନ ସଭାପତି ଶ୍ରୀ ସାହୁ କହିଥିଲେ । ଶେଷରେ ବାବାଙ୍କ ମଙ୍ଗଳା ଆଳତି କରାଯାଇ ପୂଜା କାର୍ଯ୍ୟ ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସେବା ସଂଗଠନ ର ସମସ୍ତ କର୍ମକର୍ତ୍ତାଙ୍କ ସହ ହଜାର ହଜାର ଭକ୍ତ ସହଯୋଗ କରିଥିଲେ ।

## ତ୍ରିଦିବସୀୟ ରାଜଯୋଗ ଧ୍ୟାନ ଉଦଯାପିତ

**ବ୍ରହ୍ମପୁର,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ପ୍ରଜାପିତା ବ୍ରହ୍ମାକୁମାରୀ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ଶାନ୍ତିକୁଣ୍ଡ ତରଫରୁ ରାମଚନ୍ଦ୍ରପୁରସ୍ଥ ପ୍ରଭୁ ଉପହାର ରିଟ୍ରିଟ୍ ସେଣ୍ଟର ଠାରେ ୨୫ବର୍ଷର ଅଭିଜ୍ଞତା ସମ୍ପନ୍ନ ମାଇଣ୍ଡ ଟ୍ରେନର (ପ୍ରଶିକ୍ଷକ) ତଥା ଯୁବ ପ୍ରେରଣା ପାଇଁ ବିଶ୍ୱ ଖ୍ୟାତିନାମା ପୁରୁଷ ମୁଖ୍ୟାଳୟ ମାଉଣ୍ଟ ଆବୁସ୍ଥ ରାଜଯୋଗୀ ବ୍ରହ୍ମାକୁମାର ଶକ୍ତିରାଜ ତ୍ରିଦିବସୀୟ ରାଜଯୋଗ ଧ୍ୟାନ ଶିବିରର ଉଦଯାପନ ଦିବସରେ ଉଦବୋଧନ ଦେଇ କହିଥିଲେ ଯେ ନିଜ ସମ୍ପୂର୍ଣ୍ଣ ସ୍ଥିତି ପ୍ରାପ୍ତ କରିବା ପାଇଁ ରାଜଯୋଗର ନିରନ୍ତର ଅଭ୍ୟାସ ଆବଶ୍ୟକ । କାରଣ ମନ ଚଞ୍ଚଳ ହେବା ଯୋଗୁଁ ନକାରାତ୍ମକ ଶକ୍ତି ଯେପରିକି କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ, ଅଲବେଲାପନ, ହତାଶ, ନିରାଶଭାବ ଆତୁରତା ଆଦି ବିକାରର ବଶୀଭୂତ ହୋଇଯାଉଛି । ପରିଣାମ ସ୍ୱରୂପ ଦୁଃଖ, ଅଶାନ୍ତି, ରୋଗ, ଶୋକ ଆଦିର ଶିକାର ହେଉଛି । ଏଣୁ ୱାଚ୍, କେଚ୍, ମେଚ୍‌ର ବିଧି ଦ୍ୱାରା ଆମେ କିଛି ସମୟ କେବଳ ଇତସ୍ତତଃ ଭ୍ରମିତ ମନକୁ ୱାଚ୍ ବା ନିରୀକ୍ଷଣ କରିବା ଦ୍ୱାରା ମନ ଶାନ୍ତ ତଥା ଏକାଗ୍ର ହେବ । ଏଥିସକାଶେ ନିରନ୍ତର ଅଭ୍ୟାସ ଏବଂ ବୈରାଗ୍ୟ ଭାବ ଧାରଣ କରିବାକୁ ହେବ । ମୁଁ ଏକ ଆତ୍ମା ଅଟେ, ଶରୀର ନୁହଁ ଏହା ଚିନ୍ତନ କରିବା ଦ୍ୱାରା ଆମ ହାତକୁ ଏକ ଲଗାମ ଆସିଯିବ ଏବଂ ଏହି ଲଗାମ ଦ୍ୱାରା ଆମେ ଭ୍ରମିତ ଲକ୍ଷ୍ୟହିନ ମନକୁ ନିୟନ୍ତ୍ରିତ କରିପାରିବା । ଏହା ହେଉଛି - କେଚ୍, ତତ୍‌ପରେ ଏକ ପାୱାର ହାଉସ, ସର୍ବଶକ୍ତିବାନ ପରମାତ୍ମାଙ୍କ ସହ ମନକୁ ଯୋଡ଼ିବା ଦ୍ୱାରା ପରମାତ୍ମ ଶକ୍ତି ଆମ ନିକଟକୁ ପ୍ରବାହିତ ହେବ ଏହା ହେଉଛି ମେଚ୍ । ସେତେବେଳେ ଏକ ଉଚ୍ଚତର ଉତ୍ସରୁ ସକାରାତ୍ମକ ଶକ୍ତି ପ୍ରବାହିତ ହେବା ଦ୍ୱାରା ଆମ ମନ ମଧ୍ୟ ଶକ୍ତିଶାଳୀ ହେବ । ଏଥିସକାଶେ ଶକ୍ତିରାଜ ଓଁ ଧ୍ୱନୀର ଉଚ୍ଚାରଣ ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗକୁ ରିଲାକ୍ସ କରିବାର ଶିକ୍ଷା ପ୍ରଦାନ କରିଥିଲେ । ନିୟମ ଅଛି ଆମେ ଯେପରି ବିଚାର କରିବା ସେପରି ହୋଇଯିବାର ଅନନ୍ତ ସମ୍ଭାବନା ନିହିତ ଅଛି । ଏଣୁ ମୁଁ କିଛି କରିପାରିବିନି, ମୋତେ ଅନ୍ୟ ଜଣେ କଣ୍ଟ୍ରୋଲ କରୁଛି କିମ୍ବା ଦୁଃଖ ଦେଉଛି ଏପରି ବିଚାର କେବେ କରିବା ଉଚିତ ନୁହଁ । ଏଣୁ ସକାରାତ୍ମକ ଆତ୍ମିକ ଶକ୍ତି ଦ୍ୱାରା ଆମେ ଅନ୍ୟମାନଙ୍କର ବିକାର ଯୁକ୍ତ ନକାରାତ୍ମକ ଶକ୍ତିର ଅଧିନ ନ ହୋଇ ସର୍ବଦା ମନକୁ ଆଦେଶ ଦେବା - ମୋତେ ପରମାତ୍ମା ଦ୍ୱାରା ଯେପରି ଆଦେଶ ମିଳିବ, ସେହି ଅବସ୍ଥାରେ ସ୍ଥିତ ହୋଇପାରିବି ଏବଂ ମୋର ଭବିଷ୍ୟ ବହୁତ ଉଜ୍ଜ୍ୱଳ - ଏପରି ଭିଜନ ଧାରଣ ଦ୍ୱାରା ଆମେ ଏକ ସାଧାରଣ ଆତ୍ମାରୁ ଦେବଆତ୍ମାରେ ପରିଣତ ହୋଇପାରିବା । ଏହାପରେ କିଛି ସମୟ ପାଇଁ ନିଜ ଜୀବନକୁ ପରିବର୍ତ୍ତନ କରିବା ସକାଶେ ଦୃଢ଼ପ୍ରତିଜ୍ଞ ହେବାର ଶିକ୍ଷା ପ୍ରଦାନ କରିଥିଲେ ଏବଂ ସର୍ବଶେଷରେ ପରମାତ୍ମାଙ୍କ ପ୍ରତି, ପରିବାର ପ୍ରତି ତଥା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ କୃତଜ୍ଞ ଭାବ ଧାରଣ କରି ଅଗ୍ରସର ହେବା ସକାଶେ ପ୍ରେରଣା ପ୍ରଦାନ କରିଥିଲେ । ବ୍ରହ୍ମପୁର ସବଜୋନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଭଗ୍ନୀ ମାଳା ସାଂସାରିକ ସମ୍ବନ୍ଧ ଏବଂ ବସ୍ତୁର ଆକର୍ଷଣରୁ ମୁକ୍ତ ହେବା ପାଇଁ । ଏକ ପରମାତ୍ମାଙ୍କ ସହ ବୁଦ୍ଧିଯୋଗ ସ୍ଥାପନ କରିବାର ଶିକ୍ଷା ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସହର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଗୋଲାବନ ଏୟାର ଡିଫେନସ କଲେଜର ପ୍ରାୟ ୩୦୦ ଜଣ ଉଚ୍ଚ ପ୍ରତିଷ୍ଠ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ ।

## ବିଦ୍ୟାଳୟରେ ବିଜ୍ଞାନ, ଗଣିତ ପ୍ରଦର୍ଶନୀ ମେଳା

**ମାହାଙ୍ଗା,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଉଁରିଆ ପଂଚାୟତସ୍ଥିତ ପଂଚାୟତ ହାଇସ୍କୁଲ ପନ୍ଦରବାଟିଆ, ପନ୍ଦରବାଟିଆ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ, ଗଣିତ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦ୍‌ଘାଟକ ଭାବେ ପୂର୍ବତନ ସିଆରସିସି ଅମର ପ୍ରସାଦ ଜେନା ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ପନ୍ଦରବାଟିଆ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରିକ୍ଷୀତ ବାରିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷିକେଶ ପଣ୍ଡା, ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାହୁନ୍ତ, ଭରତ ଚନ୍ଦ୍ର ଦାସ, କବିତା ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ଗୁଣାବଳୀର ବିକାଶ ହୋଇପାରିବ ବୋଲି କହିଥିଲେ । ଏଥିରେ ବିଚାରକ ଭାବେ ହନୁମାନଜୀଉ ବିଦ୍ୟା ନିକେତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଚ୍ଛୁତା ନନ୍ଦ ସାହୁ ଓ ଅଚ୍ୟୁତାନନ୍ଦ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କାହ୍ନୁଚରଣ ସାମଲ ଦାୟିତ୍ୱ ତୁଲାଇ ଥିଲେ । ଏଥିରେ ୩୨ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା । ଶିବପ୍ରସାଦ ରାଉତ, ପ୍ରଜ୍ଞାନ ପ୍ରିୟଦର୍ଶନ ସିଂହ, ଚିନ୍ମୟୀ ଲେଙ୍କା ପ୍ରମୁଖ ୩ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସର୍ବଶ୍ରୀ ସୁଶାନ୍ତ କୁମାର ସାହୁ, ବନବିହାରୀ ରାଉତ, ସନ୍ତୋଷ ଷଡଙ୍ଗୀ, ନରହରି ସାହୁ, ପ୍ରଦୀପ୍ତ ବିଶ୍ୱାଳ, ଶୁଭଶ୍ରୀ ନାୟକ, ଅଜୟ ସାହୁ, ଉପେନ୍ଦ୍ର ସାମଲ, ଚନ୍ଦ୍ରଶେଖର ନାୟକ, ହିମାଂଶୁ ଭୂଷଣ ପାଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

**AFFIDAVIT**

By virtue of an affidavit sworn before Executive Magistrate,Ghatgaon on Date 12/11/2025. I PRAMOD NAIK At/Po-Mukundpur Patna,Ps-Ghatgaon,Dist - Keonjhar,Pin-758027 Odisha, declare that the correction of my name and Date of Birth in my Aadhaar Card from PARAMANANDA NAIK TO PRAMOD NAIK and Date of Birth 15/07/1989 to 03/05/1998. Henceforth, I shall be known as PRAMOD NAIK for all future purposes.

## ଆତ୍ମନିର୍ଭରଶୀଳ ଭାରତ ଅଭିଯାନ

**ନିଆଳି,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡା ବ୍ଲକ ବ୍ରାହ୍ମଣସାଇଲୋ ପଞ୍ଚାୟତସାଧୁଛକ କନ୍ଦଳ ନଦୀପଠାରେ ନିଆଳୀ ନିର୍ବାଚନ ମଣ୍ଡଳସ୍ତରୀୟ ଆତ୍ମନିର୍ଭର ଶୀଳ ଭାରତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଆଳୀ ବିଧାୟକ ଛବି ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଗୋବିନ୍ଦପୁର ମଣ୍ଡଳ ସଭାପତି ଲଲାଟେନ୍ଦୁ ପାତ୍ର ସଭାପତିତ୍ୱ କରିଥିଲେ । ସଭାପରିଚାଳନା କରିଥିଲେ ରାଣୀଓଲା ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସରୋଜ କୁମାର ସ୍ୱାଇଁ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା କଣ୍ଟାପଡା ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ ପାତ୍ର, ବାରଙ୍ଗ ବ୍ଲକ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ ପାତ୍ର, କଣ୍ଟାପଡା ବ୍ଲକ ସାଂସଦ ପ୍ରତିନିଧି ସଂଗ୍ରାମ ପଟ୍ଟନାୟକ, ନିଆଳି ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ମୁଖ୍ୟଅତିଥି ଶ୍ରୀମଲ୍ଲିକ, ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ, କରି କିଭଳି ଲୋକମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିବେ କହିଥିଲେ । ଏହି କାର୍ଯ୍ୟକ୍ରମରେ ନିଆଳୀ ନିର୍ବାଚନମଣ୍ଡଳର ନିଆଳୀ କଣ୍ଟାପଡ଼ା, ବାରଙ୍ଗ ବ୍ଲକର ୪୫ଟି ଗ୍ରାମପଞ୍ଚାୟତରୁ ମାତ୍ର ହାତ ଗଣତୀ କେତୋଟି ଚାଷୀ ଯୋଗଦେଇ ଥିବା ବେଳେ ଶତାଧିକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ ।

## ପାଳନ ହେବ ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକୀ

**ଭୁବନେଶ୍ୱର,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ତଥା ଓଡ଼ିଶା ଗଠନର ପ୍ରକୃତ ବିନ୍ଧାଣୀ ପ୍ରଜ୍ଞାପୁରୁଷ ଡଃ. ଜାନକୀ ବଲ୍ଲଭପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ବର୍ଷବ୍ୟାପୀ ପାଳନ କରାଯିବ । ଏ ନେଇ ଏକ ପ୍ରସ୍ତୁତି କମିଟି ବୈଠକ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଆବାହକତ୍ୱରେ ସ୍ଥାନୀୟ ସ୍ୱସ୍ତି ପ୍ରିମିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ପୂର୍ବ ପ୍ରଶାସକ ନୀଳମାଧବ ମହାନ୍ତି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଶ୍ରୀମୟ କର, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ପ୍ରମୁଖ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶତବାର୍ଷିକ କମିଟିର ମୁଖ୍ୟ ସଂଯୋଜକ ଡଃ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବାହକ ନିରଞ୍ଜନ ପଟ୍ଟନାୟକ ଜାନକୀ ବଲ୍ଲଭଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ କରାଯାଇଥିବା ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ତାଙ୍କ ଜନ୍ମ ଶତବାର୍ଷିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ଆସନ୍ତା ଜାନୁଆରୀ ୩, ୨୦୨୬ଠାରୁ ଜାନୁଆରୀ ୩, ୨୦୨୭ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପୀ ପାଳନ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରଦାନ କରିବାକୁ ଉପସ୍ଥିତ ଅତିଥିମାନଙ୍କୁ ସେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମର ଏକ ମାର୍ଗଦର୍ଶିକାର ଭିଡିଓ ଚିତ୍ର ଯୁବନେତା ଅଭିଷେକ ମହାନନ୍ଦ ଉପସ୍ଥାପନ କରିଥିଲେ ।

ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବ ସାଂସଦ ଭୂପିନ୍ଦର ସିଂହ, ଡ. ବିମଳେନ୍ଦୁ ମହାନ୍ତି, ପୂର୍ବତନ ପ୍ରଶାସକ ରବିନାରାୟଣ ସେନାପତି, ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ସ୍ୱର୍ଗତ ଜାନକୀବଲ୍ଲଭଙ୍କ ସମସ୍ତ ରଚନାକୁ ଏକ ଗ୍ରନ୍ଥ ଆକାରରେ ପ୍ରକାଶ କରି ଓଡ଼ିଶାର ସମସ୍ତ ସ୍କୁଲ୍, କଲେଜ ଓ ବିଶ୍ୱବିଦ୍ୟାଳୟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ରଖି ଥିଲେ । ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସାହିତ୍ୟିକ ଦାଶ ବେନହୁର, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ, ବିଜେଡି ବିଧାୟକ ଗଣେଶ୍ୱର ବେହେରା, ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ, ସ୍ୱସ୍ତି ଅଧ୍ୟକ୍ଷ,ଜେକେ ମହାନ୍ତି ତାଙ୍କ ପ୍ରସ୍ତାବରେ ତାଙ୍କ ସମୟରେ ପ୍ରତିଷ୍ଠିତ କଳିଙ୍ଗ ଷ୍ଟାଡିୟମ୍‌କୁ ତାଙ୍କ ନାମରେ ନାମିତ କରିବା ସହିତ ଷ୍ଟାଡିୟମ୍ ପରିସରରେ ଏକ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ ।

ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ଡିଜି ଅମୀୟ ଭୂଷଣ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଭାରତର ରାଜଧାନୀ ଦିଲ୍ଲୀଠାରେ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ଶରତ ଚନ୍ଦ୍ର ଭଦ୍ର, ପୂର୍ବତନ ବିଚାରପତି ମନୋରଂଜନ ମହାନ୍ତି, ବିଜୟଲକ୍ଷ୍ମୀ ସାହୁ, ସାହିତ୍ୟିକ ଗୌରହରି ଦାସ, ଅସିତ ମହାନ୍ତି, ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ପିଲାଙ୍କ ଜାଣିବା ପାଇଁ ଶହେ ପୃଷ୍ଠାର ଏକ ପୁସ୍ତକ ପ୍ରକାଶ କରି ରାଜ୍ୟର ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରସ୍ତାବ ଦେଇଥିଲେ । ରାଜନେତା ପ୍ରସାଦ ହରିଚନ୍ଦନ, ପୂର୍ବତନ ଏଜି ଅଶୋକ ପରିଜା, ଆଡ଼ଭୋକେଟ ଧରଣୀଧର ନାୟକ, ଶକ୍ତି ଦାସ, ବିଜୟ ଦାସ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଜାନକୀ ବଲ୍ଲଭ ଚେୟାର୍ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ ।

ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସାମ୍ବାଦିକ ରବି ଦାସ, ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ପ୍ରଦୋଷ ପଟ୍ଟନାୟକ, ସତ୍ୟବ୍ରତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ । ସେହିପରି ମହମ୍ମଦ ମୁକିମ୍, ଡ. ଗୋବିନ୍ଦ ଭୂୟାଁ, ପୂର୍ବ ଜିଲ୍ଲା ଜଜ ରତିକାନ୍ତ ମହାପାତ୍ର, ସରୋଜ କାନ୍ତ ସିଂହ, ମହମ୍ମଦ ସକିଲ୍, ଇଂ ପ୍ରଭାକର ସ୍ୱାଇଁ, ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ବାବାଜୀ ପଟ୍ଟନାୟକ, ବିଜୟାନନ୍ଦ ସିଂହ, ଶିଶିର କୁମାର ନାୟକ ପ୍ରମୁଖ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ କର୍ମକ୍ଷେତ୍ର କଟକ ସହରରେ ଉତ୍ସବକୁ ବ୍ୟାପକଭାବେ ପାଳନ କରିବାକୁ ପ୍ରସ୍ତାବ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବନବିହାରୀ ମହାନ୍ତି, ସୀତା ବଲ୍ଲଭ ମହାପାତ୍ର, ପୁଷ୍ପରାଜ ପ୍ରଧାନ, କିଶୋର ଜେନା, ଗିରିବାଳା ବେହେରା, ବନ୍ଦିତା ପରିଡ଼ା, ଓକିଲ ଶିବାନନ୍ଦ ରାୟ ପ୍ରମୁଖ ଜାନକୀ ବଲ୍ଲଭ ସ୍ମାରକୀ ଫାଉଣ୍ଡେସନ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇଥିଲେ । ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ନଟବର ବାରିକ, ମନୋଜ ସାହୁ, ଡ଼ଃ ସମ୍ଭୁ ପାଣିଗ୍ରାହୀ, ମଧୁସ୍ମିତା ପଣ୍ଡା, କୁମାର ଶ୍ରୀ ଚିରଞ୍ଜିବି, ରାଧାକାନ୍ତ ଦିଗଲ, ସୁଧାକର ରାଉତ, ପ୍ରତିମା ମଲ୍ଲିକ, ସୀତାକାନ୍ତ ମିଶ୍ର, ବିଶ୍ୱରଂଜନ ମହାନ୍ତି, ପୂର୍ବତନ ବିଧାୟକ ରଘୁନାଥ ସାହୁ, ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଅମିତା ବିଶ୍ୱାଳ, ରାମଚନ୍ଦ୍ର ମହାପାତ୍ର, ଜନାର୍ଦ୍ଦନ ଦେହୁରୀ, ପ୍ରକାଶ ଜେନା, ରଞ୍ଜନ କୁମାର ଦାସ, ଡ. ଶରତ ମିଶ୍ର, କେ ରବି, ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ରବୀନ୍ଦ୍ର ମଲ୍ଲିକ, ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ, ସ୍ତମ୍ଭକାର, ପୂର୍ବତନ ପ୍ରଶାସକ ପ୍ରମୁଖ ଉପସ୍ଥିତ ରହି ମୂଲ୍ୟବାନ ପରାମର୍ଶମାନ ଦେଇଥିଲେ । ଶେଷରେ ପଦ୍ମାକର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ଜୁନିୟର ଖୋ-ଖୋ ଚମ୍ପିୟାନସିପ୍

**ବଲାଙ୍ଗିର,୨୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୨୭ରୁ ୨୮ ତାରିଖ ଦୁଇ ଦିନ ଧରି ଜଗନ୍ନାଥ ସ୍ପୋର୍ଟସ କମ୍ପ୍ଲେକ୍ସ ପୁରୀ ଠାରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆସନ୍ତା ରବିବାର ପୁରୁଷ ଓ ମହିଳା ବର୍ଗ, କନିଷ୍ଠ ବାଳକ ଓ ବାଳିକା ବର୍ଗ ତଥା ଉପ କନିଷ୍ଠ ବାଳକ, ବାଳିକାମାନଙ୍କର ଖେଳାଳୀ ଚୟନ କରାଯିବ । ଜିଲ୍ଲାର ଖେଳାଳୀମାନଙ୍କୁ ଜଣାଇ ଦିଆଯାଉଅଛି କି ସେମାନେ ନିଜର ଆଧାର କାର୍ଡ ସହ ଦିବା ଘ.୯ଟା ସମୟରେ ଟାଉନ ବାଳକ ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଉପସ୍ଥିତ ରହି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ । ବିଶେଷ ଯୋଗାଯୋଗ ପାଇଁ ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଖୋଖୋ ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ଜିଲ୍ଲା ଖୋଖୋ ପ୍ରଶିକ୍ଷକ ପଦ୍ମଚରଣ ଦାସଙ୍କ ସହ ଯୋଗାଯୋଗ କରିପାରିବେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୪ ନଭେମ୍ବର ୨୦୨୫ ● ସୋମବାର


## ଭଦ୍ରକ ସଂସଦୀୟ କ୍ଷେତ୍ର ସାଂସଦ ଖେଳ ମହୋତ୍ସବ



**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଏକ ଶିକ୍ଷାନୁଷ୍ଠାନ ଏସବିଡି ଇଣ୍ଟରନ୍ୟାସନାଲ ସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ,ସଂସ୍କୃତି, ଯୁବ ସେବା ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲିପ୍ ରାଉତରାଏ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଯୋଗ ଦେଇ ଭଦ୍ରକ ଜିଲ୍ଲାର ସାତଟି ବ୍ଲକ ଏବଂ ସଂସଦୀୟ କ୍ଷେତ୍ର ବାଲେଶ୍ୱର ଜିଲ୍ଲାର ସୋର ଏବଂ ସିମୁଳିଆରୁ ଆସିଥିବା ମୋଟ ୯୦୦ ଛାତ୍ରଛାତ୍ରୀ କ୍ରୀଡାବିତ୍‌ମାନଙ୍କୁ ସଂସଦୀୟ ଖେଳ ମହୋତ୍ସବରେ ଶୁଭେଚ୍ଛା ଜଣାଇଥିଲେ। କ୍ରୀଡାମନ୍ତ୍ରୀ ଶ୍ରୀ ସୁରଜ କହିଥିଲେ ବିକଶିତ ଭାରତ ଗଢ଼ିବା ଦିଗରେ ସମସ୍ତେ ସଂକଳ୍ପ ନେବା ସହ ସୁସ୍ଥ ନାଗରିକ, କ୍ରୀଡାର ଭିତ୍ତିଭୂମି ବିକାଶ ହେବା, ଗ୍ରାମାଞ୍ଚଳରୁ ପ୍ରତିଭା ଚିହ୍ନଟ ହୋଇ ପ୍ରତ୍ୟେକ ବିଦ୍ୟାଳୟ ଓ ଘରେ ଘରେ କ୍ରୀଡାବିତ୍ ସୃଷ୍ଟି କରିବା ହିଁ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପନା। ଏହି ସାଂସଦ ଖେଳ ମହୋତ୍ସବରେ ସମସ୍ତେ ଶପଥ ପାଠ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା। ଏହାପରେ ପ୍ରତିଯୋଗୀମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି କ୍ରିଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

## ସମାଜସେବୀ ପ୍ରତାପ ଦାସଙ୍କୁ ଅଟଳ ଓଡ଼ିଶା ଆଇକନ ଆୱାର୍ଡ

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜସେବୀ ଡ. ପ୍ରତାପ ଚନ୍ଦ୍ର ଦାସଙ୍କୁ ଅଟଳ ଓଡିଶା ଆଇକନ୍ ଆୱାର୍ଡ- ୨୦୨୫ ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ କଟକସ୍ଥିତ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅଟଳ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡା ମାଟିର ପୁଅ ଆଇନଜୀବୀ ଡ. ପ୍ରତାପ ଦାସଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଅଟଳ ସ୍ମୃତି କମିଟି ସଭାପତି ପ୍ରହଲ୍ଲାଦ ଖଣ୍ଡେଲୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜନଜାତି କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ ସମ୍ମାନିତ ଅତିଥି ଭାବେ ପୂର୍ବ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,ସ୍ମୃତି କମିଟି କନଭେନର ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସମାଜସେବୀ ଡ. ପ୍ରତାପ ଦାସଙ୍କୁ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି, ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅଟଳ ଓଡିଶା ଆଇକନ୍ ଆୱାର୍ଡ- ୨୦୨୫ରେ ସମ୍ମାନିତ କରିଥିଲେ। ସମାଜସେବୀ ଡ. ଦାସଙ୍କ ସମାଜସେବା, ଶିକ୍ଷା, ସ୍ୱାସ୍ଥ୍ୟସେବା, ସାମ୍ବାଦିକତା, ସାହିତ୍ୟ, ଚିତ୍ରକଳା, ସଂସ୍କୃତି ଓ ବୃତ୍ତିଗତ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ଆୱାର୍ଡ ମିଳିବା ପରେ ଡ. ଦାସଙ୍କୁ ବିଭିନ୍ନ କ୍ଷେତ୍ରରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ଲଘୁଚାପ ଜନିତ ବାତ୍ୟା ଆଶଙ୍କାରେ ଚାଷୀ ଭୟଭୀତ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବାତ୍ୟାରେ ପରିଣତ ହେବା ଆଶଙ୍କାରେ ଅଂଚଳର ଚାଷୀମାନେ ଏକ ପ୍ରକାର ଭୟଭିତ ଅବସ୍ଥାରେ ଥିବା ଜଣାପଡିଛି। ଚାରିଛକ ଅଂଚଳରେ ଥିବା ବିଭିନ୍ନ ପଂଚାୟତ ଗୁଡିକରେ ଚାଷୀମାନଙ୍କ ହଜାର ହଜାର ହେକ୍ଟର ଜମିରେ ଚାଷ ହୋଇଥିବା ପାଚିଲାଧାନ ସବୁ କ୍ଷେତରେ ପଡିରହିଛି। ଚାଷ ଜମି ଓଦା ଥିବାରୁ ଚାଷୀମାନେ ଧାନ କାଟିବା ସମ୍ଭବପର ହୋଇପାରିନଥିବାରୁ ପାଣିପାଗ ବିଭାଗ ବାତ୍ୟା ଆକଳନ କରିବା ଦ୍ୱାରା



ଚାଷୀମାନଙ୍କ ଭିତରେ ଏକ ପ୍ରକାର ଭୟର ବାତା ବରଣ ସୃଷ୍ଟି ହୋଇଛି। କେତେକ ଚାଷୀ ତାଙ୍କ ଚାଷ ଜମିରୁ ତରବରିଆ ଭାବେ ଧାନକୁ କାଟି ଉଚ୍ଚାସ୍ଥାନକୁ ବୋହି ଆଣୁଥିବା ଦେଖିବାକୁ ମିଳିଛି। ଲଘୁଚାପ ଅବପାତ ୪ଦିନ ବାକିଥିବା ବେଳେ ଆଜି ଠାରୁ କୋହଲାପାଗ ଦେଖି ଚାଷିମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ବାତ୍ୟା ବର୍ଷାରେ ଧାନ ଫସଲ ସହ ପନିପରିବା ନଷ୍ଟ ହେବାର ଆଶଙ୍କା ରହିଛି। ଚାରିଛକ ଅଂଚଳର ଜନସାଧାରଣ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଅଧିକାଂଶ ଚାଷଜମି ଖାଲଖମା ହୋଇଥିବାରୁ ଧାନ ଅମଳରେ ବାଧା ଉପୁଜୁଥିବା ଲକ୍ଷ କରାଯାଉଛି। ବାତ୍ୟା ମେଘୁାପରେ ପୁଣି ଏକ ବାତ୍ୟା ଚାଷିମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି।

## ୨୦ ଦିନ ତଳୁ ହ୍ୟୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଜଟିଳ ଥିଲା: ଡାକ୍ତର

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ହ୍ୟୁମାନ ସାଗରଙ୍କ ମୃତ୍ୟୁ ପରେ ଆରମ୍ଭ ହୋଇଯାଇଛି ବାଦବିବାଦ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିଲା, ହେଲେ ବି ତାଙ୍କୁ ଜାଣିଶୁଣି କାର୍ଯ୍ୟକ୍ରମରେ ଯିବାକୁ କୁହାଯାଉଥିଲା। ଏମିତିକି ତାଙ୍କୁ ତାଙ୍କ ପତ୍ନୀ ଓ ଝିଅଙ୍କୁ ଦେଖା କରିବାକୁ ଦିଆଯାଉନଥିବା ଭଳି ଅନେକ କଥା ସୋସିଆଲ ମିଡ଼ିଆରେ ଚର୍ଚ୍ଚାର କାରଣ ପାଲଟିଛି। ଏହାରି ମଧ୍ୟରେ ହ୍ୟୁମାନଙ୍କ ସଂପର୍କରେ ମୁହଁ ଖୋଲିଛନ୍ତି ତାଙ୍କର ପ୍ରଥମରୁ ଚିକିତ୍ସା କରୁଥିବା ଡାକ୍ତର ସଂଜୀବ କୁମାର କର। ଗଣମାଧ୍ୟମ ସାକ୍ଷାତକାରରେ ଡାକ୍ତର କର କହିଛନ୍ତି, ହ୍ୟୁମାନ ବ୍ୟକ୍ତିଗତ ଭାବେ ଜଣେ ଭଲ ମଣିଷ ଥିଲେ। ୨୦୨୪ ସେପ୍ଟେମ୍ବରରେ ସେ ତାଙ୍କ ପାଖକୁ ଆସିଥିଲେ। ପରୀକ୍ଷା ପରେ ହ୍ୟୁମାନ ସାଗର ଲିଭର ସିରୋସିସ ରୋଗରେ ପୀଡ଼ିତ ଥିବା ଜଣା ପଡ଼ିଥିଲା। ଏହାପରେ ତାଙ୍କର ଯଥୋଚିତ ଚିକିତ୍ସା ଆରମ୍ଭ ହୋଇଥିଲା। ୧୪ମାସ ମଧ୍ୟରେ ମୋଟ ୨୫ ଦିନ ସେ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ମଝିରେ ମଝିରେ ପେଟରୁ ପାଣି ବାହାର କରାଯାଉଥିଲା ଆଉ ଏଥିପାଇଁ ତାଙ୍କୁ ମଦ ପିଇବା ପାଇଁ ମନା କରାଯାଇଥିଲା। ଗତ ୨୦ ଦିନ ତଳୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଜଟିଳ ଥିଲା। ଏମିତିରେ ତାଙ୍କ ମା ହ୍ୟୁମାନଙ୍କୁ ଏମସରେ ଚିକିତ୍ସା ପାଇଁ ନେଇଥିଲେ। ଏହି ସମୟରେ ଡାକ୍ତର ଆହୁରି କହିଛନ୍ତି, ହ୍ୟୁମାନ ସାଗରଙ୍କ ସହ ତାଙ୍କ ବ୍ୟକ୍ତିଗତ ସହାୟକମାନେ ଆସିଥାନ୍ତି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଏନସିସିର ପ୍ରତିଷ୍ଠା ଦିବସ

**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୭୮ ତମ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ର ପ୍ରତିଷ୍ଠା ଦିବସ ମହା ଆଡମ୍ବରରେ କ୍ୟାପଟେନ ଡ. ଯତୀନ ବିଷୋୟୀଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ଅବସରରେ କର୍ଣ୍ଣେଲ ସମୀର କୁମାର କର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି)ର ପତାକା ଉତ୍ତୋଳନ କରିବା ସହ ସମର ଶିକ୍ଷାର୍ଥୀ ବାହିନୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ସେ ସମର ଶିକ୍ଷାର୍ଥୀଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିବା ସହ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଏନସିସି ୟୁନିଟ ଓଡ଼ିଶାର ସର୍ବପୁରାତନ ତଥା ପ୍ରଥମ ସ୍ଥାପିତ ୟୁନିଟ ବୋଲି ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଳିକ ଯୋଗଦେଇ ଦେଶ ଗଠନ, ଶୃଙ୍ଖଳିତ ଆଚରଣ ଓ ଉଚ୍ଚାରଣରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଥିବା ଅଗ୍ରଗଣ୍ୟ ଭୂମିକା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀ, ସୁବେଦାର ବିସନ ସିଂ ଗୁରୁମ୍, ନାଏବ ସୁବେଦାର ହୀରା ବାହାଦୁର ଗୁରୁମ୍, ନାଏବ ସୁବେଦାର ସୁଖଜିନ୍ଦର ସିଂ, ହାବିଲଦାର ଜଗଦୀଶ ସିଂ ପ୍ରମୁଖ ସହଯୋଗ କରିଥିଲେ। ଏ ଅବସରରେ ଦିଲ୍ଲୀ ଠାରେ ଅନୁଷ୍ଠିତ ସର୍ବ ଭାରତୀୟ ସ୍ଥଳ ସୈନିକ କ୍ୟାମ୍ପରେ ଓଡ଼ିଶା ନିର୍ଦ୍ଦେଶାଳୟ ତରଫରୁ ଆମ ବିଶ୍ୱବିଦ୍ୟାଳୟର ସମର ଶିକ୍ଷାର୍ଥୀ ଆୟୁଷ୍ମାନ ସ୍ୱାଇଁ, ବିନାୟକ ସାବତ, ଦେବାଶ୍ରିତା ପ୍ରିୟଦର୍ଶିନୀ, ରିତୁ କୁମାରୀ ଦଳାଇ, ମାମାଲି ସେଠୀ, ଶୁଭମ ଦାଶ, ଦେବକୀ ବେହେରା ପ୍ରମୁଖ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟ ପାଇଁ ସୁନାମ ଆଣିଥିବାରୁ ପୁରସ୍କୃତ କରାଯାଇଥିଲା। ଏହା ସହ ଏନସିସି ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ସମର ଶିକ୍ଷାର୍ଥୀ ବାହିନୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଯୁଦ୍ଧ କୌଶଳ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶତାଧିକ ସମର ଶିକ୍ଷାର୍ଥୀ ଅଂଶଗ୍ରହଣ କରିବା ସହ ଦେଶ ମାତୃକାର ମହାନ ଗାଥା ପ୍ରକାଶ କରିଥିଲେ।

## ଓଷ୍ଟା ମହିଳା କର୍ମକର୍ତ୍ତାଙ୍କ ରାଜ୍ୟସ୍ତରୀୟ କର୍ମଶାଳା ଉଦ୍‌ଯାପିତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**




ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ଦ୍ୱାରା ଆହୂତ ହୋଇଥିବା ଦୁଇଦିନିଆ ମହିଳା କର୍ମକର୍ତ୍ତାମାନଙ୍କର ରାଜ୍ୟସ୍ତରୀୟ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳା ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ଦଳଗତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ୧୨ଟି ପ୍ରସ୍ତାବ ରାଜ୍ୟ କାର୍ଯ୍ୟକାରୀ କମିଟିରେ ଆଲୋଚନା ପାଇଁ ପଠାଯାଇଥିଲା ବୋଲି ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହିଳା କର୍ମକର୍ତ୍ତାଙ୍କ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ସମୃଦ୍ଧିର ବିଭିନ୍ନ ଦିଗ ଓ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଉପରେ ଏକ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖିଛି। ସାଂପ୍ରତିକ ସ୍ଥିତିରେ ସରକାର ବିଦ୍ୟାଳୟ ଗୁଡ଼ିକୁ ବର୍ଗୀକରଣ ନକରି ଏକ ରାଜ୍ୟ, ଏକ ପ୍ରକାର ବିଦ୍ୟାଳୟର ପ୍ରସ୍ତାବ ପ୍ରଦାନ କରିବା ସହିତ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟା ଓ ଅନ୍ୟାନ୍ୟ ସାଂଗଠନିକ ପ୍ରସ୍ତାବ ଉପରେ ଆଜିର କର୍ମଶାଳାରେ ଆଲୋଚନା ହୋଇଥିଲା। ଆଲୋଚନାର ପ୍ରାରମ୍ଭରେ ସଂଗଠନର ସାଧାରଣ ସଂପାଦକ ଦଳଗତ ଆଲୋଚନା ଉପରେ ଟିପ୍ପଣୀ ପ୍ରଦାନ କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ଗଠନମୂଳକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ବର୍ତ୍ତମାନର ଜ୍ୱଳନ୍ତ ସମସ୍ୟା ମଧ୍ୟରେ ଅନୁଦାନ ଯୋଗ୍ୟ ବିଦ୍ୟାଳୟଗୁଡ଼ିକୁ ଅନୁଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ ନେବାକୁ ଥିବା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହିତ ପେନସନ୍ ପ୍ରଦାନ, ବିଭିନ୍ନ ଗ୍ରେଡ଼ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କର ନୋସନାଲ୍ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ମହିଳା କର୍ମକର୍ତ୍ତାମାନଙ୍କର ଭୂମିକା ଓ ସେମାନଙ୍କ ମଧ୍ୟରେ ବିଶ୍ୱାସ ଓ ବନ୍ଧୁତା ସମ୍ପର୍କରେ ଆଲୋଚନା କରି ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ସଂଗଠନର ବିତ୍ତ ଓ ବିକାଶରେ ମହିଳାମାନଙ୍କର ଭୂମିକା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ସଭାପତି ଅକ୍ଷୟ କୁମାର ମିଶ୍ର 'ଆମ ସଂଗଠନ ଇତିହାସ ଓ ବ୍ୟବସ୍ଥାରେ ମହିଳାମାନଙ୍କର ଭୂମିକା' ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ଆମେ ଓ ଆମ ସମ୍ବିଧାନ ଶୀର୍ଷକରେ ଆଲୋକପାତ କରିଥିଲେ। ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଆମ ମୁଖପତ୍ର ଓ ନାରୀ ସଶକ୍ତିକରଣ ଉପରେ ନିଜର ଅଭିଭାଷଣ ରଖିଥିଲେ। ଆନ୍ଦୋଳନ ସମ୍ପାଦକ ରମାକାନ୍ତ ମହାପାତ୍ର 'ଆନ୍ଦୋଳନରେ ଶିକ୍ଷୟିତ୍ରୀଙ୍କର ଭୂମିକା' ସମ୍ପର୍କରେ ଆଲୋଚନା ରଖିଥିଲେ। ରାଜ୍ୟ ମହିଳା ଉପସଭାପତି ରାଜଲକ୍ଷ୍ମୀ ବେହେରା ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ସଂପାଦିକା ଯୁଗପ୍ରଭା ସାବତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ଶୈକ୍ଷିକ ସମ୍ପାଦକ ପ୍ରଣବ କୁମାର ଜେନା, ସମ୍ପାଦିକା ରଞ୍ଜିତା ମିଶ୍ରଙ୍କ ସମେତ ଓଷ୍ଟାର ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନାରାୟଣଚନ୍ଦ୍ର ବାରିକ, ତ୍ରିଲୋଚନା ଦାସ, ରବିନ୍ଦ୍ରନାଥ ଯୋଶୀ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ସମସ୍ତ ନେତୃତ୍ୱମାନଙ୍କ ସହଯୋଗରେ ଏହି ଦୁଇଦିନିଆ କର୍ମଶାଳା ସୁରୁଖୁରୁରେ ସମାପନ ହୋଇଥିଲା।

## ଶିଶୁ କଳାକାର ଶ୍ରେୟା ବଂଶୀ ବାଦନରେ ସମ୍ମାନିତ



**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର କୁରାଂଗ ପ୍ରଧାନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୁଆଳି ମୌଜାର ଶିଶୁ କଳାକାର ଶ୍ରେୟା ଛୋଟରାୟଙ୍କୁ ଭୁବନେଶ୍ୱରରେ ଅବନ୍ତିକା ଏକାଡେମୀ ତରଫରୁ ଆୟୋଜିତ ରାଷ୍ଟ୍ରୀୟ ସାଂସ୍କୃତିକ ମହୋତ୍ସବରେ ବଂଶୀ ବାଦନରେ ସମ୍ମାନିତ କରାଯାଇଛି। ପିତାମହ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ପ୍ରତିଷ୍ଠାତା ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ,ମାତା ଗୁରୁକୁଳର ନୃତ୍ୟଗୁରୁ ସଂଗୀତା ଛୋଟରାୟ ଓ ପିତା ସୌଭାଗ୍ୟ ନାରାୟଣ ଛୋଟରାୟଙ୍କ ପ୍ରୋତ୍ସାହନରେ ଶ୍ରେୟା ୭ ବର୍ଷ ବୟସରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରିବା ସହିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଗୁରୁ ଶ୍ରୀନିବାସ ଶତପଥୀଙ୍କଠାରୁ ବଂଶୀ ବାଦନ ଶିକ୍ଷା କରି ନିକଟ ଅତୀତରେ କେନ୍ଦ୍ର ସଂସ୍କୃତି ବିଭାଗ,ନୂଆଦିଲ୍ଲୀ ତରଫରୁ ସ୍କଲାରସିପ ପାଇ ଏହି କଳାରେ ଶିକ୍ଷା ଲାଭ କରିବା ସହିତ ମାତା ନୃତ୍ୟ ଗୁରୁଙ୍କଠାରୁ ଓଡ଼ିଶୀ ନୃତ୍ୟ ଓ ଗୁରୁ ଶ୍ରୀନିବାସ ଶତପଥୀଙ୍କଠାରୁ ବଂଶୀ ବାଦନ ଶିକ୍ଷା କରୁଛନ୍ତି। ବ୍ରାହ୍ମଣଝରିଲୋ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଦ୍ୟା ଅଧ୍ୟୟନ କରିବା ସହିତ ଶିଶୁ ଅବସ୍ଥାରୁ ଅଞ୍ଚଳର ଏକ କଳାକାର ପରିବାରରେ ଜନ୍ମ ହୋଇ କଳାପ୍ରତି ଏପରି ରୁଚି ନିମନ୍ତେ ଅଞ୍ଚଳର ଅନେକ ଶିକ୍ଷାବିତ୍ କଳାପ୍ରେମୀ ତାଙ୍କ ସୁଦୀର୍ଘ ନିରାମୟ ଜୀବନ ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଦେଶୀ ଧାନ ଚାଉଳ ବିକ୍ରି ପାଇଁ ଓରମାସକୁ ସାମିଲ କରାଯିବ

**ନିଆଳୀ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ନିଆଳୀ ସ୍ଥିତ ପୂର୍ବଖଣ୍ଡ ମୌଜାରେ ଅବସ୍ଥିତ ରାଜେନ୍ଦ୍ର ଦେଶୀ ଧାନ ଗବେଷଣା କେନ୍ଦ୍ରକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପରିଦର୍ଶନରେ ଆସି ଜୈବିକ ପଦ୍ଧତିରେ ଦେଶୀ ବିହନ କେନ୍ଦ୍ର, ଗବେଷଣା କେନ୍ଦ୍ର ପରିଦର୍ଶନ ସହିତ ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କକୁ ଉଦଘାଟନ କରିଛନ୍ତି। ଗ୍ରାମାଞ୍ଚଳରେ ଦେଶୀ ଧାନ ଗବେଷଣା କେନ୍ଦ୍ର ଦେଖି ବିମୁହିତ ହେବା ସହିତ ଜୈବିକ ପଦ୍ଧତି ଧାନ ଚାଷ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ରାଜେନ୍ଦ୍ର ଧାନ ଗବେଷଣା କେନ୍ଦ୍ର ପରିଦର୍ଶନ ସମୟରେ ମନୋଜ ଆହୁଜା କହିଛନ୍ତି ଯେ ଭାରତ ସରକାର ଏହି ଯୋଜନା ଉପରେ ଗୁରୁତ୍ୱ ଦେଉଛନ୍ତି। ନଟବର ଷଡ଼ଙ୍ଗୀ ଉଦ୍ୟମରେ ନିଆଳି ବ୍ଲକ୍ ପୂର୍ବଖଣ୍ଡ ମୌଜାରେ ରାଜେନ୍ଦ୍ର ଧାନ ଗବେଷଣା କେନ୍ଦ୍ର ଯାହା କରିଛନ୍ତି ସେହି ଉପରେ ଆଧାରିତ। ଭାରତରେ ଯେଉଁ ଧାନ ଉତ୍ପାଦନ କରୁଛି, ସେଥିରେ ବହୁ ପରିମାଣରେ ରସାୟନିକ ସାର ବ୍ୟବହାର ହେଉଛି। ଅଧିକ ସାର ବ୍ୟବହାର ଦ୍ୱାରା ଏହାର କୁପ୍ରଭାବ ପଡୁଛି। ପୁରୁଣା ପ୍ରଣାଳୀ ମାଧ୍ୟମରେ ଯେଉଁ ଉଦ୍ୟମ ହୋଇଛି ଏହା ପ୍ରଶଂସନୀୟ। ରସାୟନିକ ସାରକୁ ବାଦ ଦେଇ ଜୈବିକ ପଦ୍ଧତିରେ କ'ଣ ସବୁ ବ୍ୟବହାର ହୋଇପାରିବ ରାଜେନ୍ଦ୍ର ଗବେଷଣା କେନ୍ଦ୍ର ଠାରୁ ଶିଖି ହେବ। ଆଗାମୀ ଦିନରେ 'ଓରମାସ'କୁ ନେଇ ଦେଶୀ ଧାନର ଚାଉଳକୁ ବ୍ରାଣ୍ଡିଙ୍ଗ କରି ବଜାରରେ ବିକ୍ରି ଉପରେ ଗୁରୁତ୍ୱ ଦେଉଛନ୍ତି। ଫଳରେ ଦେଶୀ ଧାନ ଅଧିକ ଦାମରେ ବିକ୍ରି ହୋଇପାରିବ। ରାଜେନ୍ଦ୍ର ଦେଶୀଧାନ ଗବେଷଣା କେନ୍ଦ୍ରରେ ପାଞ୍ଚ ଶହରୁ ଅଧିକ ଦେଶୀ ଧାନ ମୁଁ ଦେଖିବା ପାଇଁ ପାଇଛି। ଆଗାମୀ ଦିନରେ ଏଠାରେ ଗୋବିନ୍ଦ ଭୋଗ ଧାନ ଜଗନ୍ନାଥଙ୍କ କୋଠ ଭୋଗରେ ସାମିଲ ହୋଇଛି ବୋଲି କହିଛନ୍ତି। ଦେଶୀ ଧାନ ବିହନ ରଖିବା ପାଇଁ ଷ୍ଟୋରେଜ ଆବଶ୍ୟକତା ରହିଛି ସେଥିପାଇଁ ଗୋଷ୍ଠୀ ଦେଶୀ ବିହନ ବ୍ୟାଙ୍କକୁ କଲେ ଉଦଘାଟନ କରିଛି। ସେହିପରି ନିଆଳି ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂ ଓ ବାଲିପାଟଣା ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ପବିତ୍ର ମୋହନ ପଟେଲ ଉପସ୍ଥିତ ରହି ମୁଖ୍ୟ ଶାସନ ସଚିବଙ୍କ ଦେଶୀ ଧାନ ଚାଷ ଓ ଗବେଷଣା କେନ୍ଦ୍ର ପରିଦର୍ଶନ ସମୟରେ ପ୍ରତ୍ୟେକ କାର୍ଯ୍ୟକୁ ପ୍ରଶଂସା ଦେଶୀ ଧାନ କ୍ଷେତ ପରିଦର୍ଶନ ଓ ଗୋବିନ୍ଦ ଭୋଗ ଜଗନ୍ନାଥଙ୍କ କୋଠ ଭୋଗରେ ସାମିଲ ହୋଇଥିବା ନେଇ କହିଛନ୍ତି।

## ପଦ୍ମଭୂଷଣ ଯତୀନ୍ ଦାସଙ୍କୁ ପ୍ରାଚୀ ରତ୍ନ ସମ୍ମାନ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଚୀ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଭୂଷଣ ଯତୀନ୍ ଦାସଙ୍କୁ ଭୁବନେଶ୍ୱର, ଜେ.ଡି ସେଣ୍ଟର ଅଫ୍ ଆର୍ଟ ଠାରେ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି 'ପ୍ରାଚୀ ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ପଦ୍ମଭୂଷଣ ଯତୀନ୍ ଦାସ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଚିତ୍ରକଳା ପ୍ରଦର୍ଶନୀରେ ନିଜର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିପାରିଛନ୍ତି। ଅନେକ ପାରମ୍ପରିକ ଚିତ୍ରକଳା ମଧ୍ୟ ସଂଗୃହିତ କରି କଳା ଜଗତକୁ ସମୃଦ୍ଧ କରିଛନ୍ତି। ଏହି ସଭାରେ ସଭାପତିତ୍ୱ କରି ପ୍ରଫେସର ଡକ୍ଟର ମନ୍ଦାକିନୀ ଦାସ ପଦ୍ମଭୂଷଣ ଯତୀନ୍ ଦାସଙ୍କ କଳାଜଗତରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡକ୍ଟର ଦ୍ୱୀପାୟନ ପଟ୍ଟନାୟକ ଯୋଗଦାନ କରିଥିଲେ। ସାଇ ବିଶ୍ୱନାଥ ତ୍ରିପାଠୀ ମାନପତ୍ର ପାଠ କରିଥିଲେ। ଧିରେନ୍ ଦାସ, ରାମହରି ଜେନା, ବିଶ୍ୱଜିତ୍ ରାଉତ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ଶେଷରେ ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟ୍ରିଟ୍ ଫୁଡ୍ ଭେଣ୍ଡର ତାଲିମ ଓ ଫୁଡ୍ ସେଫ୍ଟି ସାର୍ଟିଫିକେଟ କାର୍ଯ୍ୟକ୍ରମ



**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଏସ୍.ଜେ ରେଗେନ୍ସିରେ ଜାତୀୟ ଉଠା ଦୋକାନୀ ସଂଘ ଓ ଜିଲ୍ଲା ଉଠା ଦୋକାନି ସଂଘ ଆନୁକୁଲ୍ୟରେ ତିନି ଦିନିଆ ଷ୍ଟ୍ରିଟ ଫୁଡ୍ ଭେଣ୍ଡର ତାଲିମ ଶିବର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରକୁ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ଉଦ୍‌ଘାଟନ କରିଥିଲେ। ବଲାଙ୍ଗିର ସହରର ୨୫୦ ଜଣ ଷ୍ଟ୍ରିଟ ଫୁଡ୍ ଭେଣ୍ଡରଙ୍କୁ ତାଲିମ ଦିଆଯାଇଥିବା ବେଳେ ଫୁଡ୍ ସେଫ୍ଟି ବାବଦରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତଙ୍କୁ କୁକ୍ ଏପ୍ରନ ଏବଂ ଫୁଡ୍ ସେଫ୍ଟି ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ଯଥା ପିଏମ୍ ସ୍ୱନିଧି, ଅଣସଂଗଠିତ ଶ୍ରମିକ କାର୍ଡ, ଷ୍ଟ୍ରିଟ ଭେଣ୍ଡର ଭାବରେ ରେଜିଷ୍ଟ୍ରିଭୁକ୍ତ ହେବା ପାଇଁ ଅବଗତ କରାଯାଇଥିଲା। ସଭାପତି ଶମ୍ଭୁ ନାଗଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଗାମୀ ଦିନରେ ସଂଘ କିପରି ସୁଦୃଢ ହେବ ସେ ଉପରେ ସମସ୍ତ ସଭ୍ୟ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜାତୀୟ ପର୍ଯ୍ୟବେକ୍ଷକ ରୂପେ ରାଜିବ କୁମାର ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସଂଘର ସଂପାଦକ ବିଶ୍ୱଜିତ ସାହୁ, ଉପ-ସଭାପତି ବରୁଣ ବାଗ, ସାଧାରଣ ସଂପାଦକ କର୍ଣ୍ଣରାଜ ପାଣିଗ୍ରାହୀ, ସୁଦାମ ସିଂ, ଗୋପାଳ ସାହୁ ଓ ଅନ୍ୟମାନେ ପରିଚ଼ଳନା କରିଥିଲେ। ତିନି ଦିନର ଏହି କାର୍ଯ୍ୟକ୍ରମରେ ପୌର ପରିଷଦର କାଉନସିଲର ଇସ୍‌ମତ ଆରା ଖାନ, କିଶୋର କୁମ୍ଭାର, ଗଙ୍ଗାଧର ଋନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ ଓ ଶତୃଘନ ବାଗ ପ୍ରମୁଖ ସହିତ ଖାଦ୍ୟ ନିରାପତ୍ତା ଅଧିକାରୀ ଯୋଗ ଦେଇ କାର୍ଯ୍ୟକ୍ରମର ଅଂଶିଦାର ଭାବରେ ସହଯୋଗ କରିଥିଲେ।

## ନୂଆ ରାଜସ୍ୱ ସଂସ୍କାର ଜମି ମାଫିଆଙ୍କ ପାଇଁ ଟେନ୍ସନ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ରାଜସ୍ୱ ରେକର୍ଡ ଆଧୁନିକୀକରଣ ଓ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ସମାଧାନ ପାଇଁ ସରକାର ଯେଉଁ ବ୍ୟାପକ ଯୋଜନା ନେଇଛି, ତାହାର ପ୍ରତ୍ୟକ୍ଷ ପ୍ରଭାବ ଯାଜପୁର ଜିଲ୍ଲାର ଦାନଗଦି ଓ ସୁକିନ୍ଦା ବ୍ଲକରେ ଦେଖାଯିବ ବୋଲି ଆଶା କରାଯାଉଛି।

କୋଡ଼ ଦଶନ୍ଧିରୁ ଦାନଗଦି-ସୁକିନ୍ଦାରେ ଜମିଜମା ସାଧାରଣ ଜନତାଙ୍କ ସମସ୍ୟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇ ରହିଛି। ଯାଜପୁର ଜିଲ୍ଲାର ଏହି ଦୁଇଟି ବ୍ଲକରେ ବିଭିନ୍ନ ଶିଳ୍ପ ପ୍ରକଳ୍ପ ବୃଦ୍ଧି, ଖଣି ଅଞ୍ଚଳ ଓ ବସ୍ତି ସଂପ୍ରସାରଣ ଥିବାରୁ ଜମି ଅଧିଗ୍ରହଣ, ଜମିପଟ୍ଟା ନବୀକରଣ, ଜବରଦଖଲ ଓ ମାମଲା ନିର୍ଣ୍ଣୟ ନେଇ ବହୁ ସମସ୍ୟା ରହିଛି। ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଦ୍ୱାରା ଘୋଷିତ ନୂଆ ପଦକ୍ଷେପ ଏହି ଦୁଇ ବ୍ଲକ ପାଇଁ ବଡ଼ ଆଶ୍ୱସ୍ତି ଆଣିପାରେ ବୋଲି କିଛି ଅଧିକାରୀମାନଙ୍କ ମତ। ଦୁଇ ବ୍ଲକ ବିଶେଷ କରି ଦାନଗଦି ତହସିଲ ଅଞ୍ଚଳରେ ବହୁ ଗ୍ରାମ ତଥା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜବରଦଖଲ ହୋଇଥିବା ସରକାରୀ ଜମିକୁ ମୁକ୍ତ କରିବେ ସରକାର ଆଶା ସୃଷ୍ଟି ହୋଇଛି। ଦୁଇ ବ୍ଲକରେ ସରକାରୀ, ଗୋଚର, ଜଙ୍ଗଲ ଜମି ସହିତ ସର୍ବସାଧାରଣ ଜମିକୁ ମାଫିଆମାନେ କିଛି ଅସାଧୁ ଅଧିକାରୀଙ୍କୁ




ହାତ କରି ଏକର ଏକର ଜମିକୁ ନିଜ କବ୍‌ଜାକୁ ନେଇ ବଡ଼ବଡ଼ ଘର ଓ ଜମିକୁ ଚଢ଼ା ଦାମରେ ବିକ୍ରି କରୁଥିବା ଅଭିଯୋଗ ହୁଏ। ମାଫିଆମାନେ ସଫଳ ହେବା ପଛରେ ଥିବା ଅସାଧୁ ଅଧିକାରୀଙ୍କ କାର୍ଯ୍ୟ କଳାପ ଉପରେ ଯଦି ସରକାର ତଦନ୍ତ କରନ୍ତି ବହୁ ତଥ୍ୟ ପଦାକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

ଦାନଗଦି ଓ ସୁକିନ୍ଦାରେ ଅନେକ ସରକାରୀ ଓ ସର୍ବସାଧାରଣ ଜମିରେ ଗୃହନିର୍ମାଣ, ଚଢ଼ା ଦାମରେ ବିକ୍ରି ବ୍ୟବସାୟିକ କାମ କିମ୍ବା ଚାଷ ନାମରେ ବର୍ଷବର୍ଷ ଧରି ଜବରଦଖଲରେ ଥିବା ଅଭିଯୋଗ ଆସୁଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହି ଜମିଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ଉଚ୍ଛେଦ ଓ ସରକାର ଅଧୀନକୁ ଆଣିବା ପ୍ରକ୍ରିୟା ଆଗକୁ ବଢ଼ିବ ସାଧାରଣ ଜନତାଙ୍କ ମନରେ ଖୁସି ଆସୁଥିବା ବେଳେ ଜମି ମାଫିଆ ଏବଂ ଅସାଧୁ ବିଭାଗୀୟ ଅଧିକାରୀଙ୍କ ମନରେ ଛନକା ପଶିଲାଣି ଏପରି ଚର୍ଚ୍ଚା ସାଧାରଣରେ ହେଉଛି। ଶିଳ୍ପ ପ୍ରକଳ୍ପ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଦାନଗଦି ଓ ସୁକିନ୍ଦାରେ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ସୁକିନ୍ଦା ଖଣି ଅଞ୍ଚଳ ଓ କଳିଙ୍ଗନଗର ଶିଳ୍ପ ବେଲ୍ଟର ବିସ୍ତାର ପାଇଁ ଏଠାରେ ଜମି ଚାହିଦା ଅଧିକ। ଶିଳ୍ପ ଖଣିରେ କାର୍ଯ୍ୟ ପାଇଁ ବହୁ ସଂଖ୍ୟାରେ ଶ୍ରମିକ, କର୍ମଚାରୀ ଏବଂ ବେପାରୀ ଦିନକୁ ଦିନ ବୃଦ୍ଧି ପାଉଛି। ଏମାନେ କଳିଙ୍ଗନଗରରେ ରହିବା ପାଇଁ ଘର, ବେପାର ପାଇଁ ଜମି ଆବଶ୍ୟକ ହେଉଛି। ମନ୍ତ୍ରୀଙ୍କ ଅନୁସାରେ ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ଯୋଗାଇଦେବେ ଯାହା ସୁକିନ୍ଦାର ପ୍ରଗତି ପାଇଁ ମୂଳ ଭୂମିକା ନେବ।

ଅନେକ ସମୟରେ ଅଭିଯୋଗ ଆସେ ଜମି ଅଧିଗ୍ରହଣରେ ବିଳମ୍ବ ଦାନଗଦି ଓ ସୁକିନ୍ଦାର ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ଦାନଗଦି ବ୍ଲକ୍‌ର ଗ୍ରାମୀଣ ରାସ୍ତା, ସ୍କୁଲ, ବିପଦ୍ ଆଶ୍ରୟ, ଆଙ୍ଗନବାଡ଼ି, ସରକାରୀ ପ୍ରକଳ୍ପ, ଖେଳ ପଡିଆ, ପାର୍କ ବନ୍ଧ ଇତ୍ୟାଦି ପ୍ରକଳ୍ପ ଅନେକ ଜମି ବିବାଦ ଯୋଗୁଁ କାର୍ଯ୍ୟ ଅଟକିଥାଏ। ସୁକିନ୍ଦାରେ ଶିଳ୍ପ ପ୍ରସାରଣ ଏବଂ ଖଣି ପାଇଁ ଆବଶ୍ୟକତାକୁ ନେଇ ଜମି ମାପ, ପଟ୍ଟା ବିବାଦ ଓ କ୍ଷତିପୂରଣ ବିଳମ୍ବ ସାଧାରଣ ଅଭିଯୋଗ। ମନ୍ତ୍ରୀଙ୍କ ନୂତନ ନିର୍ଦ୍ଦେଶ ଅନୁସାରେ କ୍ଷତିପୂରଣ ଦେବାରେ ବିଳମ୍ବ ଶୂନ୍ୟ କରାଯିବ, ୩–୫ ବର୍ଷଲଗୁଥିବା ଅଧିଗ୍ରହଣ ପ୍ରକ୍ରିୟା ସରଳୀକରଣ, ନଭେମ୍ବର ଶେଷ ସୁଦ୍ଧା ପ୍ରତ୍ୟେକ ଜିଲ୍ଲାପାଳଙ୍କ ରିପୋର୍ଟ ପଡିବ। ରାଜସ୍ୱ ରେକର୍ଡର ଆଧୁନିକୀକରଣ ଦାନଗଦି ସାଧାରଣ ଲୋକଙ୍କ ପାଇଁ ବଡ଼ ଲାଭ ସହିତ ବହୁ ଦିନର ସମସ୍ୟା ଦୂର ହେବ। ନୂଆ ସରକାର ଆଣିଥିବା ରାଜସ୍ୱ ସଂସ୍କାର ଓ ଅନଲାଇନ୍ ରେକର୍ଡ ସିଷ୍ଟମ ଦାନଗଦି ତହସିଲରେ ଏହି ବିଳମ୍ବ କମାଇଦେବ ବୋଲି ଅନୁମାନ କରାଯାଉଛି। ଯାଜପୁର ଜିଲ୍ଲା ବିଶେଷକରି ବନ୍ୟାପ୍ରବଣ ହେବାରୁ ଦାନଗଦି ଏବଂ ସୁକିନ୍ଦା ବ୍ଲକ ପାଇଁ ଏହି ପ୍ରକଳ୍ପ ଅତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ। ଦାନଗଦି ଓ ସୁକିନ୍ଦାର ଜମିଜମା ସଂସ୍କାର ପ୍ରସ୍ତାବ ନଭେମ୍ବର ପୂର୍ବରୁ ପଠାଇବାକୁ ଅଧିକାରୀଙ୍କ ଠାରୁ ଗୁପ୍ତ ସୂଚନା ମିଳିଛି। ଆଇନ ସଂପର୍କିତ ସଂଶୋଧନ ପ୍ରସ୍ତାବ ଆଗାମୀ ଫେବୃୟାରୀ ମାସ ସୁଦ୍ଧା ପଠାଇବାକୁ ପଡ଼ିବ। ଏହା ଦ୍ୱାରା ଜିଲ୍ଲାରେ ଜମିଜମା ପ୍ରଶାସନର ଏକ ସ୍ୱଷ୍ଟ ରୋଡମ୍ୟାପ୍ ସୃଷ୍ଟି ହେବ। ଜିଲ୍ଲା ଅଧିକାରୀଙ୍କ ପାଇଁ ସ୍ୱଷ୍ଟ ନିର୍ଦ୍ଦେଶ ପରେ ଅଧିକାରୀ ତତ୍ପର ହୋଇ ପଡିଛନ୍ତି। ରାଜ୍ୟ ସରକାର ଘୋଷିତ ଆଧୁନିକ ରାଜସ୍ୱ ପରିଚାଳନା ପ୍ରଣାଳୀ ଦାନଗଦି ଓ ସୁକିନ୍ଦା ବ୍ଲକରେ ଦୀର୍ଘବର୍ଷର ଜମି ବିବାଦ, ଜବରଦଖଲ, ଅଧିଗ୍ରହଣ ବିଳମ୍ବ ଓ ରେକର୍ଡ ଅସମନ୍ୱୟ ସମସ୍ୟାକୁ ଦୂର କରିପାରେ ବୋଲି ଅଞ୍ଚଳବାସୀ ଆଶା କରୁଛନ୍ତି। ସରକାରୀ ପଦକ୍ଷେପ ସଠିକ ଭାବେ ନିଷ୍ପାଦିତ ହେଲେ ଏହି ଦୁଇଟି ବ୍ଲକ ସରକାରୀ ଜମି, ଶିଳ୍ପ ପ୍ରକଳ୍ପ ଓ ସାଧାରଣ ଲୋକଙ୍କ ହିତରେ ଗତି ଆଣିପାରିବ ସାଧାରଣରେ ମତ ପ୍ରକାଶ ପାଉଛି।

## ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସହରର ଐତିହ୍ୟ, ପରମ୍ପରାକୁ ବଜାୟ ରଖିବା, ସହରବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ପାଇଁ ସଦାସର୍ବଦା ଲଢ଼େଇ ଜାରି ରଖିଥିବା ଅଗ୍ରଣୀ ସାମାଜିକ ସଂଗଠନ 'ମୋ କଟକ ସୁରକ୍ଷା ମଞ୍ଚ'ର ଆସନ୍ତା ୧୪ତାରିଖ ରବିବାର ଦିନ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଷଷ୍ଠ ସ୍ୱନକ୍ଷତ୍ର ଉତ୍ସବ ସହିତ ବାରବାଟୀ ସମ୍ମାନ-୨୦୨୫ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍‌ଘାଟକ ଭାବେ ବିଶିଷ୍ଟ ଶିଳ୍ପପତି ତଥା କଟକ ମାଟିର ସୁଯୋଗ୍ୟ ସନ୍ତାନ ସୁରେନ୍ଦ୍ରନାଥ ପଣ୍ଡା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୧୯୯୯ମସିହାରେ ଶିଳ୍ପ ଜଗତରେ ପ୍ରବେଶ କରି ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ଜଣେ ସଫଳ ଶିଳ୍ପ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠା କରି ଜୟ ଭାରତ ସ୍ପାଇସେସ୍ ପ୍ରା.ଲି. ଦ୍ୱାରା ଅଗଣିତ ମଣିଷଙ୍କୁ ରୋଜଗାରକ୍ଷମ କରାଇବା ସହ ସମାଜର ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟ ଓ




ସେବାରେ ନିଜକୁ ସମର୍ପିତ କରିଥିବା ବିଶିଷ୍ଟ ଶିଳ୍ପପତି ସୁରେନ୍ଦ୍ରନାଥ ପଣ୍ଡାଙ୍କୁ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନ-୨୦୨୫ରେ ସମ୍ବର୍ଦ୍ଧିତ କରାଯିବ। ଏହି କାର୍ଯ୍ୟକ୍ରମରେ ଅନନ୍ୟ ପ୍ରତିଭା, ସମାଜରେ ଅବହେଳିତ ଅସହାୟ ଲୋକଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଉଥିବା ସାମାଜିକ ସଂଗଠନ, ସାମାଜିକ କର୍ମୀ, ନିର୍ଭୀକ ନିରପେକ୍ଷ ସାମ୍ବାଦିକତା କରୁଥିବା ସାମ୍ବାଦିକ, ଫଟୋଗ୍ରାଫର, ଭିଡିଓ ଜର୍ଣ୍ଣାଲିଷ୍ଟ, ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରୁଥିବା ସୂଚନା ଅଧିକାର କର୍ମୀ, ମାନବାଧିକାର କର୍ମୀ, ଭାଇଚାରା ସହର କଟକର ମୁରବୀଙ୍କୁ ବାରବାଟୀ ସମ୍ମାନ-୨୦୨୫ରେ ସମ୍ମାନିତ କରାଯିବ ବୋଲି ଏକ ପ୍ରେସ ବିବୃତିରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ ଜଣାଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କଟକକୁ ଭଲପାଉଥିବା ବ୍ୟକ୍ତି, କଟକ ସହରର ପୂଜା କମିଟି, ସାହି ମୁରବୀ ଓ ବୁଦ୍ଧିଜୀବୀ ଯୋଗଦେବା ପାଇଁ ସଭାପତି ଅକ୍ଷୟ ପଣ୍ଡା ନିବେଦନ କରିଛନ୍ତି।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର | 24th November, 2025 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ଜଳିଯାଇଥିବା ହୃଦୟ

ପ୍ରେମରେ ବିଫଳ ପ୍ରେମିକ ତା' ପ୍ରେମିକା ନିକଟକୁ ଚିଠିଟିଏ ଦେଲା। ପ୍ରିୟତମା, ଏ ତୁମେ କ'ଣ କଲ? ଏତେଦିନର ସଂପର୍କ ଭୁଲିଗଲ? ଏପରି କରି ତୁମେ ମୋ ହୃଦୟକୁ ଜାଳି ପୋଡ଼ି ପାଉଁଶ କରିଦେଲ।

ପ୍ରେମିକର ପତ୍ର ପାଇବା ପରେ ପ୍ରେମିକାର ଉତ୍ତର- ପ୍ରିୟତମ, ତୁମ ତ୍ୟାଗ କେବେ ବି ବେକାର ଯିବନି। ତାକୁ ପଠେଇଦିଅ। ସେହି ପାଉଁଶରେ ଆମ ଚାକରାଣୀ ବାସନ ମାଜିବ।

# ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପାଇଁ କେଏଲ୍ ରାହୁଲ ଅଧିନାୟକ

**ମୁମ୍ବାଇ,୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପାଇଁ ରବିବାର ୧୫ ଜଣିଆ ଦଳ ଘୋଷଣା କରିଛି ବିସିସିଆଇ। ଆହତ ଅଧିନାୟକ ଶୁବମନ ଗିଲଙ୍କ ଅନୁପସ୍ଥିତିରେ କେଏଲ ରାହୁଲ ନେବେ ଦଳର ନେତୃତ୍ୱ। ଦଳରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସ୍ଥାନ ମିଳିଥିବା ବେଳେ ଫେରିଛନ୍ତି ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ୍ ଓ ତିଲକ ବର୍ମା।

ଅକ୍ଷର ପଟେଲଙ୍କ ସ୍ଥାନରେ ଜାଡେଜାଙ୍କୁ ଅଣାଯାଇଛି। ଅକ୍ଷରଙ୍କୁ ଏହି ସରିଜ୍ ପାଇଁ ବିଶ୍ରାମ ଦିଆଯାଇଛି। ଗତ ମାସରେ ଅଷ୍ଟ୍ରେଲିଆ ଗସ୍ତରେ ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ସାମିଲ କରାଯାଇ ନଥିଲା। ସେହିପରି ଋତୁରାଜ ଗାଏକ୍ୱାଡ୍ ଓ ତିଲକ ବର୍ମା ୨୦୨୩ ଡିସେମ୍ବରରେ ଦକ୍ଷିଣ ଆଫ୍ରିକା ବିରୋଧରେ ସେମାନଙ୍କ ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ। ଏବେ ପୁଣି ସେହି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦିନିକିଆ ଟିମ୍‌କୁ ଫେରିଛନ୍ତି ଏହି ଦୁଇ ଯୁବ ଖେଳାଳି।

ଶୁବମନ ଗିଲଙ୍କ ଭଳି ଆହତ କାରଣରୁ ଶ୍ରେୟସ ଆୟର ମଧ୍ୟ ଟିମ୍‌ରେ ସ୍ଥାନ ପାଇ ନାହାନ୍ତି। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କୁ ବିଶ୍ରାମ ଦିଆଯାଇଛି। ଆହତ ହାର୍ଦ୍ଦିକ ପାଣ୍ଡ୍ୟା ଦଳକୁ ଫେରିପାରି ନାହାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-ଟ୍ୱେଣ୍ଟି ସିରିଜ୍‌ରେ ସେ ଦଳକୁ ଫେରିବେ ବୋଲି କୁହାଯାଉଛି। ସେହିପରି ମହମ୍ମଦ ଶାମିଙ୍କୁ ନେଇ ବହୁ ବିବାଦ ହୋଇଥିବା ସତ୍ତ୍ୱେ ତାଙ୍କୁ ଏଥର ମଧ୍ୟ ଟିମ୍‌ରେ ସାମିଲ କରାଯାଇନାହିଁ। ତେଣୁ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରକୁ ନେଇ ପ୍ରଶ୍ନ ଉଠିଛି।

ନଭେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ୍ ପାଇଁ ୧୫ ଜଣିଆ ଭାରତୀୟ ଦଳରେ ସାମିଲ ହୋଇଥିବା ଖେଳାଳିମାନେ ହେଉଛନ୍ତି- ରୋହିତ ଶର୍ମା, ଯଶସ୍ୱୀ ଜୈସୱାଲ, ବିରାଟ କୋହଲି, ତିଲକ ବର୍ମା, କେଏଲ ରାହୁଲ (ଅଧିନାୟକ/ୱିକେଟ୍ କିପର), ଋଷଭ ପନ୍ତ (ୱିକେଟ୍ କିପର), ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ହର୍ଷିତ ରାଣା, ଋତୁରାଜ ଗାଏକ୍ୱାଡ, ପ୍ରସିଦ୍ଧ କୃଷ୍ଣ, ଅର୍ଶଦୀପ ସିଂହ ଓ ଧ୍ରୁବ ଜୁରେଲ।



ଦିନିକିଆରେ ଟିମ୍‌ର ନେତୃତ୍ୱ ନେବା ରାହୁଲଙ୍କ ପାଇଁ ନୂଆ ନୁହେଁ। ୨୦୨୨ରୁ ୨୦୨୩ ମଧ୍ୟରେ କେଏଲ ରାହୁଲ ୧୨ଟି ଦିନିକିଆ ମ୍ୟାଚ୍‌ରେ ଭାରତର ନେତୃତ୍ୱ ନେଇଛନ୍ତି।

ଟେଷ୍ଟ ସିରିଜ ଶେଷ ହେବା ପରେ ନଭେମ୍ବର ୩୦ ତାରିଖରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ୩୦ ତାରିଖରେ ପ୍ରଥମ ମ୍ୟାଚ୍ ରାଞ୍ଚିରେ ଖେଳାଯିବାକୁ ଥିବା ବେଳେ ଡିସେମ୍ବର ୩ରେ ରାୟପୁରରେ ଦ୍ୱିତୀୟ ଓ ଡିସେମ୍ବର ୬ରେ ବିଶାଖାପଟନମରେ ତୃତୀୟ ଦିନିକିଆ ମ୍ୟାଚ୍ ଖେଳାଯିବ।

ଗତକାଲିଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଜିତିଥିବା ବେଳେ ଏହି ମ୍ୟାଚ୍ ଜିତିବା ଭାରତ ପାଇଁ ଜରୁରୀ। ପୂରା ଦୁଇ ଦିନ ଖେଳି ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୪୯୮ ରନ୍ କରିଛି।

# ନିଶା ଦେଇ ନାବାଳିକାଙ୍କୁ ଗଣଦୁଷ୍କର୍ମ!

**ଭୁବନେଶ୍ୱର,୨୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗୋପାଳପୁର, ବ୍ରହ୍ମଗିରି ଦୁଷ୍କର୍ମ ଘଟଣା ମନରୁ ନ ଯାଉଣୁ ଖୋର୍ଦ୍ଧାରୁ ଆସିଛି ଏଭଳି ଘଟଣା। ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇ କ୍ୟାପିଟାଲ ହସ୍ପିଟାଲରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ବାଘମାରି ପୁଲିସ ଭୁବନେଶ୍ୱର ପହଞ୍ଚି ପୀଡିତାଙ୍କ ବୟାନ ରେକର୍ଡ ବେଳେ ସାମାନକୁ ଆସିଛି ସାଙ୍ଘାତିକ ସତ। କେମିତି ଘଟିଲା ତାହା ଗୋଟିଗୋଟି କରି କହିଛନ୍ତି ପୀଡିତା।

ପ୍ରେମରେ ବିଫଳ ହେବା ପରେ ହତାଶ ପ୍ରେମିକ ଭୁଲେଇ ଭାଲେଇ ନାବାଳିକାଙ୍କୁ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ପାଖକୁ ଡାକିଥିଲା। କାରରେ ବସିବାକୁ କହି ରୁମାଲରେ ନିଶା ଦେଇ ଅଚେତ କରିଥିଲା। ପୀଡିତା ଆଖି ଖୋଲି ଦେଖିବା ବେଳକୁ ତାଙ୍କ ହାତ ଗୋଡ ବନ୍ଧା ଯାଇଥିବା ବେଳେ ସେ ଉଲଗ୍ନ ଅବସ୍ଥାରେ ଏକ ଘର ଭିତରେ ନିଜକୁ ପାଇଥିଲେ। ଚିତ୍କାର କରିବାରୁ ପୁଣି ଥରେ ଅଚେତ୍ କରାଇ ଦେଇଥିଲେ ଦୁଷ୍କର୍ମକାରୀ। ଖୋର୍ଦ୍ଧାର ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ପିଡ଼ିତାଙ୍କୁ ଭେଟିଛି ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳ। ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ଏସପିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫ କରି ଦାବି କରିଛନ୍ତି। ସେପଟେ ଖୋର୍ଦ୍ଧା ଏସପି ଏହି ଘଟଣାର ତଦାରଖ କରୁଛନ୍ତି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ଛାନଭିନ୍ କରିଛି। ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଛି। ସିସିଟିଭି ଯାଞ୍ଚ ସହ ତଥ୍ୟ, ପ୍ରମାଣକୁ ଏକାଠି କରି ୬ ଜଣଙ୍କୁ ଅଟକ ରଖାଯାଇଛି। ତେବେ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ, ପୁରା ଘଟଣା ଉପରୁ ପର୍ଦ୍ଦା ହଟିବ।

# ଅବସର ପରେ ମୁଁ କୌଣସି ପଦବୀ ନେବିନି: ବି.ଆର. ଗବାଇ

**ନୂଆଦିଲ୍ଲୀ,୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟର ୫୨ତମ ମୁଖ୍ୟ ବିଚାରପତି, ବି.ଆର. ଗବାଇ ଆଜି ଅବସର ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ପଦରୁ ଇସ୍ତଫା ଦେବା ପୂର୍ବରୁ ସେ ଘୋଷଣା କରିଥିଲେ ଯେ ସେ ଅବସର ପରବର୍ତ୍ତୀ କୌଣସି ପଦବୀ ଗ୍ରହଣ କରିବେ ନାହିଁ କିମ୍ବା ଅନ୍ୟ କୌଣସି ପ୍ରସ୍ତାବ ଗ୍ରହଣ କରିବେ ନାହିଁ। ସେ ଆଦିବାସୀ ସମ୍ପ୍ରଦାୟ ପାଇଁ କାମ କରିବେ ଏବଂ ଦିଲ୍ଲୀରେ ରହିବେ। ବିଦାୟ ସମାରୋହରେ ବି.ଆର. ଗବାଇ ଅନେକ ପ୍ରସଙ୍ଗରେ ତାଙ୍କର ମତାମତ ରଖିଥିଲେ। ସେ ଅନେକ ବିଷୟ ଉପରେ ପ୍ରଶ୍ନର ଉତ୍ତର ଦେଇଥିଲେ, ଯେତେବେଳେ ଗୋଟିଏ ବିଷୟରେ ମତାମତ ଦେବାକୁ ମନା କରିଥିଲେ।

ବି.ଆର. ଗବାଇ କହିଛନ୍ତି ଯେ ଯଦି ପ୍ରଧାନ ବିଚାରପତି ସରକାରଙ୍କ ସପକ୍ଷରେ ରାୟ ଦିଅନ୍ତି ତେବେ ସେ ଜଣେ ସ୍ୱାଧୀନ ବିଚାରପତି ନୁହଁନ୍ତି ବୋଲି କହିବା ଭୁଲ। ଏସସି ଏବଂ ଏସଟି ପାଇଁ ସଂରକ୍ଷଣରେ ମଧ୍ୟ କ୍ରିମି ଲେୟାର ସିଷ୍ଟମ କାର୍ଯ୍ୟକାରୀ କରାଯିବା ଆବଶ୍ୟକ, ଯାହା ସଂରକ୍ଷଣର ଲାଭ ସେମାନଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବାରେ ସାହାଯ୍ୟ କରିବ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି। ଆଜିକାଲି ସୋସିଆଲ ମିଡିଆ ଏକ ସମସ୍ୟା ପାଲଟିଛି, ଆମେ ଯାହା କହୁନାହୁଁ ତାହା ମଧ୍ୟ ଲେଖା ଏବଂ ପ୍ରସାରିତ ହେଉଛି। ତଥାପି ଏହା କେବଳ ନ୍ୟାୟପାଳିକା ପାଇଁ ଏକ ସମସ୍ୟା ନୁହେଁ; ସରକାରଙ୍କ ଅନେକ ଅଂଶ ଏହା ଦ୍ୱାରା ପ୍ରଭାବିତ।

ରାଷ୍ଟ୍ରପତିଙ୍କ ସନ୍ଦର୍ଭର ନିଷ୍ପତ୍ତି ଉପରେ ବକ୍ତବ୍ୟ ରଖି ବି.ଆର. ଗବାଇ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି ଯେ ଏଫଆଇଆର ରୁଜୁ ହେବ କି ନାହିଁ କିମ୍ବା ବିଚାରପତିଙ୍କ ଘରୁ ଟଙ୍କା ମିଳିଲେ ସିଜେଆଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ କି ନାହିଁ। ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ ବିଲ୍ ଅନୁମୋଦନ ପାଇଁ ସମୟ ସୀମା ରାଷ୍ଟ୍ରପତିଙ୍କ ସନ୍ଦର୍ଭ ନିଷ୍ପତ୍ତିରେ ସ୍ଥିର କରାଯାଇପାରିବ ନାହିଁ କି ଏହି ପ୍ରଶ୍ନ ସମ୍ପର୍କରେ ସିଜେଆଇ ଗବାଇ କହିଛନ୍ତି ଯେ ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ଏହି ନିଷ୍ପତ୍ତିକୁ ବାତିଲ କରିନାହାଁନ୍ତି, ବରଂ ଭବିଷ୍ୟତର ବିବାଦକୁ ଏଡାଇବା ପାଇଁ କ'ଣ କରାଯିବା ଉଚିତ ଏବଂ କ'ଣ କରାଯିବା ଉଚିତ ନୁହେଁ ତାହା ଉପସ୍ଥାପନ କରିଛନ୍ତି।

# ମଶାଙ୍କ ଯୋଗୁ କମ୍ବଳ ବଦଳରେ ମଶାରୀ ଖୋଜା

**ଭୁବନେଶ୍ୱର,୨୩।୧୧: ତଥ୍ୟ**

ରାଜଧାନୀରେ ହଠାତ୍ ମଶାଙ୍କ ସାନ୍ଦ୍ରତା ହୁ ହୁ ହୋଇ ବଢୁଥିବାରୁ ଲୋକେ ଶୀତ ପାଇଁ କମ୍ବଳ କିଣିବେ ନା ମଶା ଦାଉରୁ ରକ୍ଷା ପାଇବାପାଇଁ ମଶାରୀ ଖରିଦ କରିବେ ତାହା ଜାଣିପାରୁ ନାହାନ୍ତି। ଲୋକେ ମଶା କାମୁଡାରେ ଅସ୍ତବ୍ୟସ୍ତ ହେଉଥିବାବେଳେ ବିଏମ୍‌ସି କିନ୍ତୁ ନିଘୋଡ ନିଦରେ ଶୋଇଥିବା ଭଳି ଲକ୍ଷ୍ୟ କରାଯାଉଛି।



ସହରରେ ଶୀତର ପ୍ରକୋପ ବଢିବା ସହିତ ହଠାତ୍ ମଶାଙ୍କ ପ୍ରକୋପ ବି ବଢି ଯାଇଛି। ତିନି ଚାରିଦିନ ମଧ୍ୟରେ ସାରା ସହରରେ ମଶା ଭଣ ଭଣ ହେଉଛନ୍ତି। ରାତିବେଳା ତ ଦୂରରକଥା ଦିନରେ ବି ଲୋକଙ୍କୁ କାମୁଡିରେ ଲାଗିଛନ୍ତି। ସଞ୍ଜ ହେଲେ ଲୋକେ ଘର ବାହାରେ ଟିକେ ଛିଡାହୋଇ ପାରୁନାହାନ୍ତି। ଘର ଝରକା କବାଟ ଖୋଲିଲା ମାତ୍ରେ ମାଶାମାନେ ଘର ଭିତରେ ପଶି କାମୁଡୁଛନ୍ତି।

ମଶା ମାରିବାପାଇଁ ବିଏମ୍‌ସି ନିକଟରେ ମଶାଧୂଆଁ ଛାଡିବା ଯନ୍ତ୍ର ଠାରୁ ଆରମ୍ଭ କରି ମଶାତେଲ ସିଞ୍ଚନ ପର୍ଯ୍ୟନ୍ତ ସମସ୍ତ ସାଧନ ରହିଛି। ହେଲେ ବିଏମସି କାହିଁକି ଏହାର ସଦୁପଯୋଗ କରୁନାହିଁ ତାହା କେହି ବି ଜାଣିପାରୁ ନାହାନ୍ତି। ଓଲଟା ବିଏମ୍‌ସିର ବାବୁମାନେ ବି ମଶା କାମୁଡାରେ କଲବଲ ହେଉଥିଲେ ବି କାହାରିକୁ କିଛି କହିପାରୁ ନାହାନ୍ତି।

ଅଳ୍ପଦିନ ତଳେ ରାଜଧାନୀରୁ ମଶାବଂଶ ନିପାତ ପାଇଁ ବିଏମ୍‌ସି ଘୋଷଣା କରିବା ସହିତ ଗମ୍ବୁସିଆ ମାଛ ଛାଡିବା ନେଇ ଘୋଷଣା କରିଥିଲା। ହେଲେ ଏବେ ଗମ୍ବୁସିଆ ମାଛ ବିଏମସି କେଉଁଠି ଛାଡିଲା ଓ ଏମାନଙ୍କ ସହାୟତାରେ ମଶା କେତେ ହ୍ରାସ ହେଲା ତାହା ସହରବାସୀ ଜାଣିପାରୁ ନାହାନ୍ତି।

ସହରରେ ହଠାତ୍ ମଶାବଂଶ ବଢିଯିବାରୁ ଏବେ ଲୋକେ କମ୍ବଳ ବଦଳରେ ମଶାରୀ କିଣିବାରେ ଲାଗିଛନ୍ତି। ଅନେକ ଲୋକେ ମଶା ଘଉଡା ଧୂପ ସହିତ ମଶା ମରା ଇଲେକ୍ଟ୍ରିକ ର୍ୟାକେଟ ବି କିଣୁଛନ୍ତି। ସାଧାରଣତଃ ଶୀତ ଅଧିକ ଜୋରରେ ହେଲେ ମଶାଙ୍କ ସାନ୍ଦ୍ରତା ହ୍ରାସ ପାଇଥାଏ। ହେଲେ ଏଥର କିନ୍ତୁ ସେଥିରେ ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ରାଜଧାନୀର ତାପମାତ୍ରା ଦୁଇ ଦଶନ୍ଧିର ରେକର୍ଡ ଭାଙ୍ଗିଥିବାବେଳେ ଶୀତଦିନେ ମଶାଙ୍କ କାମୁଡା ବି ପୂର୍ବବର୍ଷର ରେକର୍ଡ ଭାଙ୍ଗିବାରେ ଲାଗିଛି।

ମଶା ମୁକାବିଲା ପାଇଁ ବିଏମ୍‌ସି ଯେଉଳି ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକଥା ତାହା ପରିଲକ୍ଷିତ ହେଉନାହିଁ। ସହରର ମଶାବଂଶ ବୃଦ୍ଧିର ପ୍ରମୁଖ କାରଣ ୧୧ଟି ବଡ ବଡ ନାଳ ସହିତ ସହର ମଝିରେ ଥିବା ଗୋରୁ ଗୁହାଳଗୁଡିକ ହୋଇଥିବାବେଳେ ଏଠାରେ କିଭଳି ମଶାବଂଶ ବୃଦ୍ଧି ନପାଇବ ତାହା ଉପରେ ତୁରନ୍ତ ପଦକ୍ଷେପ ନେବାକୁ ମତପ୍ରକାଶ ପାଉଛି। ତେବେ ଶୀତଦିନେ ସହରରେ ହଠାତ୍ ଏଭଳି ମଶାଙ୍କ ବଂଶବୃଦ୍ଧି ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିବାବେଳେ ଖୁବ୍‌ଶୀଘ୍ର ସହରରେ ମଶାକାମୁଡା ଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରୁଛନ୍ତି।

# ଛତିଶଗଡ଼ରେ ବୁଲା କୁକୁରଙ୍କ ଉପରେ ନଜର ରଖିବେ ଶିକ୍ଷକ

**ରାୟପୁର,୨୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଛତିଶଗଡ଼ରେ ଶିକ୍ଷା ବିଭାଗ ଦ୍ୱାରା ଜାରି ଏକ ଅଜବ ନିର୍ଦ୍ଦେଶ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଶିକ୍ଷକମାନଙ୍କୁ ବୁଲା କୁକୁରମାନଙ୍କ ଉପରେ ନଜର ରଖିବାର ଦାୟିତ୍ୱ ଦିଆଯାଇଛି। ଏହି କାର୍ଯ୍ୟରେ ପ୍ରଧାନଶିକ୍ଷକ ଏବଂ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଛି। ଏବେ, ଛତିଶଗଡ଼ର ଶିକ୍ଷକମାନେ ପ୍ରଶ୍ନ କରୁଛନ୍ତି ଯେ ସେମାନେ ପିଲାମାନଙ୍କୁ ପାଠ ପଢ଼ାଇବା ଉଚିତ କି ବୁଲା କୁକୁରମାନଙ୍କ ଉପରେ ନଜର ରଖିବା ଉଚିତ। ଛତିଶଗଡ଼ ଗଣଶିକ୍ଷା ନିର୍ଦ୍ଦେଶାଳୟର ଏହି ନିର୍ଦ୍ଦେଶ ଆଶ୍ଚର୍ଯ୍ୟଜନକ। ଏହି ଡିପିଆଇ ନିର୍ଦ୍ଦେଶ ଅନୁଯାୟୀ, ରାଜ୍ୟରେ ବୁଲା କୁକୁରମାନଙ୍କ ଉପରେ ନଜର ରଖିବା ଏବଂ ଧରିବା ଦାୟିତ୍ୱ ସରକାରୀ ସ୍କୁଲ ଶିକ୍ଷକମାନଙ୍କୁ ଦିଆଯାଇଛି। ଏହି କାର୍ଯ୍ୟ ପାଇଁ ସ୍କୁଲ ପ୍ରଧାନଶିକ୍ଷକମାନଙ୍କୁ ନୋଡାଲ ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ଏହି ନିର୍ଦ୍ଦେଶ ପରେ ଶିକ୍ଷକମାନେ ରାଗିଯାଇଛନ୍ତି। ଛତିଶଗଡ଼ ଶିକ୍ଷକ ସଂଘ (ସିଏଚ୍‌ଏଫ୍) କହିଛି, 'ପ୍ରଥମେ ଏସ୍‌ଆଇଆର ଦାୟିତ୍ୱ, ଏବେ କୁକୁର ଧରିବା ଦାୟିତ୍ୱ। ଶେଷରେ ଶିକ୍ଷକମାନେ କେବେ ପିଲାମାନଙ୍କୁ ପଢ଼ାଇବେ?' ଏହି ପ୍ରସଙ୍ଗରେ ବିରୋଧୀ ଦଳ ମଧ୍ୟ ଶିକ୍ଷକମାନଙ୍କ ସହିତ ଠିଆ ହୋଇଥିବା ଦେଖାଯାଉଛି। କଂଗ୍ରେସ ଦଳ ଏହି ସରକାରୀ ନିର୍ଦ୍ଦେଶକୁ ରାଜ୍ୟର ଶିକ୍ଷକମାନଙ୍କ ପ୍ରତି ଏକ ଅତ୍ୟାଚାର ବୋଲି କହିଛି। କଂଗ୍ରେସ ଦଳର କହିବା ଅନୁଯାୟୀ, ଶିକ୍ଷକମାନଙ୍କୁ ପୂର୍ବରୁ ଏସ୍‌ଆଇଆର ଏବଂ ନିର୍ବାଚନ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଯଦି ସେମାନଙ୍କୁ କୁକୁର ଧରିବା ଦାୟିତ୍ୱ ମଧ୍ୟ ଦିଆଯାଏ, ତେବେ ପିଲାମାନଙ୍କ ଶିକ୍ଷାର କ'ଣ ହେବ? ପ୍ରକୃତରେ, ଡିପିଆଇଙ୍କ ନିର୍ଦ୍ଦେଶ ସମସ୍ତ ଯୁଗ୍ମ ଶିକ୍ଷା ନିର୍ଦ୍ଦେଶକ, ଡିଭିଜନ କାର୍ଯ୍ୟାଳୟ, ଛତିଶଗଡ଼ ଏବଂ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଛତିଶଗଡ଼କୁ ଜାରି କରାଯାଇଛି।

# କଳିଙ୍ଗ କପ ହେଉଛି ଶ୍ରମ ଓ ସଂଘର୍ଷର ସମ୍ମିଳିତ ଫଳ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର ସଦର,୨୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗ କପ ହେଉଛି ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ଫଳ। ଖେଳ କେବଳ ଶାରୀରିକ କ୍ରିୟାନୁଷ୍ଠାନ ନୁହେଁ, ବରଂ ଏକ ଜୀବନ ଶୈଳୀ, ଏକ ମନୋଭାବ। ଦଳୀୟ ଆତ୍ମା, ସମୟନୁଷ୍ଠାନ, ଶିଷ୍ଟାଚାର ଓ ସମ୍ମାନ ଏହି ସବୁ ହେଉଛି ଏହି ପ୍ରତିଯୋଗିତାର ପ୍ରକୃତ ଲକ୍ଷ୍ୟ। କେନ୍ଦୁଝରର ରାଇକଳା ଠାରେ ଆୟୋଜିତ କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ 'ଅନୁରାଗ ଏଫ୍‌ସି, ଶୁଆକାଟୀ' ଦଳକୁ ପୁରସ୍କୃତ କରିବା ସହିତ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ୭ମ ସର୍ବଭାରତୀୟ ମିନି କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତ ୧୨ ତାରିଖ ଠାରୁ ରାଇଜିଂ ଷ୍ଟାର, ରାଇକଳା ଦ୍ୱାରା ଆୟୋଜିତ ହୋଇଥିଲା ଏବଂ ଏହାର ଫାଇନାଲ ମ୍ୟାଚ ଅନୁରାଗ ଏଫ୍‌ସି, ଶୁଆକାଟୀ ଏବଂ ରିଷି ଫାଇଟର, ଝୁମ୍ପୁରା ମଧ୍ୟରେ ହୋଇଥିଲା। ରନର୍ସ ଅପ ରିଷି ଫାଇଟର, ଝୁମ୍ପୁରାକୁ ୧.୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ। ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି। ବିଗତ ଦିନରେ ଓଡିଶା ଦ୍ୱାରା ଓଡ଼ିଶା ଇଣ୍ଡିଆନ୍ ସୁପର ଲିଗ୍, କଳିଙ୍ଗ ସୁପର କପ୍, ଡବ୍ଲ୍ୟୁଏଫ୍ ଓଡ଼ିଶା ମାଷ୍ଟର୍ସ (ବ୍ୟାଡମିଣ୍ଟନ୍), ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ଆଦି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡା ଇଭେଣ୍ଟ ସଫଳତାର ସହିତ ଆୟୋଜନ ହୋଇଛି। ଭାରତରେ କ୍ରୀଡା ପାଇଁ ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଓଡିଶାର ମର୍ଯ୍ୟାଦା ଅଧିକ ସୁଦୃଢ଼ ହୋଇଛି। ଗୋଷ୍ଠୀସ୍ତରୀୟ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଏବଂ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ଏକ ପରିବର୍ତ୍ତନମୂଳକ ପଦକ୍ଷେପ ଭାବରେ ସି.ଏମ୍. ଟ୍ରଫି ଶୁଭାରମ୍ଭ କରାଯାଇଛି। ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧ରୁ ଶୀତ...

ଏହାର ବିଧାନସଭା ଭଙ୍ଗ କିମ୍ବା ସ୍ଥଗିତ କରାଯାଏ) ସମ୍ପର୍କରେ ଆଇନ ପ୍ରଣୟନ କରିବାର କ୍ଷମତା ପ୍ରଦାନ କରେ। ରାଷ୍ଟ୍ରପତି ଏହି କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାନ୍ତି, ବିକାଶ ଏବଂ ସୁଶାସନ ପାଇଁ ଆଇନ ପ୍ରଣୟନ କରିପାରିବେ।

### ତିନି ଦୁର୍ଦ୍ଦାନ୍ତ...

ଗତ ୧୯ ତାରିଖ ରାତିରେ ସମାନ ଢଙ୍ଗରେ ଡକାୟତମାନେ କୋଇଡା ବଜାରର ମା' ତାରିଣୀ ଟ୍ରାନ୍ସପୋର୍ଟରୁ ଲୁଟ୍‌ପାଟ୍ କରିଥିଲେ। ବନ୍ଧୁକ ଦେଖାଇ ଲୁଟି ନେଇଥିଲେ ସାଢ଼େ ୩ ଲକ୍ଷ ଟଙ୍କା। ସେହିପରି କୋଇଡା ରେଙ୍ଗାଲବେଡାରେ ଦୁଇ ଗାଡିମାଲିକଙ୍କୁ ବନ୍ଧୁକ ଦେଖାଇ ଦୁଇଲକ୍ଷ ଲେଖାଏଁ, ମୋଟ ୪ ଲକ୍ଷ ଲୁଟିନେଇ ଚମ୍ପଟ ମାରିଥିଲେ। ଡକାୟତମାନେ ପୁଲିସକୁ ଖାତିର ନକରି ବେଧଡକ ଲୁଟ୍ କରୁଥିଲେ। ଖଣି ଅଞ୍ଚଳରେ ଏମିତି ଗୋଟିଏ ପରେ ଗୋଟିଏ ଟ୍ରାନ୍ସପୋର୍ଟ ଅଫିସକୁ ଟାର୍ଗେଟ୍ କରୁଥିଲେ ଅପରାଧୀ। ବାରମ୍ବାର ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଭୟରେ ଥିଲେ ଉଭୟ ମାଲିକ ଓ କର୍ମଚାରୀ।

ବାଙ୍କୋର ବରସୁଆଁ ଡକାୟତି ଏବଂ କୋଇଡାରେ ଦୁଇଟି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କୁଖ୍ୟାତ ଚାଣ୍ଡେ (ଚନ୍ଦା ନାୟକ) ଗ୍ୟାଙ୍ଗ ଗିରଫ ହୋଇଛି। ଲହୁଣୀପଡ଼ା ଓ ଚାନ୍ଦିପୋଷ ପିଏସରେ ପୁଲିସ ସହ ଗୁଳିବିନିମୟ ପରେ ଗ୍ୟାଙ୍ଗର ୩ ସଦସ୍ୟ ଖସିଯିବା ସମୟରେ ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ବ୍ୟବହୃତ ୩ଟି ବନ୍ଧୁକ, ଗୁଳି, ସ୍କୋର୍ପିଓ ଗାଡ଼ି ଏବଂ ନଗଦ ଜବତ କରାଯାଇଛି। ଏହି ଗ୍ୟାଙ୍ଗ ବିରୋଧରେ ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ବହୁ ମାମଲା ରହିଛି।

### ଭୋଟ ନଦେଲେ...

ଅସ୍ୱୀକାର କର ମୁଁ ବି ତୁମକୁ ଅସ୍ୱୀକାର କରିଦେବି। ତୁମ ପାଖରେ ଭୋଟ ଅଛି ତ ମୋ ପାଖରେ ଧନ ଅଛି। ଏହି ନିର୍ବାଚନ ପ୍ରଚାରରେ ପାୱାର ତାଙ୍କ ଏନସିପି (ଅ) ପ୍ରାର୍ଥୀମାନଙ୍କୁ ବିଜୟୀ କରିବାକୁ ନିବେଦନ କରିଛନ୍ତି। ବିଜେପି-ଏନସିପି-ଶିବସେନା ସରକାରରେ ରାଜ୍ୟର ଅର୍ଥମନ୍ତ୍ରାଳୟ ସମ୍ଭାଳୁଥିବା ଅଜିତ ପାୱାରଙ୍କ ବୟାନ ଚର୍ଚ୍ଚା ହେବା ପରେ ଏବେ ବିରୋଧୀ ଦଳମାନେ ତାଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛନ୍ତି। ଶିବସେନା (ଉ) ନେତା ଅମ୍ବାଦାସ ଦାନୱେ ଅଜିତ ପାୱାରଙ୍କ ଉପରେ ଭୋଟରଙ୍କୁ ଧମକାଇବା ଓ ଡରାଇବାର ଅଭିଯୋଗ ଆଣିଛନ୍ତି। ଦାନୱେ କହିଛନ୍ତି ଯେ ଧନ ସାଧାରଣ ଲୋକଙ୍କ କରରୁ ଆସୁଛି, ଅଜିତ ପାୱାରଙ୍କ ଘରୁ ଆସୁନି। ଏଥିରେ ପାୱାରଙ୍କ ଭଳି ନେତା ଭୋଟରଙ୍କୁ ଖୋଲାଖୋଲି ଧମକ ଦେଉଥିବା ବେଳେ ନିର୍ବାଚନ କମିସନର କଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପାୱାରଙ୍କ ନେତୃତ୍ୱାଧୀନ ଏନସିପି(ଅ) ମାଲେଗାଓଁ ନଗର ପଞ୍ଚାୟତ ନିର୍ବାଚନ ନିମନ୍ତେ ବିଜେପି ସମର୍ଥିତ ପ୍ୟାନେଲ ସହିତ ମେଣ୍ଟ କରିଛନ୍ତି। ଏଠାରେ ଡିସେମ୍ବର ୨ ତାରିଖରେ ଭୋଟଗ୍ରହଣ ଅନୁଷ୍ଠିତ ହେବ।

### ପ୍ରେମିକାର ତଣ୍ଟି...

ସନ୍ଦେହ କରୁଥିଲେ। ଆଉ ସେହି କଥାକୁ ନେଇ ଆଜି ସକାଳେ ବୁଦ୍ଧ ପାର୍କ ନିକଟରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଉଭୟଙ୍କ ମଧ୍ୟରେ କଥା କଟାକଟି ଚାଲିଥିବା ବେଳେ ଯୁବକ ଜଣଙ୍କ ଏକ ଧାରୁଆ ଅସ୍ତ୍ରରେ ପ୍ରେମିକାଙ୍କ ତଣ୍ଟି କାଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବତୀ ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଏହା ସହିତ ଅଭିଯୁକ୍ତ ଯୁବକଙ୍କୁ କାବୁ କରି ପୁଲିସ ଜିମାରେ ଦେଇଥିଲେ।

### ଯୁବକଙ୍କୁ ହାତୁଡ଼ିରେ...

କରିଥିଲେ। ବିଳମ୍ବିତ ରାତିରେ ପିଣ୍ଟୁ ଗାଁ ମଣ୍ଡପରେ ବସିଥିବାବେଳେ ଜାଗୁଲା, ତାଙ୍କ ବାପା ଯୁଗଳ ଏବଂ ଅନ୍ୟ ୩ ଜଣ ମିଶି ତାଙ୍କୁ ହାତୁଡାରେ ଅତି ନିର୍ମମ ଭାବେ ପିଟିଥିଲେ। ଘଟଣାସ୍ଥଳରେ ହିଁ ପିଣ୍ଟୁଙ୍କ ମୃତ୍ୟୁ ହୋଇଛି। ପାଟିତୁଣ୍ଡ ଶୁଣି ପିଣ୍ଟୁଙ୍କ ବାପା ମାଆ ଘଟଣାସ୍ଥଳକୁ ଆସିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଅଟକ ରଖିଛି।

### ଠାକୁରାଣୀଙ୍କ ନିକଟରେ...

ଶବାଗାରରେ ରଖାଯାଇଛି। ବୁଦ୍ଧଦେବଙ୍କ ପୁଅ ସୂର୍ଯ୍ୟକାନ୍ତଙ୍କ ଅଭିଯୋଗ ପାଇ ରାଜନଗର ପୋଲିସ ଥାନପତିଙ୍କ ନିକଟରେ ପହଂଚି ଗଣ୍ଡଗୋଳରେ ସଂପୃକ୍ତ ମୁଖ୍ୟ ଚିତ୍ତରଞ୍ଜନଙ୍କ ସହ ଚାରିଜଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରା ଉଚରା କରିବା ସହ ଶବକୁ ଜବତ କରିଛି। ଖବରପାଇ ଏସଡିପିଓ କ୍ଷମାସାଗର ପଣ୍ଡା ପହଂଚି ଘଟଣାର ଅନୁଧ୍ୟାନ କରୁଥିବା ଜଣାପଡିଛି।

### ମା'ମାନେ...

ହୋଇଛି। ଦିନକୁ ଦିନ ଓଡ଼ିଶାରେ ମହିଳାମାନଙ୍କ ଉପରେ ବଢୁଥିବା ଅତ୍ୟାଚାର ଏବଂ ଦୁଷ୍କର୍ମ ପରି ଘଟଣା ସମସ୍ତଙ୍କୁ ବିଚଳିତ କରିଦେଉଛି। ସରକାର ନିଦରୁ ଉଠନ୍ତୁ, ଦୋଷୀଙ୍କ ବିରୋଧରେ ତୁରନ୍ତ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

### ଏବେ ନୁହେଁ...

ଆଶାତୀତ ସଫଳତା ପାଏ ତେବେ ମୋହନ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ସରକାରର ନବକଳେବର ହେବା ସାଙ୍ଗକୁ ଖାଲିଥିବା ମନ୍ତ୍ରୀ ପଦ ପୂରଣ ଓ ମନ୍ତ୍ରୀମାନଙ୍କ ବିଭାଗରେ ବ୍ୟାପକ ଅଦଳବଦଳ ହୋଇପାରେ।

### ଅନୁପ୍ରବେଶକାରୀଙ୍କ...

ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ମତପ୍ରକାଶ ପାଉଛି। ଏପରିକି ବସ୍ତିରେ କିଛିଦିନ ରହିବାପରେ ଏଠାରେ ଆଧାରକାର୍ଡ ଠାରୁ ରାସନକାର୍ଡ ହାତେଇଥିବା ଲୋକଙ୍କର ମଧ୍ୟ ଯାଞ୍ଚ କରିବାକୁ କୁହାଯାଉଛି।

# ମାସ ମାସ ଧରି ଦିନରାତି ଜଳୁଛି ଷ୍ଟ୍ରିଟଲାଇଟ: ଲକ୍ଷଲକ୍ଷ ଟଙ୍କା ବରବାଦ

**ଭୁବନେଶ୍ୱର,୨୩।୧୧**
**ପ୍ରଦୀପ୍ତ କୁମାର ଦାସ**

ଭୁବନେଶ୍ୱର ସ୍ମାର୍ଟସିଟିବାସୀଙ୍କୁ ଉନ୍ନତମାନର ଷ୍ଟ୍ରିଟ ଲାଇଟ ସେବା ଯୋଗାଇ ଦିଆଯାଉଛି ବୋଲି ବିଏମସି କହୁଛି। ଏଥିପାଇଁ ବିଏମସି ବାର୍ଷିକ ପ୍ରାୟ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛି। କେବଳ ଏଥିରେ ବ୍ୟବହାର ହେଉଥିବା ବିଜୁଳି ଦେୟ ବାବଦକୁ ପ୍ରାୟ ୧୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିଏମସି ଖର୍ଚ୍ଚ କରୁଛି। ଜନସାଧାରଣଙ୍କ ସେବାରେ ସମଗ୍ର ଭୁବନେଶ୍ୱର ସହରାଞ୍ଚଳରେ ପାଖାପାଖି ମୋଟ ୭୭ ହଜାର ଷ୍ଟ୍ରିଟଲାଇଟ ପଏଣ୍ଟ ଓ ୧୩୧ରୁ ଅଧିକ ହାଇମାଷ୍ଟ ଲାଇଟ ମଧ୍ୟ ବ୍ୟବହାର ହେଉଛି ବୋଲି ବିଏମସି ପକ୍ଷରୁ କୁହାଯାଉଛି। ଏହି ସେବାର ସୁପରିଚାଳନା ପାଇଁ ଏସବୁର ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ ବିଏମସି ବିଦ୍ୟୁତ ବିଭାଗର ଜଣେ ନିର୍ବାହୀ ଯନ୍ତ୍ରୀ, ୨ଜଣ କନିଷ୍ଠ ଯନ୍ତ୍ରୀ, ଜଣେ କନିଷ୍ଠ ସହାୟକ, ଅନ୍ୟାନ୍ୟ ଅଫିସ କର୍ମଚାରୀ ଓ କ୍ଷେତ୍ର କର୍ମଚାରୀଙ୍କ ସମେତ ମୋଟ ପ୍ରାୟ ୭୫ ଜଣ ନିୟୋଜିତ ହୋଇଥିବା କୁହାଯାଉଛି। ଏହାବାଦ ଏଥିରେ ୩ଟି ବେସରକାରୀ ଠିକା ସଂସ୍ଥା ତଥା ପ୍ରାଇଭେଟ ଏଜେନ୍ସୀକୁ ଏହାର ମରାମତି ଓ ଆନୁସଙ୍ଗିକ ସାମଗ୍ରୀ ଯୋଗାଣ ନିମନ୍ତେ ମଧ୍ୟ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ବିଏମସିର ବିଦ୍ୟୁତ ବିଭାଗ ଅନ୍ତର୍ଗତ ଏହି ଷ୍ଟ୍ରିଟଲାଇଟ ସେକ୍ସନ ଅଧୀନରେ ଏମାନେ କାର୍ଯ୍ୟନିର୍ବାହ କରନ୍ତି। ମାତ୍ର କ୍ଷେତ୍ର ଦାୟିତ୍ୱରେ ଥିବା ସମ୍ପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଠିକାସଂସ୍ଥାର ଅବହେଳା ତଥା ଦାୟିତ୍ୱହୀନତା କାରଣରୁ ସହରର ଅନେକ ସ୍ଥାନରେ ଅଯଥାରେ ଦିନ ତମାମ ଷ୍ଟ୍ରିଟ ଲାଇଟ ଜଳୁଥିବାର ଦେଖାଯାଉଛି। ସ୍ୱୟଂକ୍ରିୟ ଭାବେ ପ୍ରତିଦିନ ସନ୍ଧ୍ୟା ପୂର୍ବରୁ ନିର୍ଦ୍ଦିଷ୍ଟ ସମୟରେ ଏହି ଆଲୁଅ ସବୁ ଜଳି ରାତି ପାହିବା ପରେ ଅର୍ଥାତ ସକାଳେ ଆପେ ଆପେ ଲିଭିଯିବାର ବ୍ୟବସ୍ଥା କରାଯାଇଛି। ଏହାକୁ ବ୍ୟବସ୍ଥିତ ଭାବେ କାର୍ଯ୍ୟକ୍ଷମ କରିବାକୁ ସେନ୍ସର ସଂଯୁକ୍ତ ସ୍ୱୟଂକ୍ରିୟ ଇଲେକ୍ଟ୍ରୋନିକ ଟାଇମର ସବୁ ମଧ୍ୟ ଏଥିରେ ଖଞ୍ଜାଯାଇଛି। ମାତ୍ର ନିୟମିତ ଉପଯୁକ୍ତ ଭାବେ କ୍ଷେତ୍ର ପରିଦର୍ଶନ କରି ଏହାର ତଦାରଖ ତଥା ଯାଞ୍ଚ କରାଯାଉନଥିବାରୁ ଏଥିରେ ଏଭଳି ତ୍ରୁଟି ବିଚ୍ୟୁତି ହେବା ଲକ୍ଷ୍ୟ କରାଯାଉଛି।



ଏପରିକି ରାଜଧାନୀର ଅନେକ ସ୍ଥାନରେ ଦୀର୍ଘ ମାସ ମାସ ଧରି ଦିବାରାତ୍ର ଷ୍ଟ୍ରିଟଲାଇଟ ଜଳୁଥିଲେ ହେଁ ସେଥିପ୍ରତି ବିଭାଗୀୟ କ୍ଷେତ୍ର ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ନିଘା ନାହିଁ। ଏହାଫଳରେ ଅଯଥାରେ ଦିନସାରା ଏହି ଲାଇଟ ସବୁ ଜଳି ବିପୁଳ ବିଦ୍ୟୁତ ଶକ୍ତିର ଅପଚୟ/ଅପବ୍ୟବହାର ହେଉଛି। ଏଥିଯୋଗୁଁ ଅଯଥା ବିପୁଳ ଶକ୍ତି ଅପଚୟ ଘଟି ସେ ବାବଦରେ ଲକ୍ଷଲକ୍ଷ ଟଙ୍କା ବର୍ବାଦ ହେଉଛି। ମାତ୍ର ବିଭାଗୀୟ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀ ଏଥିପ୍ରତି ବେଫିକର। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରବିବାର ସ୍ଥାନୀୟ ସିରିପୁର ଜାଗମରା ମୁଖ୍ୟ ରାସ୍ତା ମେଡିଆନରେ ଥିବା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଷ୍ଟ୍ରିଟ ଲାଇଟ। ଏଗୁଡିକ ଦିନ ସାରା ଜଳୁଥିବା ଦେଖିବାକୁ ମିଳିଥିଲା।

ସେହିପରି ସ୍ଥାନୀୟ କଟକ ରୋଡ଼ର ବୁଦ୍ଧେଶ୍ୱରୀ ମନ୍ଦିର ନିକଟରୁ ପୁରୁଣା ଷ୍ଟେସନ ବଜାର ଛକ ଦେଇ କଳ୍ପନା ଛକ ରାସ୍ତାର ମେଡିଆନରେ ଥିବା ପ୍ରାୟ ଶତାଧିକ ଷ୍ଟ୍ରିଟ ଲାଇଟ ଦିନ ସାରା ଜଳୁଥିବା ଦେଖାଯାଇଥିଲା। ଏହାଛଡ଼ା ଖାରବେଳ ନଗରର ବ୍ଲାଇଣ୍ଡ ଆସୋସିଏସନ ସମ୍ମୁଖ ରାସ୍ତା, ସତ୍ୟନଗର ଫ୍ଲାଇ ଓଭର ବ୍ରିଜ ନିକଟସ୍ଥ ରେଲୱେ କୋଚିଂ ଡିପୋ ସମ୍ମୁଖ ରାସ୍ତା ପାର୍ଶ୍ୱ, ବୁଦ୍ଧେଶ୍ୱରୀ କଲୋନୀର କିଛି ସ୍ଥାନ, କଳ୍ପନା ଫ୍ଲାଟ ଅଂଚଳ ଓ ବିଜେବି ନଗର ଅଂଚଳର କେତେକ ସ୍ଥାନରେ ଥିବା ରାସ୍ତା ଲାଇଟ ଦୀର୍ଘ ମାସ ମାସ ଧରି ନଲିଭି ଦିନମାନ ଜଳୁଥିବା ଦେଖାଯାଉଛି। ତେବେ ଏହି ଦାୟିତ୍ୱରେ ଥିବା କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନେ ଏଥିପାଇଁ ନିହାତି ଉତ୍ତରଦାୟୀ ବୋଲି କୁହାଯାଉଥିବାବେଳେ ଏହି ସେବାରେ ଘଟୁଥିବା ଏଭଳି ବିଭ୍ରାଟକୁ ନେଇ ସହରର ସଚେତନ ନାଗରିକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ